ବର୍ଷ-୫୭ : ସଂଖ୍ୟା-୫ ମେ, ୨୦୨୬ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୬


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀମା'ଙ୍କ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଯୋଗର ପଥ | ··· | ଶ୍ରୀମା | ··· | ୬ |
| ପ୍ରତ୍ୟାଖ୍ୟାନ | ··· | ଶେଖ ଅବଦୁଲ କାଶମ | ··· | ୭ |
| ସମ୍ଭାବନାର ବ୍ୟାପକତା | ··· | ମନୋଜ ଦାସ | ··· | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୪) | ··· | ··· | ··· | ୧୩ |
| ସିଦ୍ଧାନ୍ତ-ସମନ୍ୱୟ | ··· | ରାମକୃଷ୍ଣ ଦାସ | ··· | ୧୮ |
| ମା' ଆପଣ ଏମିତି କହିଛନ୍ତି ... (୧୧) | ··· | ହୁତା ହିନ୍ଦୋଚା | ··· | ୨୧ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୬) | ··· | ପ୍ରପତ୍ତି | ··· | ୨୫ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୯) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୯ |
| କାରା-ଜୀବନୀ (୧୪) | ··· | ଉଲ୍ଲାସକର ଦତ୍ତ | ··· | ୩୩ |
| ମା'ଙ୍କ ପାଦ (କବିତା) | ··· | ଶରତଚନ୍ଦ୍ର ରଥ | ··· | ୩୫ |
| ବ୍ୟବହାରେଣ ଜାୟନ୍ତେ ମିତ୍ରାଣି ରିପବସ୍ତଥା | ··· | ଗୟାଧର ଦାଶ | ··· | ୩୬ |
| ଦିବ୍ୟକୃପା | ··· | ପ୍ରସାଦ ତ୍ରିପାଠୀ | ··· | ୪୦ |
| ଲକ୍ଷ୍ୟ (କବିତା) | ··· | ଝରଣା ଘୋଷାଲ | ··· | ୪୩ |
| ଆରୋହୀ, ସାଧକ ଏବଂ ଋଷି | ··· | ମନୋଜ ଦାସ | ··· | ୪୪ |
| ଜୋନ୍‌ସଙ୍କ ଫାର୍ମ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୬ |
| ଅନନ୍ୟ 'ଅର୍ନିକାର' | ··· | ··· | ··· | ୪୯ |
| ନାଇକି ଦେବୀ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୧ |
| ଗୁଣନର ଚମତ୍କାରିତା | ··· | ଧର୍ମ କୁମାର ଶତପଥି | ··· | ୫୨ |
| ପ୍ରାଚୀନ କାହାଣୀ ଓ ଆଧୁନିକ ଜୀବନ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ଅତିକ୍ରମ କରି ଯାବତୀୟ ମାନୁଷୀ ଧାରଣା, ତାହା ଯେତେ ଚମତ୍କାର ହୋଇଥାଉ ନା କାହିଁକି, ଅତିକ୍ରମ କରି ଯାବତୀୟ ମାନୁଷୀ ଅନୁଭବ, ତାହା ଯେତେ ମହନୀୟ ହୋଇଥାଉ ନା କାହିଁକି, ଅତିକ୍ରମ କରି ଯାବତୀୟ ଗରିମମୟ ଅଭୀପ୍ସା ଏବଂ ବିଶୁଦ୍ଧତମ ଉଦ୍ଦୀପନା, ଅତିକ୍ରମ କରି ପ୍ରେମ, ଜ୍ଞାନ ଏବଂ ସତ୍ତାର ଏକତ୍ୱ, ମୁଁ ତୁମ ସହ ନିରନ୍ତର ଯୋଗାଯୋଗରେ ହେବି ଅନୁପ୍ରବିଷ୍ଟ, ହେ ପ୍ରଭୁ । ସମସ୍ତ ଶୃଙ୍ଖଳରୁ ମୁକ୍ତ ହୋଇ ମୁଁ ହୋଇଉଠିବି ତୁମେ; ଏ କଳେବର ମଧ୍ୟ ଦେଇ ତୁମେହିଁ କରିବ ଏ ପୃଥିବୀ ଅବଲୋକନ; ଏ ଯନ୍ତ୍ର ମାଧ୍ୟମରେ ତୁମେହିଁ ଏ ପୃଥିବୀରେ କରିବ କର୍ମ ସମ୍ପାଦନ ।

ମୋ ଭିତରେହିଁ ପରିପୂର୍ଣ୍ଣ ନିଶ୍ଚୟତାର ଅଚଞ୍ଚଳ ପ୍ରଶାନ୍ତି ।

ମେ ୨, ୧୯୧୪ — ଶ୍ରୀମା



# ଶ୍ରୀମା'ଙ୍କ ବାଣୀ

My children,

We are united towards the same goal and for the same accomplishment – for a work unique and new, that the divine Grace has given us to accomplish. I hope that more and more you will understand the exceptional importance of this work and that you will sense in yourselves the sublime joy that the accomplishment will give you.

The divine force is with you – feel its presence more and more and be careful never to betray it.

Feel, wish, act, that you may be new beings for the realisation of a new world and for this my blessings shall always be with you.

*24 April 1961* – The Mother

ମୋର ସନ୍ତାନଗଣ,

ଏକହିଁ ଲକ୍ଷ୍ୟ ଦିଗରେ, ଏକହିଁ କର୍ମ ସମ୍ପାଦନ ନିମିତ୍ତ ଆମେମାନେ ଐକ୍ୟବଦ୍ଧ ହୋଇଛେ – ସେ କର୍ମଟି ଦିବ୍ୟକୃପା ଆମମାନଙ୍କୁ ସଂପାଦନ କରିବା ନିମନ୍ତେ ପ୍ରଦାନ କରିଛି, ଯାହା ଏକ ଅଦ୍ୱିତୀୟ ଏବଂ ନୂତନ କର୍ମ । ମୁଁ ଆଶା କରୁଛି ଏଇ କର୍ମର ଅସାଧାରଣ ଗୁରୁତ୍ୱକୁ ତୁମେମାନେ ଅଧିକରୁ ଅଧିକ ହୃଦୟଙ୍ଗମ କରିବ ଏବଂ ଏହି କର୍ମ ସମ୍ପାଦନ ଫଳରେ ଯେଉଁ ମହାନ୍ ଆନନ୍ଦ ମିଳିବ ତାହାକୁ ତୁମେମାନେ ଆପଣା ଅନ୍ତରରେ ଅନୁଭବ କରିବ ।

ଦିବ୍ୟଶକ୍ତି ତୁମମାନଙ୍କ ସହିତ ରହିଛି – ଏହାର ଉପସ୍ଥିତିକୁ ଅଧିକରୁ ଅଧିକ ଅନୁଭବ କର ଏବଂ ଏହାକୁ କେବେ ବି ପ୍ରତାରିତ ନ କରିବାକୁ ସାବଧାନ ରୁହ ।

ଅନୁଭବ କର, ଇଚ୍ଛା କର ଓ କାର୍ଯ୍ୟ କର ଯେପରି ଏକ ନୂତନ ଜଗତର ଉପଲବ୍ଧି ନିମନ୍ତେ ତୁମେମାନେ ହୋଇପାର ନୂତନ ସତ୍ତା ଏବଂ ସେଥିପାଇଁ ମୋର ଆଶୀର୍ବାଦ ତୁମମାନଙ୍କ ସହ ନିରନ୍ତର ରହିବ ।

୨୪ ଏପ୍ରିଲ, ୧୯୬୧ – ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୁଚ୍ଚୟ**

**(The Heavens of the Ideal)**

**(୩)**

## ଶ୍ରୀଅରବିନ୍ଦ

A bliss is felt that never can wholly cease,
A sudden mystery of secret Grace
Flowers goldening our earth of red desire.

ଅନୁଭୂତ ହୁଏ ଏକ ମହାତୃପ୍ତି ଯାହା ପୂର୍ଣ୍ଣତଃ କଦାପି ନିଃଶେଷ ହୁଏ ନାହିଁ, ପ୍ରଚ୍ଛନ୍ନ ଦିବ୍ୟ କରୁଣାର ଏକ ଆକସ୍ମିକ ରହସ୍ୟ ଆମ ଲୋହିତ ବାସନାର ପୃଥିବୀକୁ ସ୍ୱର୍ଣ୍ଣରଞ୍ଜିତ କରି ପୁଷ୍ପିତ ହୋଇଉଠେ ।

All the high gods who hid their visages
From the soiled passionate ritual of our hopes,
Reveal their names and their undying powers.

ସକଳ ସମୁଚ୍ଚ ଦେବତା ଯେଉଁମାନେ ଆମ ଆଶାଚୟର କର୍ଦମାକ୍ତ ଆବେଗଯୁକ୍ତ କ୍ରିୟାନୁଷ୍ଠାନ ଠାରୁ ଆପଣାର ମୁଖମଣ୍ଡଳମାନ ଲୁଛାୟିତ କରି ରଖିଥିଲେ, ସେମାନେ ପ୍ରକଟ କରିଦିଅନ୍ତି ସେମାନଙ୍କର ନାମ ଏବଂ ମୃତ୍ୟୁବିହୀନ ଶକ୍ତିପୁଞ୍ଜ ।

A fiery stillness wakes the slumbering cells,
A passion of the flesh becoming spirit,
And marvellously is fulfilled at last
The miracle for which our life was made.

ନିଦ୍ରାଭିଭୂତ କୋଷରାଜିରେ ଜାଗ୍ରତ୍ ହୋଇଯାଏ ଏକ ଆଗ୍ନେୟ ସ୍ଥିରତା, ରକ୍ତମାଂସର ଏକ ଆବେଗ ଚୈତନ୍ୟରେ ପରିଣତ ହୁଏ, ଏବଂ ଯେଉଁ ଅଲୌକିକ ଘଟନା ପାଇଁ ନିର୍ମିତ ହୋଇଥିଲା ଆମର ଜୀବନ, ଅବଶେଷରେ ତାହା ବିସ୍ମୟକର ଭାବେ ପରିପୂର୍ଣ୍ଣ ହୋଇଉଠେ ।

A flame in a white voiceless cupola
Is seen and faces of immortal light,
The radiant limbs that know not birth and death,
The breasts that suckle the first-born of the Sun,
The wings that crowd thought's ardent silences,
The eyes that look into spiritual Space.

ଶୁଭ୍ର ନିର୍ବାକ୍ ଏକ ଗମ୍ବୁଜ ମଧ୍ୟରେ ଦୃଶ୍ୟମାନ୍ ହୁଏ ଅଗ୍ନିଶିଖାଟିଏ, ଆଉ ବି ଦୃଶ୍ୟମାନ ହୁଏ ଅମର ଆଲୋକମଣ୍ଡିତ କେତେ କେତେ ବଦନମଣ୍ଡଳ, ଜନ୍ମ ଓ ମୃତ୍ୟୁ ସମ୍ବନ୍ଧୀୟ ଜ୍ଞାନବର୍ଜିତ ଅଙ୍ଗରାଜି, ସୂର୍ଯ୍ୟଙ୍କର ପ୍ରଥମ ସନ୍ତାନକୁ ସ୍ତନ୍ୟପାନ କରାଉଥିବା ବକ୍ଷୋଜ ସକଳ, ଭାବନାର ଉଦ୍ଦୀପନାମୟ ନୀରବତାରେ ଗହଳ ଲଗାଇଥିବା (ବିହଙ୍ଗ) ପକ୍ଷ ସମୁଚୟ, ଆଧ୍ୟାତ୍ମିକ ମହାବ୍ୟୋମର ଅଭ୍ୟନ୍ତରକୁ ଅବଲୋକନ କରୁଥିବା ନେତ୍ରାବଳୀ ।

Our hidden centres of celestial force
Open like flowers to a heavenly atmosphere;
Mind pauses thrilled with the supernal Ray,
And even this transient body then can feel
Ideal love and flawless happiness
And laughter of the heart's sweetness and delight
Freed from the rude and tragic hold of Time,
And beauty and the rhythmic feet of the hours.

ସ୍ୱର୍ଗୀୟ ଶକ୍ତି ସଂବଳିତ ଆମର ଯେତେସବୁ ଗୁପ୍ତ ଚକ୍ର ପୁଷ୍ପରାଜି ତୁଲ୍ୟ ଅମର୍ତ୍ତ୍ୟ ପରିବେଶ ପ୍ରତି ଉନ୍ମିଳିତ ହୋଇଯାଏ; ପରାତ୍ପର ରଶ୍ମିର ସ୍ପର୍ଶରେ ଶିହରିତ ମନ ଥମି ଯାଏ, ଏପରିକି ଏହି ନଶ୍ୱର ଦେହ ମଧ୍ୟ ସେତେବେଳେ ଅନୁଭବ କରିପାରେ ଆଦର୍ଶ ପ୍ରେମ ଏବଂ ତ୍ରୁଟିଶୂନ୍ୟ ସୁଖ ତଥା କାଳର ରୂକ୍ଷ ଏବଂ ଦୁଃଖାନ୍ତକ କବ୍ଜାମୁକ୍ତ ହୃଦୟର ମାଧୁରୀ ଓ ଆନନ୍ଦର ହାସ୍ୟ, ସୁଷମା ଓ ମୁହୂର୍ତ୍ତାବଳିର ଛନ୍ଦାୟିତ ପଦପାତ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଯୋଗର ପଥ

## ଶ୍ରୀମା

### ପଥଚ୍ୟୁତ ହୁଅ ନାହିଁ

ତୁମେ ଯେତେବେଳେ ବାଟରେ ଚାଲୁଛ, ଆଉ ସେ ବାଟରୁ କଦାପି ଓହରି ଯାଅନା । କିଛି ସମୟ ଅପେକ୍ଷା କର । ଏହି ପଥରେ ଚାଲିବା ପୂର୍ବରୁ ଅବଶ୍ୟ ତୁମେ ଯେତେକାଳ ପାର ଇତସ୍ତତଃ ହୋଇପାର, ଚିନ୍ତା କର, ବିଚାର କର; କିନ୍ତୁ ଯେଉଁ ମୁହୂର୍ତ୍ତରେ ତୁମେ ଏବାଟରେ ପାଦ ଦେଲ, ବାସ୍, କଥା ସରିଗଲା । ଆଉ ଏହି ବାଟ ଛାଡ଼ ନାହିଁ । କାରଣ ଏହାର ପରିଣାମ ତୁମର ଜନ୍ମ ଜନ୍ମାନ୍ତରକୁ ବ୍ୟାପ୍ତ ହୋଇ ଯାଇପାରେ । ଏହା ବଡ଼ ଗୁରୁତର କଥା । କେବଳ ଏଇଥିପାଇଁ ମୁଁ କାହାକୁ ଏହି ପଥରେ ଯିବା ପାଇଁ ବାଧ କରେ ନାହିଁ । ତୁମେମାନେ ଏଠାରେ ଅନେକଗୁଡ଼ିଏ ପିଲା ଅଛ; ତୁମମାନଙ୍କ ଭିତରୁ ଯିଏ ମୋତେ ଆସି କହେ, ''ମୁଁ ଏହା ଚାହେଁ''– କେବଳ ସେଇମାନଙ୍କ ବ୍ୟତୀତ ମୁଁ ଆଉ କାହାକୁ ଏଇ ବାଟରେ ଆସିବା ପାଇଁ କହେ ନାହିଁ । ଆଉ କେତେକଙ୍କୁ ମଧ୍ଯ ମୁଁ କହେ, ଯେଉଁମାନଙ୍କ ବିଷୟରେ ମୁଁ ନିଶ୍ଚିତ ଯେ ସେମାନଙ୍କ ନିୟତିରେ ଏହା ନିର୍ଦ୍ଦିଷ୍ଟ ହୋଇଅଛି, ଏବଂ ସେମାନେ ଏଇଥିପାଇଁ ଆସିଛନ୍ତି । ମୁଁ ସବୁବେଳେ କହିଥାଏ, ''ଏ ବିଷୟରେ ଭାବ, ଚିନ୍ତାକର ଏବଂ ନିଶ୍ଚିନ୍ତ ହୁଅ ଯେ ତୁମେ ଏହାହିଁ ଚାହଁ, ଏବଂ ଆଉ ଅନ୍ୟ କିଛି ଚାହଁ ନାହିଁ'' । ଏବଂ ଯେତେବେଳେ ସେମାନେ ଏ ବିଷୟରେ ଚିନ୍ତା କରି ସିଦ୍ଧାନ୍ତ ନେଇ ଯାଆନ୍ତି, ବାସ୍ – କଥାଟି ସରିଯାଏ । ...

ମୋର କହିବାର କଥା ହେଲା, କୌଣସିମତେ ସେହି ପଥ ଛାଡ଼ିବା ଉଚିତ ନୁହେଁ । ଜଣେ ଏ ପଥ ବାଛି ନେଲା ପରେ ଯେକୌଣସି ମୂଲ୍ୟ ଦେଇ ଆଗକୁ ଆଗକୁ ଚାଲିବା ଉଚିତ ଏବଂ ବାଟରେ ଚାଲିବା ବେଳେ ବାରଂବାର ଅଟକିଯିବା ଉଚିତ ନୁହେଁ । କାରଣ ଏ ରାସ୍ତା କଠିନ ହେଲେ ବି ତୁମେ ଯଦି ଲାଗି ରହିଥିବ, ତେବେ ତାହା ସହଜ ହୋଇ ଯାଉଥିବ । କିନ୍ତୁ ଥରେ ଅଟକି ଗଲେ ପୁଣି ଥରେ ସବୁକିଛି ଆରମ୍ଭ କରିବା କଷ୍ଟକର ହୋଇପଡ଼େ । କ୍ରମାଗତ ବାଟ ଚାଲିବା ପାଇଁ ଯେତିକି ପ୍ରୟାସ ଆବଶ୍ୟକ ହୁଏ, ତା'ଠାରୁ ଯଥେଷ୍ଟ ଅଧିକ ପ୍ରୟାସ ଆବଶ୍ୟକ ହୁଏ ଯଦି ଜଣେ ଅଟକି ଯାଇ ପୁଣି ଯାତ୍ରାରମ୍ଭ କରେ ।

### ତ୍ୟାଗ

ଶାସ୍ତ୍ରମାନଙ୍କରେ ତ୍ୟାଗ ସମ୍ବନ୍ଧେ ବହୁତ କଥା କୁହାଯାଇଛି – ତୁମର ଯାହାକିଛି ଧନସମ୍ପଦ ଅଛି, ସେସବୁକୁ ତ୍ୟାଗ କର, ଆସକ୍ତି ତ୍ୟାଗ କର, କାମନାକୁ ଦୂର କର ଇତ୍ୟାଦି ଇତ୍ୟାଦି । କିନ୍ତୁ ମୁଁ ଏହି ମୀମାଂସାରେ ଆସି ପହଞ୍ଚିଛି ଯେ, ଯେପର୍ଯ୍ୟନ୍ତ ତୁମର କିଛି ତ୍ୟାଗ କରିବାକୁ ବାକି ଅଛି, ତୁମେ ସେପର୍ଯ୍ୟନ୍ତ ଏହି ମାର୍ଗରେ ନାହଁ; ସବୁକଥା ଯେପରି ରହିଛି ତା' ପ୍ରତି ଯଦି ତୁମର ସଂପୂର୍ଣ୍ଣ ବିରକ୍ତି ନ ଆସିଛି ଏବଂ ସେସବୁକୁ ତ୍ୟାଗ କରିବାକୁ ଯଦି ତୁମର ତଥାପି ପ୍ରୟାସ ଦରକାର ପଡୁଛି, ତା'ହେଲେ ତୁମେ ଅତିମାନସ ଉପଲବ୍ଧି ପାଇଁ ପ୍ରସ୍ତୁତ ହୋଇ ନାହଁ ବୋଲି ବୁଝିବାକୁ ହେବ । ... ତ୍ୟାଗ କରିବାର ପ୍ରକୃତ ଅର୍ଥ ହେଲା, ତୁମେ ଯେଉଁସବୁ ବିଷୟକୁ ଅତ୍ୟଧିକ ମୂଲ୍ୟ ଦେଉଥିଲ ଆଉ ସେପରି ମୂଲ୍ୟ ନଦେବା, ତୁମେ ଯେଉଁସବୁ ବିଷୟକୁ ରଖିବା ଆବଶ୍ୟକ ବୋଲି ଭାବୁଛ, ସେସବୁକୁ ପରିତ୍ୟାଗ କରିବା । ଅନ୍ୟପକ୍ଷରେ ତୁମର ଅନୁଭବ ହେବା ଉଚିତ ଯେ, ଏ ପୃଥିବୀ ଖୁବ୍ କୁତ୍ସିତ ଅବସ୍ଥାରେ ରହିଛି – ସବୁକିଛିରେ ପୂରି ରହିଛି ନିର୍ବୋଧତା, ପାଶବିକତା, ଦୁଃସହ ଦୁଃଖ ଯନ୍ତ୍ରଣା । ଏବଂ ଥରେ ଯଦି ତୁମେ ଏମିତି ଭାବିବାକୁ ଆରମ୍ଭ କଲ, ତା'ହେଲେ ସବୁ ସ୍ଥୂଳ ଚେତନା, ସବୁ ବସ୍ତୁକୈନ୍ଦ୍ରିକ ଚେତନା ଯେଉଁଗୁଡ଼ିକ କି ଆଦୌ ପରିବର୍ତ୍ତନ ଚାହୁଁ ନଥିଲେ, ସେଗୁଡ଼ିକ ନିଶ୍ଚୟ ପରିବର୍ତ୍ତିତ ହେବାକୁ ବ୍ୟାକୁଳତା ପ୍ରକାଶ କରିବେ । ସେମାନେ ଚିତ୍କାର କରିବେ – ''ମୋର ଆଉ ଅନ୍ୟକିଛି ଦରକାର – ମୋର ଆଉ ଏମିତି କିଛି ଦରକାର ଯାହାକି ସତକୁ ସତ ସତ୍ୟ ହୋଇଥିବ, ସୁନ୍ଦର ହୋଇଥିବ, ଆନନ୍ଦ, ଜ୍ଞାନ ଓ ଚେତନାରେ ପରିପୂର୍ଣ୍ଣ ହୋଇଥିବ !''

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ପ୍ରତ୍ୟାଖ୍ୟାନ

## ଶେଖ ଅବଦୁଲ କାଶମ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସ୍ୱାର୍ଥପରତା ମନୁଷ୍ୟର ପରମ ଶତ୍ରୁ । ଏହା ମନୁଷ୍ୟର ଅଗ୍ରଗତିକୁ ରୁଦ୍ଧ କରିଦିଏ । ଏହା ତାକୁ ସଂକୀର୍ଣ୍ଣତା ଓ କ୍ଷୁଦ୍ରାଶୟତା ମଧ୍ୟରେ ଆବଦ୍ଧ କରି ରଖେ । ଜୀବନ ଘୃଣ୍ୟ ଓ ମୂଲ୍ୟହୀନ ହୋଇ ଉଠେ । ଶ୍ରୀଅରବିନ୍ଦ କହନ୍ତି : ସ୍ୱାର୍ଥପରତା ହେଉଛି ଏକମାତ୍ର ପାପ ଯାହା ମନୁଷ୍ୟର ଆତ୍ମାକୁ ହତ୍ୟା କରିଥାଏ । ଅର୍ଥାତ୍, ଏହା ଦ୍ୱାରା ଆତ୍ମାର ବିକାଶ ଆଦୌ ହୋଇପାରେ ନାହିଁ । ଉଦାରତା ଓ ଅନ୍ୟକୁ ସୁଖ ବାଣ୍ଟିବାରେ ଯେଉଁ ଆନନ୍ଦ ରହିଛି ତାହାକୁ ହୃଦୟ ଦେଇ ବୁଝିବାକୁ ହେବ । ସ୍ୱାର୍ଥପରତା ଆମକୁ ସଙ୍କୁଚିତ କରି ପକାଏ, ତାହା ମୃତ୍ୟୁ ଭଳି ସ୍ଥାଣୁତା ଓ ଜଡ଼ତାରେ ଆଣି ପହଞ୍ଚାଇ ଦିଏ । ଅନ୍ୟପକ୍ଷରେ ଆତ୍ମ ପ୍ରସାରଣ, ବଦାନ୍ୟତା, ଜନହିତୈଷୀ ବିଚାର ଓ ଉଦାରତା ଆମର ଚେତନାକୁ ଉର୍ଦ୍ଧ୍ୱଗାମୀ କରେ, ଆମର ଆତ୍ମାର ତ୍ୱରିତ ବିକାଶରେ ସହାୟକ ହୁଏ ।

ଅହଙ୍କାର, ଦର୍ପ ଓ ଗର୍ବ ମଣିଷକୁ ନିମ୍ନଗାମୀ କରେ, ବିନାଶ ଆଡ଼କୁ ଠେଲିନିଏ । ରାବଣ, କଂସ, ହିରଣ୍ୟକଶିପୁ, ଦୁର୍ଯ୍ୟୋଧନ ଭଳି ଚରିତ୍ରଙ୍କ କଥା ଆମେ ଜାଣୁ । ସେମାନେ ଗର୍ବ, ଅହଙ୍କାର ଓ ଦର୍ପ ଯୋଗୁଁ ପରିଶେଷରେ ବିନଷ୍ଟ ହେଲେ । ଅହଙ୍କାର ଓ ଗର୍ବ ବଦଳରେ ଆମେ ନିଜ ଭିତରେ ବିନମ୍ରତା ପୋଷଣ କରିବା ଉଚିତ । ଯଥାର୍ଥ ନମ୍ରତା (ଯାହା ପ୍ରଦର୍ଶନଧର୍ମୀ ନୁହେଁ) ଆମକୁ ଭଗବାନଙ୍କ ସନ୍ନିକଟକୁ ନେଇଯାଏ । ନମ୍ରତା ଦ୍ୱାରା ଆମ ଚରିତ୍ରରେ କୋମଳତା, ସୌମ୍ୟତା ଓ ଯଥାର୍ଥ ଜ୍ଞାନର ପରିପ୍ରକାଶ ଘଟେ । ପୂର୍ଣ୍ଣଯୋଗର ସାଧକ ନିଜ ମନରୁ ସକଳ ଅହଙ୍କାର, ଗର୍ବ ଓ ଅହମିକାକୁ ଦୂର କରିଦେବା ଉଚିତ । ନିଜକୁ ମା'ଙ୍କର ସନ୍ତାନ ରୂପେ ଅନୁଭବ କଲେ ମନରେ ଗର୍ବ ଆସିବ ନାହିଁ । ଭଗବାନଙ୍କ ଶକ୍ତି ଓ ସହାୟତା ବିନା ମନୁଷ୍ୟ ଯେ ସମ୍ପୂର୍ଣ୍ଣ ଅସହାୟ ଓ ଅସମର୍ଥ, ଏକଥା ମର୍ମେ ମର୍ମେ ବୁଝିଯିବା ଉଚିତ ।

କାମବାସନା ଅତ୍ୟନ୍ତ ହଠଧର୍ମୀ । ଏହା ଜୋକ ଭଳି ମଣିଷକୁ ଜାବୁଡ଼ି ଧରିଥାଏ । ମହାନ୍ ମହାନ୍ ଋଷି ଓ ଯୋଗୀମାନେ ଏହି କାମବାସନା କବଳରେ ପଡ଼ି ଯୋଗଭ୍ରଷ୍ଟ ହୋଇଥିବାର ଆମେ ଜାଣୁ । ଏହି ଉତ୍କଟ ଦୁର୍ବଳତାକୁ ପ୍ରତ୍ୟାଖ୍ୟାନ କରିବା ସବୁଠାରୁ କଷ୍ଟସାଧ୍ୟ ବ୍ୟାପାର । ସତ୍‌ଗ୍ରନ୍ଥ ଅଧ୍ୟୟନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ ପରିବେଶ ଏହି ଦୁର୍ବଳତା ଉପରେ ବିଜୟ ପ୍ରାପ୍ତି ପାଇଁ ସହାୟକ ହୋଇପାରେ । କାମବାସନା ଉପରେ ମନକୁ କେନ୍ଦ୍ରୀଭୂତ ନକରି କୌଣସି ଏକ ସୃଜନଶୀଳ ବା ଗଠନମୂଳକ କାର୍ଯ୍ୟରେ ନିଜକୁ ନିଯୁକ୍ତ ରଖିଲେ କାମବାସନା ହଇରାଣ କରିପାରେ ନାହିଁ । କାମୋତ୍ତେଜକ ପୁସ୍ତକ ପଠନ, ଟି.ଭି. ଓ ସିନେମାରେ କାମୋଦ୍ଦୀପକ ଦୃଶ୍ୟ-ଦର୍ଶନରୁ ବିରତ ରହିବା ଉଚିତ । ମନରେ ଯେକୌଣସି ବାସନା ବା ଉତ୍ତେଜନା ସୃଷ୍ଟି ହେଲେ ଗୋଟିଏ ପାଦ ପଛକୁ ହଟି ଆସି (step back କରି) ଆତ୍ମ ନିରୀକ୍ଷଣ କରିବା ଉଚିତ । ନିଜ ଜୀବନର ଅସଲ ଲକ୍ଷ୍ୟକୁ ସ୍ମରଣ କରିବା ଉଚିତ । ଯାହା ହେଲେ ମଧ୍ୟ ବାସନା ବା ଉତ୍ତେଜନାକୁ କଦାପି କ୍ରିୟାରେ ପରିଣତ ନକରିବା ହେଉଛି ସବୁଠୁ ଉତ୍ତମ ମାର୍ଗ ।

ମାଆ କହନ୍ତି – "When impulses, thoughts, emotions come, if you refuse to express them, if you push them aside and remain in a state of inner aspiration and calm, then gradually they lose their force and stop coming. So the consciousness is emptied of its lower movements."

(MCW, Vol. 6, p. 330)

ଅର୍ଥାତ୍, ''ଯେତେବେଳେ ପ୍ରବୃତ୍ତି, ଚିନ୍ତା ଓ ଆବେଗ ଆସନ୍ତି ତୁମେ ଯଦି ସେସବୁକୁ ପ୍ରକାଶିତ କରିବାକୁ ମନା କରିଦିଅ, ତୁମେ ଯଦି ସେଗୁଡ଼ିକୁ ପାର୍ଶ୍ୱଦେଶକୁ ଠେଲି ଦେଇ ଚାଲିଯାଅ ଏବଂ ଆନ୍ତର ଆସ୍ପୃହା ଓ ପ୍ରଶାନ୍ତିର ଅବସ୍ଥାରେ ପ୍ରତିଷ୍ଠିତ ରୁହ, ତେବେ ସେଗୁଡ଼ିକ କ୍ରମଶଃ ସେମାନଙ୍କ ଶକ୍ତି ହରାଇ ବସନ୍ତି ଏବଂ ଆସିବା ବନ୍ଦ କରି ଦିଅନ୍ତି । ତେଣୁ ଚେତନା ତା'ର ସମସ୍ତ ନିମ୍ନ ଗତିବୃତ୍ତିରୁ ମୁକ୍ତ ହୋଇଯାଏ ।''

କାମବାସନା, କ୍ରୋଧ, ଲୋଭ ଆଦି ପ୍ରବୃତ୍ତିକୁ ଜାଗ୍ରତ୍ ଚେତନାର ସମ୍ମୁଖଭାଗରୁ ତଡ଼ି ଦେଲେ ସେସବୁ ଯାଇ

ଅବଚେତନର କୌଣସି କୋଣରେ ଲୁଚି ରହନ୍ତି । କିଛି କାଳ ପରେ ସୁଯୋଗ ମିଳିବା ମାତ୍ରେ ସେମାନେ ହଠାତ୍ ଉଠିପଡ଼ି ଆକ୍ରମଣ କରନ୍ତି । ସେତେବେଳେ ସେହି ଆକ୍ରମଣ ଏପରି ଶକ୍ତିଶାଳୀ ହୋଇଥାଏ ଯେ କୌଣସି ନୈତିକତାବୋଧ ବା ମନର ନିୟନ୍ତ୍ରଣ ଶକ୍ତି ତାକୁ ଆୟତ୍ତ କରିପାରେ ନାହିଁ । ଏଥିପାଇଁ ମା'ଙ୍କ ପରାମର୍ଶ ହେଲା ଆମକୁ ଲଣ୍ଠନଟିଏ ନେଇ, ଅର୍ଥାତ୍ ଉଦ୍ଦୀପ୍ତ ଚେତନାର ଆଲୋକ ନେଇ ଅବଚେତନାର ଗଭୀରକୁ ଯାଇ ସେହି ପ୍ରବୃତ୍ତିଟିକୁ ଖୋଜିବାକୁ ହେବ । ଲୁକ୍କାୟିତ ସ୍ଥାନରୁ ସେହି ପ୍ରବେଗଟିକୁ ଓଟାରି ଆଣି ତାକୁ ସତ୍ତା ମଧ୍ୟରୁ ସମ୍ପୂର୍ଣ୍ଣ ବହିଷ୍କାର କରି ଦେବାକୁ ହେବ ।

ବେଳେ ବେଳେ ଏପରି ହୋଇଥାଏ ଯେ ଆମେ ତୀବ୍ର ଅଭୀପ୍ସାର ଏକ ଉତ୍ତମ ଅବସ୍ଥାରେ ଥିଲାବେଳେ ମଧ୍ୟ ନିମ୍ନ ପ୍ରକୃତିର କୌଣସି ଦୁର୍ବଳତା ହଠାତ୍ ଆସି ଆମକୁ ଯୁଦ୍ଧ ପାଇଁ ଆହ୍ୱାନ କରେ । ସେତେବେଳେ ଆମକୁ ଦୃଢ଼ ପ୍ରତିଜ୍ଞ ହୋଇ ଅଟଳ ଇଚ୍ଛାଶକ୍ତି ବଳରେ ସେହି ଅବାଞ୍ଛନୀୟ ଗତିବୃତ୍ତିକୁ ପରାଜିତ କରିବାକୁ ପଡ଼ିବ ।

ଏହି ପ୍ରବୃତ୍ତି ଓ ଆବେଗଗୁଡ଼ିକ ପ୍ରତି ଆମେ କୌଣସି ଧ୍ୟାନ ଦେବା ଉଚିତ ନୁହେଁ । ଆମେ ଯଦି ଅବିରତ ଭାବେ ଧୈର୍ଯ୍ୟର ସହ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଚାଲୁ ତେବେ କିଛି କାଳ ପରେ ସେମାନେ ହୀନବଳ ହୋଇଯିବେ ଏବଂ ଆମକୁ ହଇରାଣ କରିବା ବନ୍ଦ କରିଦେବେ । କିନ୍ତୁ ଏହି କାର୍ଯ୍ୟଟିକୁ ନିୟମିତ ଭାବେ ଓ ଅବିଚ୍ଛିନ୍ନ ଧାରାରେ କରି ଚାଲିବାକୁ ହେବ । ଯଦି ଆମର ପ୍ରବଳ ଅଭୀପ୍ସା ଥିବ ତେବେ ଆମେ ଆମର ଚୈତ୍ୟସତ୍ତାର ପ୍ରଭାବକୁ ଉତାରି ଆଣି ସେହି ପ୍ରବୃତ୍ତିଗୁଡ଼ିକ ଉପରେ କ୍ରିୟା କରିବାକୁ ଦେଲେ ସେଗୁଡ଼ିକ ଅବିଳମ୍ୱେ ଅପସରି ଯିବେ ।

କ୍ରୋଧ ଏପରି ଏକ ପ୍ରାଣିକ ଗତିବୃତ୍ତି ଯାହାକୁ ଜବତ କରିବା ଅତ୍ୟନ୍ତ ଦୁଷ୍କର । ଆମେ ଜାଣୁ ବିଶ୍ୱାମିତ୍ର ଓ ଦୁର୍ବାସାଙ୍କ ଭଳି ମହାନ୍ ଋଷିଗଣ ଉଚ୍ଚ ଆଧ୍ୟାତ୍ମିକ ସିଦ୍ଧି ଲାଭ କରି ସୁଦ୍ଧା କ୍ରୋଧ ଉପରେ ସମ୍ପୂର୍ଣ୍ଣ ବିଜୟ ଲାଭ କରି ନଥିଲେ । ତେଣୁ କ୍ରୋଧକୁ ସାମାନ୍ୟ ତ୍ରୁଟି ବୋଲି ଭାବି ଅବହେଳା କରିବା ଉଚିତ ନୁହେଁ । ଗୀତାରେ କୁହାଯାଇଛି –

''କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ॥''
(୩/୩୭)

ଅର୍ଥାତ୍, ''କାମ (କାମନା)ହିଁ କ୍ରୋଧରେ ପରିଣତ ହୁଏ । ଏ ଦୁହେଁ ରଜୋଗୁଣରୁ ଉଦ୍ଭବ ହୋଇଥା'ନ୍ତି । ଏମାନେ ବହୁଗ୍ରାସୀ ଓ ମହାପାପୀ । ଏମାନଙ୍କୁ ତୁମେ ଶତ୍ରୁ ବୋଲି ଜାଣି ହତ୍ୟା କର ।''

ଅନ୍ୟତ୍ର କୁହାଯାଇଛି –

''ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ॥''
(ଗୀତା : ୧୬/୨୧)

ଅର୍ଥାତ୍, ''କାମ, କ୍ରୋଧ ଓ ଲୋଭ – ଏହି ତିନି ପ୍ରକାର ନରକର ଦ୍ୱାର ଜୀବାତ୍ମାର ପତନ କରେ; ତେଣୁ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ ।''

ଗୀତାରେ ପୁଣି କୁହାଯାଇଛି –

''ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ସଞ୍ଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ ॥''
(୨/୬୨)

''କ୍ରୋଧାଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।''
(୨/୬୩)

ଅର୍ଥାତ୍, ''ବିଷୟଗୁଡ଼ିକୁ ଚିନ୍ତନ କରୁଥିବା ମନୁଷ୍ୟର ସେହି ବିଷୟ ପ୍ରତି ଆସକ୍ତି ଜାତ ହୁଏ । ଆସକ୍ତିରୁ କାମନା ଜାତ ହୁଏ । (କାମନାରେ ପ୍ରତିବନ୍ଧକ ସୃଷ୍ଟି ହେଲେ) ସେଥିରୁ କ୍ରୋଧ ଜାତ ହୁଏ । କ୍ରୋଧରୁ ସମ୍ମୋହ (ମୂଢ଼ଭାବ) ଜାତ ହୁଏ । ସମ୍ମୋହରୁ ସ୍ମୃତିଭ୍ରଷ୍ଟ ହୁଏ, ଅର୍ଥାତ୍ ପ୍ରକୃତ ଆତ୍ମାର ସ୍ମୃତିଟି ଲୁପ୍ତ ହୁଏ । ସ୍ମୃତିଭ୍ରଷ୍ଟ ହେଲେ ବୁଦ୍ଧି (ବିବେକ) ନଷ୍ଟ ହୁଏ ଏବଂ ବୁଦ୍ଧି ନଷ୍ଟ ହେଲେ ମନୁଷ୍ୟର ପତନ ହୁଏ, ଅର୍ଥାତ୍ ତା'ର ସକଳ ସମ୍ଭାବନା ନଷ୍ଟ ହୋଇଯାଏ ।''

ବାସନାଗୁଡ଼ିକ ଅଜ୍ଞାନମୟ ନିମ୍ନ ପ୍ରକୃତି ମଧ୍ୟରୁ ଉତ୍ଥିତ ହୋଇଥା'ନ୍ତି । ମାଆ କୁହନ୍ତି – "Desires are waves of the vast sea of the obscure lower nature and they pass from one person to another. Men do not generate a desire in themselves, but are invaded by these waves; whoever is open and without defence is caught in them and tossed about. Desire by engrossing and possessing him makes him incapable of any

discrimination and gives him the impression that it is part of his nature to manifest it. In reality, it has nothing to do with his true nature. It is the same with all the lower impulses, jealousy or envy, hatred or violence. These too are movements that seize you, waves that overwhelm and invade; they deform, they do not belong to the true character or the true nature; ...”

(MCW, Vol. 3, p. 117)

ଅର୍ଥାତ୍, ‘‘ଅନ୍ଧକାରାଚ୍ଛନ୍ନ ନିମ୍ନତର ପ୍ରକୃତିର ଯେଉଁ ସାଗରଟି ବିସ୍ତୃତ ହୋଇ ରହିଛି, ବାସନାଗୁଡ଼ିକ ହେଉଛନ୍ତି ସେହି ସାଗରର ତରଙ୍ଗ ଏବଂ ସେଗୁଡ଼ିକ ଗୋଟିଏ ମଣିଷ ଜୀବନରୁ ଆଉ ଗୋଟିଏ ମଣିଷର ଜୀବନରେ ଆସି ବାଜିବାରେ ଲାଗିଥା’ନ୍ତି । ମଣିଷମାନେ ସ୍ୱୟଂ ନିଜ ଭିତରେ କେବେ କୌଣସି କାମନାକୁ ନିଷ୍ପନ୍ନ କରନ୍ତି ନାହିଁ, ସେମାନେ ଏହି ବାସନା ରୂପୀ ତରଙ୍ଗଗୁଡ଼ିକ ଦ୍ୱାରା ଆକ୍ରାନ୍ତହିଁ ହୋଇଥା’ନ୍ତି । ଯିଏ ସେଗୁଡ଼ିକ ଆଡ଼କୁ ମେଲା ହୋଇ ରହିଥାଏ ତାହାର ଆବଶ୍ୟକ ରକ୍ଷା ପ୍ରାଚୀରଟିଏ ମହଜୁଦ ନଥାଏ, ସେହି ବାସନାଗୁଡ଼ିକର ଘେରରେ ପଡ଼ିଯାଏ, ତରଙ୍ଗଗୁଡ଼ିକ ଦ୍ୱାରା ଆନ୍ଦୋଳିତ ହୁଏ । ତା’ର ବାସନା ତାକୁ ଅଭିଭୂତ ଏବଂ ଅଧିକାର କରି ପକାଏ, ତାହାକୁ ଆଦୌ କୌଣସି ପ୍ରକାର ବିବେକ ଲାଗି ଅସମର୍ଥ କରିଦିଏ ଏବଂ ତାହାକୁ ସର୍ବଦା ସେହିପରି ଏକ ଭ୍ରମ ଧାରଣାଟି ଦେଇ ଯାଉଥାଏ ଯେ ବାସନାଗୁଡ଼ିକ ଚରିତାର୍ଥ କରିବାହିଁ ହେଉଛି ତା’ର ସ୍ୱଭାବର ଏକ ଅଙ୍ଗ । ମାତ୍ର ବସ୍ତୁତଃ, ବ୍ୟକ୍ତିର ଅସଲ ପ୍ରକୃତିଟି ସହିତ ବାସନାଗୁଡ଼ିକର ଆଦୌ କୌଣସି ସମ୍ପର୍କ ନଥାଏ । ଈର୍ଷା ଓ ଦ୍ୱେଷ, ଘୃଣା କିଂବା ହିଂସା – ଯାବତୀୟ ନିମ୍ନତର ଆବେଗଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେଇ ଗୋଟିଏ କଥା । ଏହି ଗତିସ୍ପନ୍ଦନଗୁଡ଼ିକ ମଧ୍ୟ ତୁମକୁ ସେମାନଙ୍କର କବଳିତ କରି ରଖନ୍ତି, ସତେ ଅବା ତରଙ୍ଗ ପରି ତୁମକୁ ଆକ୍ରମଣ କରନ୍ତି ଓ ଅବଶ କରି ରଖନ୍ତି । ସେଗୁଡ଼ିକ କେବଳ ବିକୃତ କରି ପକାନ୍ତି, ଆମେ ସେଗୁଡ଼ିକୁ କଦାପି ଆମର ଅସଲ ଚରିତ୍ର ବା ଅସଲ ପ୍ରକୃତିର ଅଙ୍ଗ ବୋଲି କହିପାରିବା ନାହିଁ ।’’

ନୈତିକତାର ଧାରାକୁ ମାନି ଆମେ ଭଲ ବା ମନ୍ଦ ବାଛିବା ନାହିଁ । ଆମକୁ ନୈତିକତାର ଊର୍ଦ୍ଧ୍ୱକୁ ଯାଇ ଆଧ୍ୟାତ୍ମିକ ବିଧାନକୁ ମାନିବାକୁ ହେବ । ଆଧ୍ୟାତ୍ମିକ ବିଧାନଟି ଅନୁସାରେ ଯାହାକିଛି ଆମକୁ ପରମ ଦିବ୍ୟସତ୍ତାଙ୍କଠାରୁ ଦୂରକୁ ଦୂରକୁ ନେଇ ଯାଉଛି, ଆମକୁ ସେହି ସବୁକିଛିକୁ ବର୍ଜନ କରି ଆସିବାକୁ ହେବ । ଏବଂ ଯାହାକିଛି ଆମକୁ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ନେଇଯାଇ ପାରୁଛନ୍ତି ଆମେ ସେସବୁକୁ ଗ୍ରହଣ କରିନେବା, ଯଦିଓ ନୈତିକତା ଦୃଷ୍ଟିରୁ ତାହାକୁ କେହି ମନ୍ଦ ବୋଲି ବି ବିଚାର କରୁ ଥାଇପାରେ । ଆମର ଭଲ ଓ ମନ୍ଦ ଧାରଣାଟିକୁ କାହା ଉପରେ ଲଦି ଦେବା ଲାଗି ଆମେ ଚେଷ୍ଟା କରିବା ନାହିଁ ।

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଆମର ତ୍ୟାଗ (renunciation) ଏକ ଅନ୍ତର୍ଗତ ତ୍ୟାଗ (inward renunciation) ହେବା ଉଚିତ । ବିଶେଷ ଭାବେ ତାହା ହେବ ଆସକ୍ତିର ତ୍ୟାଗ । ଇନ୍ଦ୍ରିୟଚୟ ଓ ହୃଦୟର କ୍ଷେତ୍ରରେ ଆମେ କାମନାବାସନାର ତ୍ୟାଗ କରିବା । ଭାବନା ଓ କର୍ମର ଭୂମିରେ ଆମେ ଅହଂପ୍ରଣୋଦିତ ଇଚ୍ଛାକୁ ତ୍ୟାଗ କରିବା । ଆମ ଚେତନାର କ୍ଷେତ୍ରରେ ଆମେ ଅହଂ ସଚେତନତା (egoism) ତ୍ୟାଗ କରିବା । ଏଗୁଡ଼ିକ ହେଉଛି ତିନୋଟି ଗ୍ରନ୍ଥି (Knots) ଯଦ୍ୱାରା ଆମେ ଏହି ନିମ୍ନତର ପ୍ରକୃତି ସହିତ ବାନ୍ଧି ହୋଇ ରହିଛୁ । ତେଣୁ ଆସକ୍ତି ଓ ବାସନାକୁ ଗୋଟାସୁଦ୍ଧା ବାହାର କରି ଫିଙ୍ଗି ଦେବାକୁ ହେବ । ଏହି ସଂସାରରେ ଏପରି କୌଣସି ପଦାର୍ଥ ନଥିବ ଯାହା ଆମକୁ ଆସକ୍ତ କରି ରଖିବ । ଧନସମ୍ପତ୍ତି ନୁହେଁ କି ଦାରିଦ୍ର୍ୟ ନୁହେଁ, ଆନନ୍ଦ ନୁହେଁ କି ଦୁଃଖଭୋଗ ନୁହେଁ, ଜୀବନ ନୁହେଁ କି ମରଣ ନୁହେଁ, ପାପ ନୁହେଁ କି ପୁଣ୍ୟ ନୁହେଁ, ଜାୟା, ସୁତ, ବନ୍ଧୁ, ଆତ୍ମୀୟସ୍ୱଜନ ଅବା ଆପଣାର ଦେଶ ମଧ୍ୟ ଆମକୁ ଆସକ୍ତ କରି ରଖି ପାରିବ ନାହିଁ । କୌଣସି କର୍ମ ବା କର୍ମବ୍ରତ, ସ୍ୱର୍ଗ କିଂବା ମର୍ତ୍ତ୍ୟ କିଛି ବି ଆମକୁ ବନ୍ଧନରେ ପକାଇ ପାରିବ ନାହିଁ । ଏହାର ଅର୍ଥ ଆଦୌ ନୁହେଁ ଯେ ଆମର ଭଲପାଇବା ଓ ଆନନ୍ଦ ଅନୁଭବ ବନ୍ଦ ହୋଇଯିବ । ଆମେ ସମସ୍ତଙ୍କୁ ଭଲପାଇବା, ମାତ୍ର କାହା ପ୍ରତି ଆସକ୍ତ ଓ ମୋହାବିଷ୍ଟ ହେବା ନାହିଁ । ଆମେ ବସ୍ତୁଗୁଡ଼ିକରୁ ଯେଉଁ ଆନନ୍ଦ ଲାଭ କରିବା ତାହା ଭଗବାନଙ୍କୁ ନେଇ ଅନୁଭୂତ ହେଉଥିବା ଆନନ୍ଦଟିକୁ ଆଧାର କରି ରହିଥିବା ଉଚିତ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଆନନ୍ଦଟିର ଅନ୍ୱେଷଣ କରିବା କଦାପି ବାସନା ନୁହେଁ । ସୁଖ ଓ ପରିତୃପ୍ତିର ଏକ କ୍ଷୁଧାରେ ତାଡ଼ିତ ହୋଇ ଆପଣାକୁ ସୀମାବଦ୍ଧ କରି ରଖିବା ଓ ଅସ୍ଥିର ପ୍ରାୟ ମନେ କରିବା ହେଉଛି ବାସନା । ଶ୍ରୀମା କହନ୍ତି ଯେ ଆମର ତ୍ୟାଗ,

ଉତ୍ସର୍ଗ ବା ଦୁର୍ବଳତା ଆମକୁ ବିଜୟ ଆଣି ଦେବ ନାହିଁ । କେବଳ ପରମ ଆନନ୍ଦହିଁ ଆମକୁ ବିଜୟ ଆଣିଦେଇ ପାରିବ । ଏହି ଆନନ୍ଦହିଁ ହେଉଛି ପରମ ବଳ, ସହିଷ୍ଣୁତା ଓ ପରମ ସାହସ । ଉକ୍ତ ଆନନ୍ଦ ଅତିମାନସ ଶକ୍ତିରୁହିଁ ନିଷ୍ପନ୍ନ ହୋଇଥାଏ ।

ଶାରୀରିକ ପ୍ରକୃତିର କ୍ଷେତ୍ରରେ ଆମେ ଯେଉଁ ପ୍ରତିବନ୍ଧକଗୁଡ଼ିକର ସମ୍ମୁଖୀନ ହେଉ ସେଗୁଡ଼ିକ ହେଲା – ସଂଶୟ, ଅବିଶ୍ୱାସ, ଅଜ୍ଞାନ, ତାମସିକତା, ଦୁରାଗ୍ରହ, ଆଳସ୍ୟ, ସଂକୀର୍ଣ୍ଣତା ଓ ପରିବର୍ତ୍ତନବିମୁଖତା ଇତ୍ୟାଦି । ଆମର ଭୌତିକ ମନ (Physical mind)ର ସ୍ୱଭାବ ହେଲା କୌଣସି କାରଣ ନଥାଇ ସନ୍ଦେହ ପ୍ରକାଶ କରିବା । ଏହା ଶରୀର ଭିତରେ ଅବିଶ୍ୱାସ ଓ ଅଜ୍ଞାନ ଆଣି ଚାପି ଦେଇଥାଏ । ଶରୀର ଭିତରେ ସ୍ୱାଭାବିକ ଧାରାରେ ରୋଗମୁକ୍ତ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସଂଶୟ, ଅବିଶ୍ୱାସ ଓ ଭୟ ଯୋଗୁଁ ରୋଗ ସାଂଘାତିକ ରୂପ ଧାରଣ କରିଥାଏ । ଯେତେବେଳେ ଶରୀରକୁ ତାମସିକତା ଓ ନିଷ୍କ୍ରିୟତା କବଳିତ କରେ ସେତେବେଳେ ଶ୍ରୀଅରବିନ୍ଦଙ୍କ ପରାମର୍ଶ ଅନୁସାରେ ଆମର କର୍ତ୍ତବ୍ୟ ହେଲା, ଶାରୀରିକ ଜଡ଼ତା ଠାରୁ ଆହୁରି ଅଧିକ ଜିଦ୍‌ଖୋର ହେବା । ଅର୍ଥାତ୍ ଅଟଳ ଜିଦ୍ ସହ ଏକ ସ୍ଥିର ଐକାନ୍ତିକ ପ୍ରୟାସରେ ଲାଗି ରହିବା ଯେପରିକି ତାହା ଆମ ଉପରେ ମାଡ଼ି ବସି ପାରିବ ନାହିଁ । କିନ୍ତୁ ଆମର ଏକ ଅସ୍ଥିରତାପୂର୍ଣ୍ଣ ସଂଘର୍ଷ କରିବାର ନାହିଁ କି ବିଚଳିତ ହେବାର ନାହିଁ । କେବଳ ଶରୀର-ପ୍ରକୃତି ଭିତରେ ଏକ ବ୍ୟାପକ ଓ ସ୍ଥାୟୀ ଉନ୍ମୀଳନ ଘଟାଇବା ଲାଗି ଅନବରତ ପ୍ରୟାସ କରି ଚାଲିବାକୁ ହେବ । ଧୈର୍ଯ୍ୟର ସହ କର୍ମରେ ଲାଗି ରହିଲେ ଜଡ଼ତା ଦିନେ ନିଶ୍ଚୟ ସମ୍ପୂର୍ଣ୍ଣ ଭାଙ୍ଗିଯିବ । ଶ୍ରୀଅରବିନ୍ଦ ଆମକୁ ସଂଶୟ, ବିଷାଦ ଓ ଅବସାଦକୁ ଦୂରକୁ ଫିଙ୍ଗିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆମେ ଅସମର୍ଥ ଓ ଅଯୋଗ୍ୟ ବୋଲି ଯଦି କୁମନ୍ତ୍ରଣା ଆମ ପାଖକୁ ଆସୁଛି ତାହାକୁ ତତ୍‌କ୍ଷଣାତ୍ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଆମେ ସର୍ବଦା ଆମର ଆତ୍ମାର ଆଲୋକ ଉପରେ ଭରସା କରି ରହିବା । ଭୌତିକ ଚେତନା ଅନ୍ଧକାରକୁ ଯେତେ ଡାକି ଆଣିଲେ ମଧ୍ୟ ଆମେ ନିଜ ଆତ୍ମା ପ୍ରତି ବିଶ୍ୱସ୍ତ ରହିଥିବା ଏବଂ ଆଶା କରୁଥିବା ଯେ ଆମ ଶାରୀରିକ ପ୍ରକୃତିର ସକଳ ବାଧା ଖୁବ୍ ଶୀଘ୍ର ତିରୋହିତ ହୋଇଯିବ । ଭଗବାନଙ୍କ ସହାୟତା ପାଇଁ ଆନ୍ତରିକ ପ୍ରାର୍ଥନା ଜଣାଇଲେ ବାଧାଗୁଡ଼ିକ ଅବଶ୍ୟ ଦୂରୀଭୂତ ହେବ । ଶାରୀରିକ ପ୍ରକୃତି କ୍ଷେତ୍ରରେ ମଧ୍ୟ ଆମକୁ ଅନାସକ୍ତି ଓ ସମତାର ଭାବ ପୋଷଣ କରିବାକୁ ହେବ । ଶରୀରଗତ ଅସୁବିଧାଗୁଡ଼ିକ ସହିତ ଆମେ ନିଜକୁ ଏକାତ୍ମ କରିବା ନାହିଁ, ସେଗୁଡ଼ିକୁ ବିଜାତୀୟ ବସ୍ତୁ ବୋଲି ଭାବି ନିରନ୍ତର ପ୍ରତ୍ୟାଖ୍ୟାନ କରି ଚାଲିବା ।

ସାଧନାରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ଅଭୀପ୍ସା । ଯଦି ଦିବ୍ୟତା ପ୍ରାପ୍ତି ପାଇଁ ତୀବ୍ର ଅଭୀପ୍ସା ରହିଛି ଏବଂ ଉଚ୍ଚତର ଜୀବନ ବଞ୍ଚିବା ଲାଗି ବ୍ୟାକୁଳତା ରହିଛି ତାହାହେଲେ ପ୍ରତ୍ୟାଖ୍ୟାନ ପ୍ରକ୍ରିୟା ସହଜ ହୋଇଯାଏ । ପ୍ରତ୍ୟାଖ୍ୟାନ ପାଇଁ ପ୍ରତ୍ୟାଖ୍ୟାନ; ଅର୍ଥାତ୍ ଉଚ୍ଚ ଲକ୍ଷ୍ୟ ନଥାଇ କେବଳ ପ୍ରତ୍ୟାଖ୍ୟାନ କରି ଚାଲିଲେ ତାହା ଏକ ନିରର୍ଥକ ପ୍ରୟାସ ହୁଏ । ଆସ୍ପୃହା ନଥାଇ କେବଳ ପ୍ରତ୍ୟାଖ୍ୟାନ କଲେ ତାହା ସଫଳ ହୁଏ ନାହିଁ । ପ୍ରତ୍ୟାଖ୍ୟାନ ନାମରେ ଯଦି ଆମେ ନିଜ ସହିତ ଖାଲି ଲଢ଼ିବାରେ ଲାଗିଥିବା, ନିଜକୁ ଶାସ୍ତି ଦେଉଥିବା ତାହାହେଲେ ଏହା ଏକ ନୈତିକ କସରତରେ ପରିଣତ ହେବ, ପ୍ରତ୍ୟାଖ୍ୟାନଟି ଏକ ଆଧ୍ୟାତ୍ମିକ ପ୍ରଚେଷ୍ଟା ନହୋଇ ସନ୍ତାପରେ ପରିଣତ ହେବ । ଯଦି ନିଜ ପଥଟିକୁ କେବଳ ପରିଷ୍କାର କରି ଚାଲିଥିବା ଅଥଚ ଉଚ୍ଚତର ଭାବାଦର୍ଶ ଓ ଚେତନାକୁ ନିଜ ଭିତରେ ପ୍ରତିଷ୍ଠିତ କରିବାର ସକାରାତ୍ମକ ପ୍ରଚେଷ୍ଟା ନକରିବା ତାହାହେଲେ ଆମର ସକଳ ପ୍ରୟାସ ବ୍ୟର୍ଥ ହେବ । ସୁତରାଂ ଅଭୀପ୍ସା, ପ୍ରତ୍ୟାଖ୍ୟାନ ଓ ସମର୍ପଣ – ଏହି ତ୍ରିବିଧ ପ୍ରଚେଷ୍ଟାର ଆବଶ୍ୟକତା ରହିଛି ।

(ସମାପ୍ତ) ❑

ଯେଉଁମାନେ ନିଜର କୌଣସି କିଛି ନିଜ ପାଇଁ ନରଖି ସବୁକିଛିକୁ ଭଗବାନଙ୍କ ପାଇଁ ସମର୍ପଣ କରିଦିଅନ୍ତି, ଭଗବାନ୍ ସେମାନଙ୍କୁ ନିଜକୁ ଦେଇ ଦେଇଥା'ନ୍ତି । ସେହିମାନଙ୍କରହିଁ ପ୍ରାପ୍ୟ ନିରବତା, ଆଲୋକ, ଶକ୍ତି, ଆନନ୍ଦ, ମୁକ୍ତି, ବ୍ୟାପ୍ତି, ଜ୍ଞାନର ପରାକାଷ୍ଠା ଓ ଦିବ୍ୟ ଆନନ୍ଦର ପାରାବାର ।

– ଶ୍ରୀଅରବିନ୍ଦ

# ସମ୍ଭାବନାର ବ୍ୟାପକତା

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୩୦

"I saw a child wallowing in the dirt and the same child cleaned by his mother and resplendent, but each time I trembled before his utter purity."

(Thoughts and Aphorisms)

ଅର୍ଥାତ୍, ''ଶିଶୁଟିଏ ଧୂଳି ଆବର୍ଜନାରେ ଲୋଟୁ ଥିବାର ଦେଖିଲି । ପୁଣି ଦେଖିଲି ସେହି ଶିଶୁ ତା' ଜନନୀ ଦ୍ୱାରା ପରିଷ୍କୃତ ହୋଇ ଦିଶୁଛି ସମୁଜ୍ଜ୍ୱଳ । କିନ୍ତୁ ପ୍ରତି ଥର ତା'ର ଐକାନ୍ତିକ ନିର୍ମଳତା ଆଗରେ ମୁଁ ଶିହରି ଉଠିଛି ।''

ପ୍ରତ୍ୟେକ ନବଜାତ ଶିଶୁ ପ୍ରକୃତିର ଏକ ଏକ ନୂତନ ପରୀକ୍ଷା, ଏକ ଏକ ନୂତନ ଉଦ୍ୟମ । ଏକ ନିଷ୍ପାପ, ନିର୍ମଳ ଚେତନା-ସମ୍ବଳିତ ଜୀବନ ଆରମ୍ଭ ହୁଏ ଶିଶୁ ମାଧ୍ୟମରେ । ସେ ଚେତନା ପାଇଁ ଭଲ ମନ୍ଦ, ଶୁଭ ଅଶୁଭ, ପାପ ପୁଣ୍ୟର ବାଛ ବିଚାର, ହିସାବ ନିକାଶ ନାହିଁ । କାଦୁଅ ପଙ୍କରେ ଲୋଟି ସେ ଯେତିକି ଆହ୍ଲାଦିତ; ପରିଚ୍ଛନ୍ନ, ପରିଷ୍କାର ହୋଇ ମଧ୍ୟ ସେ ସେତିକି ଆହ୍ଲାଦିତ । ତାହା ଶିହରଣ ଅନୁଭବ କଲା ଭଳି ଏକ ଦିବ୍ୟ ଅବସ୍ଥା ।

କାରିକାଟି ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମା କହୁଛନ୍ତି : ଶ୍ରୀଅରବିନ୍ଦ ଏଠାରେ ପ୍ରକୃତିଦତ୍ତ ସ୍ୱାଭାବିକତା ପ୍ରତି ନିର୍ଦ୍ଦେଶ କରୁଛନ୍ତି । ପ୍ରକୃତି-ପ୍ରେରିତ ଭାବରେ ଶିଶୁ ତା'ର ଆବେଗ ଅଭିବ୍ୟକ୍ତ କରେ । ସେ ସନ୍ଦେହ ବା ପ୍ରଶ୍ନ କରେ ନାହିଁ । କୃତ କର୍ମଟିର ଫଳ ଭଲ ହେବ କି ମନ୍ଦ ହେବ, ସେ ବିଷୟରେ ସେ ଚିନ୍ତା କରେ ନାହିଁ ।

ସେଇଥି ପାଇଁ କୁହାଯାଇ ପାରେ, ଜୀବନକୁ ବିକଶିତ ହେବାର ଏକ ନୂତନ ସୁଯୋଗ ଦେଇ ପ୍ରକୃତି ଅପେକ୍ଷା କରେ – ଦେଖିବାକୁ ଚାହେଁ ଶିଶୁଟିଏ କେତେଦୂର ସେ ନିରୀହତା ବଜାୟ ରଖି ପାରୁଛି । ବୟସ ବଢ଼ିବା ସଙ୍ଗେ ସଙ୍ଗେ କିନ୍ତୁ ତା'ର ସେ ସ୍ୱଚ୍ଛ ଚେତନାକୁ ଆଚ୍ଛାଦନ କରେ ଅହଂରୂପୀ ମେଘ । ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ ଆନନ୍ଦ, କ୍ରମେ ଅପସରି ଯାଏ । ତା'ର ସ୍ଥାନ ନିଏ ସ୍ୱାର୍ଥ-କୈନ୍ଦ୍ରିକ ହିସାବ-ନିକାଶ ।

ଅବସ୍ଥାକୁ ଆହୁରି ଜଟିଳ କରିପକାନ୍ତି ଶୁଭେଚ୍ଛୁ ଅଭିଭାବକମାନେ । ନିଜ ସୀମିତ ବୁଦ୍ଧିରେ କ'ଣ କର୍ତ୍ତବ୍ୟ, କ'ଣ ଅକର୍ତ୍ତବ୍ୟ ତାହା ନିରୂପଣ କରି ବିକାଶଶୀଳ କିଶୋର ମାନସ ଉପରେ ସେସବୁ ଧାରଣା ସେମାନେ ଲଦି ଦିଅନ୍ତି ।

ତେବେ, ଶିଶୁକାଳର ସେ ନିରୀହତା ପ୍ରାୟତଃ ପଶୁ-ସୁଲଭ ଅବସ୍ଥା । ସେ ନିରୀହତାର ସାରାଂଶ ପୁନର୍ବାର ଆମ ଚେତନା ଭିତରେ ଉଦ୍‌ଭାସିତ ହେବା ଚାହି – ସଚେତନ ଭାବରେ, ଆମେ ଅହଂ-ପ୍ରଣୋଦିତ ସମସ୍ତ ଜଟିଳତା ଉପରେ ବିଜୟ ଲାଭ କରିବା ଫଳରେ ।

ଅର୍ଥାତ୍, ପ୍ରାଥମିକ ପର୍ଯ୍ୟାୟର ପ୍ରକୃତିଦତ୍ତ ପବିତ୍ର ଓ ନିଷ୍ପାପ ବିଶ୍ୱାସରୁ ଯାତ୍ରାରମ୍ଭ କରି, ଆମେ ପୁଣି ସାଧନାଲବ୍ଧ ପବିତ୍ର ଓ ଦିବ୍ୟ ବିଶ୍ୱାସର ମହତ୍ ପର୍ଯ୍ୟାୟରେ ଉପନୀତ ହୋଇ ପାରିବା ।

ଶିଶୁସୁଲଭ ସରଳତା କାଳକ୍ରମେ କିପରି ତା'ର ବିପରୀତ ବିନ୍ଦୁରେ ଯାଇ ପହଞ୍ଚିବା ସମ୍ଭବପର, ନିମ୍ନୋକ୍ତ ପ୍ରତୀକଧର୍ମୀ କାହାଣୀଟିର ତାହାହିଁ ବକ୍ତବ୍ୟ ।

ଥରେ ଜଣେ ପ୍ରତିଭାବାନ୍ ତରୁଣ ଶିଳ୍ପୀ ଦେବଶିଶୁର ଏକ କାଳ୍ପନିକ ଛବି ଆଙ୍କିବାକୁ ଆଗ୍ରହୀ ହେଲେ । ସେ ପାଇଁ ଲୋଡ଼ା ପ୍ରତିମାନ (model) । ଦିନେ ଏକ ପଲ୍ଲିଗ୍ରାମର ମନ୍ଦିର ସାମନାରେ ଖେଳରତ କେଇଜଣ ବାଳକଙ୍କ ଉପରେ ତାଙ୍କ ଆଖି ପଡ଼ିଲା । ସେମାନଙ୍କ ଭିତରୁ ଜଣେ ଏଡ଼େ କୋମଳମତି ଏବଂ ସୁସମଞ୍ଜସ ମନେ ହେଲା ଯେ ଶିଳ୍ପୀ ଶିଶୁଟିର ମାତାପିତାଙ୍କ ଅନୁମତି ନେଇ ତାକୁ ସାମନାରେ ବସାଇ ଦେବଶିଶୁର ଆକୃତି ଅଙ୍କନ କଲେ ।

ସେ ଚିତ୍ର ଦିନେ ରାଜାଙ୍କ ଦୃଷ୍ଟିଗୋଚର ହେଲା । ସେ ଶିଳ୍ପୀଙ୍କ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ରାଜଶିଳ୍ପୀର ସମ୍ମାନ ଦେଲେ । ସେ ହେଲେ ରାଜସଭାରେ ଜଣେ ଅମାତ୍ୟ ।

ବହୁବର୍ଷ ବିତିଗଲା । ଦିନେ ଶିଳ୍ପୀ ତାଙ୍କର ମୁଖ୍ୟ କୃତୀସମୂହର ଏକ ପ୍ରଦର୍ଶନୀର ଆୟୋଜନ କଲେ । ଦେବଶିଶୁର

ଛବିଟି ମଧ୍ୟ ତହିଁ ରହିଥାଏ । ରାଜାଙ୍କ ଦୃଷ୍ଟି ସେ ଗୋଟିକ ପ୍ରତି ଆକୃଷ୍ଟ ହୁଅନ୍ତେ ସେ କହିଲେ, ''ଶିଳ୍ପୀ ! ଏ ମନୋରମ ଛବିଟିର ଏକ ବିପରୀତାତ୍ମକ ଛବି, ଅର୍ଥାତ୍ ସଇତାନର କାଳ୍ପନିକ ପ୍ରତିକୃତିଟିଏ ଅଙ୍କନ କରୁନା କାହିଁକି ?''

ପ୍ରସ୍ତାବଟି ଶିଳ୍ପୀଙ୍କ ମନକୁ ପାଇଲା । ପ୍ରତିମାନ ଭାବରେ ତାଙ୍କୁ ସେ ଦିଗରେ ଅଗ୍ରସର କରାଇ ଦେବା ନିମନ୍ତେ ସେ କ୍ରୂର ଓ ଭୀଷଣ-ଦର୍ଶନ ଜଣେ ମଣିଷର ସଂଧାନ ଆରମ୍ଭ କଲେ । ବିଶେଷ ପରିଶ୍ରମ କରିବାକୁ ପଡ଼ିଲା ନାହିଁ । ରାଜାଙ୍କ କାରାଗାରରେ ଭୟଙ୍କର ଅପରାଧକାରୀ ବନ୍ଦୀମାନଙ୍କ ଭିତରୁ ସେ ଜଣକୁ ମନୋନୀତ କଲେ ।

ଲୋକଟି ଦେଖିବାକୁ ବେଶ୍ ଡଉଲଡାଉଲ । କିନ୍ତୁ ତା' ମୁହଁରେ ଦୃଷ୍ଟି ନିବଦ୍ଧ କଲେ ଜଣେ ଆତଙ୍କରେ ଶିହରି ଉଠିବ । ତହିଁ ଥିଲା ଭୀଷଣ କ୍ରୂରତା ଓ ହିଂସ୍ର ଆସୁରିକ ଭାବ ।

ରାଜାଦେଶରେ ଲୋକଟି ଶିଳ୍ପୀଙ୍କ ଆଗରେ ଦିନ ପରେ ଦିନ ବସିବାକୁ ବାଧ୍ୟ ହେଲା । ତେବେ ପଞ୍ଚମ ବା ଷଷ୍ଠ ଦିନ ଶିଳ୍ପୀ ଲକ୍ଷ୍ୟ କଲେ, ବନ୍ଦୀର ମୁହଁର ଭାବ କ୍ଷିପ୍ରଗତିରେ ବଦଳି ଯାଉଛି । ଅବଶ୍ୟ ସେତେବେଳକୁ ତା'ର ପ୍ରାଥମିକ କ୍ରୂରଭାବ ଶିଳ୍ପୀ ନିଜ ଅଙ୍କନରେ ରେଖାବଦ୍ଧ କରି ନେଇଥିଲେ । କିନ୍ତୁ ଲୋକଟିର ଭାବାନ୍ତର ତାଙ୍କୁ ବିସ୍ମିତ କଲା ।

ତହିଁ ପରଦିନ ସେ ଦେଖିଲେ, ଲୋକଟି କାନ୍ଦୁଛି । କୌତୂହଳୀ ତଥା ଦରଦୀ ହୋଇ ଶିଳ୍ପୀ ନିଜ ତୂଳୀ ରଖିଦେଇ ତା' ପାଖକୁ ଯାଇ ପିଠି ଥାପୁଡ଼େଇ ଦେଇ କାନ୍ଦିବାର କାରଣ ପୁଚ୍ଛା କରନ୍ତେ ଲୋକଟି ବହୁ ଦୋଦୋପାଞ୍ଚ ହୋଇ କହିଲା, ''ତୁମେ ମୋତେ ଚିହ୍ନି ପାରୁନା ଶିଳ୍ପୀ ପ୍ରବର ? ତିରିଶ ବର୍ଷ ତଳେ, ତୁମେ ଦିନେ ମୋତେହିଁ ଆଦର୍ଶ କରି ଦେବଶିଶୁର ଚିତ୍ର ଅଙ୍କନ କରିଥିଲ !''

ବିସ୍ମିତ ଓ ହତଭମ୍ବ ଶିଳ୍ପୀ ନିର୍ବାକ୍ ଭାବରେ ଚାହିଁ ରହିଲେ । ସ୍ମୃତିର ତମସା ଭିତରୁ ଫୁଟି ଉଠିଲା ତିନି ଦଶନ୍ଧି ତଳର ସେ ସୁକୁମାର, ସୁନ୍ଦର ମୁହଁ । ସେହି ସ୍ଥବିରତା-ପ୍ରାୟ ଚମକରୁ ସେ ଉତ୍ତୀର୍ଣ୍ଣ ହେବା ପରେ ଶିଳ୍ପୀ ବନ୍ଦୀ ସହ ଧୀରେ ଧୀରେ ଅନ୍ତରଙ୍ଗ ହେଲେ । କୁସଙ୍ଗ ପ୍ରଭାବରେ ଆସି କିପରି କ୍ରମେ ସେ ଚରିତ୍ରଟି ଏକ ମଦମତ୍ତ ଭୟାବହ ବିଭୀଷିକାରେ ପରିଣତ ହୋଇଥିଲା, ତା'ର ବିବରଣୀ ସେ ସଂଗ୍ରହ କଲେ । ମଣିଷର ପରିବର୍ତ୍ତନ କେତେ ବ୍ୟାପକ ହୋଇପାରେ, ଏହା ତା'ର ଏକ ସୂଚନା ।

କିନ୍ତୁ ଶିଶୁର ସ୍ୱଭାବ ଯେପରି ନିଷ୍ପାପ, ମଣିଷ ସେ ନିଷ୍ପାପତା ବୟସାଧିକ୍ୟ ସତ୍ତ୍ୱେ ଅବ୍ୟାହତ ରଖି ପାରିବ ମଧ୍ୟ — ଶିଶୁ ଭଳି ଅଜ୍ଞାନ ଭାବରେ ନୁହେଁ, ସଜ୍ଞାନ ସଚେତନ ଭାବରେ । ଏହା ସହଜ ନୁହେଁ; କିନ୍ତୁ ସମ୍ଭବ । ଅଧୋଗତି ଦିଗରେ ଯେତିକି ସମ୍ଭାବନା ଥାଏ, ଅଗ୍ରଗତି ଦିଗରେ ସମ୍ଭାବନା ତାହାଠୁ ଅଧିକ । ସେ ସମ୍ଭାବନାର ସୁଯୋଗ ଜଣେ ନେବ କି ନନେବ, ତାହା ଭିନ୍ନ କଥା ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୬୮ - ୭୦]

❑❑❑

ଦିବ୍ୟଜନନୀଙ୍କର ଶକ୍ତିର ଚାପ ଓ ସହାୟତା ସର୍ବଦା ବିଦ୍ୟମାନ । ତୁମର ଅଗ୍ରଗତିର କ୍ଷିପ୍ରତା ନିର୍ଭର କରେ ତୁମେ କେତେଦୂର ସେହି ଶକ୍ତି ପ୍ରତି ଉନ୍ମୁଖ ରହୁଛ ଏବଂ କେତେଦୂର ଅନ୍ୟ ଶକ୍ତିରାଜିଙ୍କର ସକଳ ପ୍ରସ୍ତାବ ଓ ଆକ୍ରମଣକୁ ନୀରବରେ, ଶାନ୍ତଭାବରେ ଓ ଦୃଢ଼ଭାବରେ ପ୍ରତ୍ୟାଖ୍ୟାନ କରୁଛ । ବିଶେଷତଃ ପ୍ରାଣସତ୍ତାର ସ୍ନାୟବିକ ଉତ୍ତେଜନାକୁ ନିଶ୍ଚିତ ଭାବରେ ପରିହାର କରିବାକୁ ହେବ; ସ୍ଥୂଳସତ୍ତାରେ ଏକ ନୀରବ ଓ ଶାନ୍ତ ସାମର୍ଥ୍ୟହିଁ ହେଉଛି ଏକମାତ୍ର ଯଥାର୍ଥ ମୂଳଦୁଆ ।

— ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୫୪)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (ଜ) :

୧୫ ଅଗଷ୍ଟ, ୧୯୪୫ ମସିହାରେ ପ୍ରକୃତ ପକ୍ଷେ ବିଶ୍ୱଯୁଦ୍ଧର ଅନ୍ତିମ ଅବସାନ ଘଟିଲା । ... କିନ୍ତୁ ଭାରତର ରାଜନୈତିକ ପରିସ୍ଥିତିରେ ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ପୈଶାଚିକ ସଂଘର୍ଷ କ୍ରମାଗତ ଭାବରେ ଚାଲୁ ରହିଥିଲା । ହିନ୍ଦୁ-ମୁସଲମାନ ତଥା ବ୍ରିଟିଶ-ଭାରତ ସମ୍ପର୍କ ସମ୍ବନ୍ଧୀୟ ଭାରତର ଭବିଷ୍ୟତ୍ ସମସ୍ୟାରେ ପ୍ରକୃତରେ ଏକ ଅଶୁଭ ପ୍ରଶ୍ନବାଚୀ ଚିହ୍ନ ରହିଥିଲା । ଶ୍ରୀମାଶ୍ରୀଅରବିନ୍ଦ ଏ ସମ୍ବନ୍ଧେ ଅବଶ୍ୟ ଅବଗତ ଥିଲେ ।

ଶ୍ରୀମା'ଙ୍କର ୧୯୪୬ର ନବବର୍ଷ ପ୍ରାର୍ଥନାଟି ଥିଲା :

''ପରମ ପ୍ରଭୁ, ଆମେ ତୁମରି ଦିବ୍ୟ ଶାନ୍ତିର ଅଭିଳାଷୀ, ଶାନ୍ତିର ଏକ ବ୍ୟର୍ଥ ପ୍ରତୀତି ନୁହେଁ; ତୁମର ଦିବ୍ୟ ମୁକ୍ତି, ମୁକ୍ତିର ଏକ ବ୍ୟର୍ଥ ପ୍ରତୀତି ନୁହେଁ; ତୁମରି ଦିବ୍ୟ ଐକ୍ୟ, ଐକ୍ୟର ଏକ ବ୍ୟର୍ଥ ପ୍ରତୀତି ନୁହେଁ । କାରଣ କେବଳ ତୁମରି ଦିବ୍ୟ ଶାନ୍ତି, ତୁମରି ଦିବ୍ୟ ମୁକ୍ତି, ତୁମରି ଦିବ୍ୟ ଐକ୍ୟହିଁ ତଥାପି ପୃଥିବୀରେ ରାଜତ୍ୱ କରୁଥିବା ଅନ୍ଧ ହିଂସା, କପଟତା ଏବଂ ମିଥ୍ୟାଚାର ବିରୋଧରେ ବିଜୟ ହାସଲ କରିପାରେ ।

''ମଞ୍ଜୁର କର ଯେ ଯେଉଁମାନେ ତୁମରି ସୁମହାନ୍ ବିଜୟ ସକାଶେ ବୀରତ୍ୱର ସହିତ ସଂଗ୍ରାମ କରିଥିଲେ ଏବଂ ଦୁଃଖଯନ୍ତ୍ରଣାସବୁ ସହ୍ୟ କରିଥିଲେ, ସେମାନେ ଯେପରି ଅବଶେଷରେ ପୃଥିବୀପୃଷ୍ଠରେ ଉପଲବ୍ଧ ହୋଇଥିବା ଯଥାର୍ଥ ବିଜୟଲାଭକୁ ହୃଦୟଙ୍ଗମ କରି ପାରନ୍ତି ।''

(MCW. 15, p. 181)

୧୯୪୬ର ସାରାବର୍ଷଟି, କହିବାକୁ ଗଲେ ଆଶ୍ରମ ତା'ର ବାହ୍ୟ ଜୀବନଧାରାରେ ନିଜକୁ ସୁରକ୍ଷିତ ଅବସ୍ଥାରେ ପର୍ଯ୍ୟବସିତ କରି ରଖିପାରି ଥିଲା ଏବଂ ଆଶ୍ରମର ଅନ୍ତେବାସୀମାନଙ୍କର ସାମ୍ପ୍ରଦାୟିକ ଓ ଆଧ୍ୟାତ୍ମିକ ଜୀବନଧାରା ତଥା ଆଶ୍ରମ ସ୍କୁଲର ବିଦ୍ୟାଶିକ୍ଷା ଓ ଶାରୀରିକ ପ୍ରଶିକ୍ଷଣର ଉନ୍ନତି ସାଧନର ଧାରାସବୁରେ ଏକ ଉଚ୍ଚମାନର ସୁସଙ୍ଗତି ଓ କର୍ମ-ଦକ୍ଷତା ବଜାୟ ରଖିପାରି ଥିଲା । କିନ୍ତୁ ବାହ୍ୟ ଜଗତରୁ ଏହା ଅଲଗା ଓ ନିଭୃତରେ ରହିଥିବା ସଦୃଶ ପ୍ରତୀୟମାନ ହେଉଥିଲେ ମଧ୍ୟ ଆଶ୍ରମଟି ଏକ କ୍ଷୁଦ୍ର ଓ ସ୍ୱୟଂସମ୍ପୂର୍ଣ୍ଣ ପୃଥିବୀ ହୋଇ ରହିଥିଲା ଏବଂ ଏହାର ଗତାନୁଗତିକ ଧାରାରେ ବାହ୍ୟ ଜଗତରେ ଘଟୁଥିବା ପ୍ରତିଟି ଘଟଣାରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ବା ମୁକ୍ତ କରିପାରୁ ନଥିଲା । ଦୀର୍ଘକାଳ ଧରି ଜନସମାଜରେ ବାର ବାର ଘଟୁଥିବା ବିକ୍ଷୋଭସବୁର ବିବରଣୀ ନିୟମିତ ଖବରକାଗଜ ଓ ବେତାରବାର୍ତ୍ତାରେ ସମ୍ପ୍ରସାରିତ ହେଉଥିଲା । ପୁନଶ୍ଚ ଇତି ମଧ୍ୟରେ ଆଶ୍ରମ ବାହାରେ ରହୁଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କର ଅସଂଖ୍ୟ ଭକ୍ତ ତଥା ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଆଶ୍ରମ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଥିଲେ । ଏମାନଙ୍କ ମଧ୍ୟରେ ଆଶ୍ରମର ଅନ୍ତେବାସୀଙ୍କର ତଥା ଛାତ୍ରଛାତ୍ରୀଙ୍କର ପରିବାରବର୍ଗ ଓ ସମ୍ପର୍କୀୟ ବନ୍ଧୁବାନ୍ଧବ ଅନ୍ତର୍ଭୁକ୍ତ ଥିଲେ । ଅବଶ୍ୟ ଏମାନେ ସମସ୍ତେ ଆଶ୍ରମର ସୁରକ୍ଷା ବଳୟର ବାହାରେ ଜୀବନଯାପନ କରୁଥିଲେ । ତେଣୁ ସ୍ୱାଭାବିକ ରୂପେ ଆଶ୍ରମକୁ ପ୍ରଚୁର ଚିଠିପତ୍ର ଆସୁଥିଲା – ଅଭିପ୍ରାୟ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଦିବ୍ୟ ପ୍ରଭାବର ସୁରକ୍ଷା, ଆଶୀର୍ବାଦ ଓ ସଦୁପଦେଶ ଲାଭ । ଏହି ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କର ୨ ଜୁନ୍, ୧୯୪୬ରେ ଜନୈକ ସାମ୍ବାଦିକଙ୍କୁ ଲିଖିତ ପତ୍ରଟି ଥିଲା ନିମ୍ନମତେ :

''ମୁଁ ଜାଣେ ତୁମ ପାଇଁ ଓ ସମସ୍ତଙ୍କ ପାଇଁ ଏହା ଏକ କଷ୍ଟକର ସମୟ । ସମୁଦାୟ ପୃଥିବୀର ମଧ୍ୟ ଅନୁରୂପ ଅବସ୍ଥା । ବିଶୃଙ୍ଖଳା, ବାଧାବିଘ୍ନ, ଅରାଜକତା ଓ ବିକ୍ଷୋଭ ବର୍ତ୍ତମାନ ସର୍ବତ୍ର ସାଧାରଣ ଅବସ୍ଥା ହୋଇପଡ଼ିଛି । ଯେଉଁ ମହତ୍ତର ବିଷୟ ଆସିବ ତାହା ପରଦାର ଅନ୍ତରାଳରେ ପ୍ରସ୍ତୁତ ହେଉଛି ଓ ବୃଦ୍ଧି ପାଉଛି ଏବଂ ଜଗତର ସବୁକିଛି ନିକୃଷ୍ଟତମ ବସ୍ତୁ ସର୍ବତ୍ର ପ୍ରାଧାନ୍ୟ ଲାଭ କରିଛି । ଆଲୋକର ମୁହୂର୍ତ୍ତ ଆସିବା ପର୍ଯ୍ୟନ୍ତ ଏକମାତ୍ର କର୍ତ୍ତବ୍ୟ ହେଲା ନିଜ ସ୍ଥିତିରେ ଦୃଢ଼ ଓ ଅଟଳ ହୋଇ ରହିବା ।''

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃଷ୍ଠା ୧୬୮)

ପୁନଶ୍ଚ ୧୯.୧୦.୧୯୪୬ରେ ଶ୍ରୀଅରବିନ୍ଦଙ୍କର ଲିଖିତ ଅନ୍ୟ ଏକ ପତ୍ର :

''ବଙ୍ଗର ଅବସ୍ଥା ନିତାନ୍ତ ଖରାପ, ସେଠାରେ ହିନ୍ଦୁମାନଙ୍କ ଅବସ୍ଥା ଭୟଙ୍କର ଏବଂ ଦିଲ୍ଲୀରେ ସ୍ୱାର୍ଥମୂଳକ 'ମଧ୍ୟବର୍ତ୍ତୀ କାଳୀନ ଆପୋସ' ସତ୍ତ୍ୱେ ମଧ୍ୟ ଏହା ଆହୁରି ଖରାପ ଅବସ୍ଥାକୁ ଯାଇପାରେ । କିନ୍ତୁ ଏ ସଂପର୍କରେ ପ୍ରତିକ୍ରିୟାକୁ ଅତ୍ୟଧିକ ହେବାକୁ ଦେବା ନାହିଁ ବା ନୈରାଶ୍ୟକୁ ପ୍ରଶ୍ରୟ ଦେବା ନାହିଁ । ବଙ୍ଗରେ ଅତି କମ୍‌ରେ ଦୁଇ କୋଟି ହିନ୍ଦୁ ଅଛନ୍ତି ଏବଂ ସେମାନଙ୍କୁ ସମୂଳେ ବିନାଶ କରାଯାଇ ପାରିବ ନାହିଁ – ଏପରିକି ହିଟ୍‌ଲର ମଧ୍ୟ ତାହାର ସମସ୍ତ ଧ୍ୱଂସକାରୀ, ହତ୍ୟାକାରୀ ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ଇହୁଦୀମାନଙ୍କର ସମୂଳ ବିନାଶ ଘଟାଇବାକୁ ଅସମର୍ଥ ହେଲା – ଆଜି ମଧ୍ୟ ସେହି ଇହୁଦୀମାନେ ଅତ୍ୟନ୍ତ ଜୀବନ୍ତ ଭାବରେ ନିଜର ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି । ଆଉ ହିନ୍ଦୁ ସଂସ୍କୃତି ତ କେବେ ବି ଦୁର୍ବଳ ବା ହାଲୁକା ଜିନିଷ ନୁହେଁ, ଯାହାକୁ ଏତେ ସହଜରେ ନିର୍ମୂଳ କରାଯାଇ ପାରିବ । ଏହା ନିହାତି କମ୍‌ରେ ପ୍ରାୟ ପାଞ୍ଚ ହଜାର ବର୍ଷ ଧରି ରହିଆସିଛି ଏବଂ ଅଧିକ ଦୀର୍ଘ ସମୟ ରହିପାରିବ ଏବଂ ତିଷ୍ଠି ରହିବା ପାଇଁ ଯଥେଷ୍ଟ ଶକ୍ତି ସଞ୍ଚୟ କରିପାରିଛି । ଯାହା ଘଟୁଛି ତାହା ମୋ ପାଇଁ କିଛି ବିସ୍ମୟର ବିଷୟ ନୁହେଁ । ବହୁ ପୂର୍ବରୁ ବଙ୍ଗରେ ଥିବାବେଳେ, ଏପରି ଘଟିବ ବୋଲି ମୁଁ ଜାଣି ପାରିଥିଲି । ମୁଁ ଲୋକମାନଙ୍କୁ ସତର୍କ କରାଇ ଦେଇ କହିଥିଲି ଯେ ଏହା ଘଟିପାରେ ଏବଂ ଏହା ଘଟିବା ପ୍ରାୟ ଅନିବାର୍ଯ୍ୟ ଏବଂ ସେଥିପାଇଁ ସେମାନେ ପ୍ରସ୍ତୁତ ହେବା ଦରକାର । ମୁଁ ଯାହା କହିଲି ସେସମୟରେ କେହି ତାହାକୁ ମୂଲ୍ୟ ଦେଲେ ନାହିଁ; ଯଦିଓ ପ୍ରଥମେ ଗଣ୍ଡଗୋଳ ହେବା ପରେ କେତେକେ ତାହା ମନେ ରଖିଥିଲେ ଓ ସ୍ୱୀକାର କରିଥିଲେ ଯେ ପ୍ରକୃତରେ ମୁଁ ଯାହା କହିଥିଲି ତାହା ସତ୍ୟ । କେବଳ ଚିତ୍ତରଞ୍ଜନ ଦାସଙ୍କର ଏ ବିଷୟରେ ଖୁବ୍ ଆଶଙ୍କା ଥିଲା । ଏପରିକି ଥରେ ସେ ପଣ୍ଡିଚେରୀ ଆସିଥିବା ବେଳେ ମୋତେ କହିଲେ ଯେ ଏହି ଭୟଙ୍କର ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ବ୍ରିଟିଶମାନେ ଭାରତ ଛାଡ଼ି ଯିବାକୁ ସେ ପସନ୍ଦ କରୁ ନାହାନ୍ତି । କିନ୍ତୁ ଯାହା ଘଟୁଛି ତଦ୍ୱାରା ମୁଁ ଆଦୌ ହତୋତ୍ସାହ ହୋଇ ପଡ଼ି ନାହିଁ, କାରଣ ମୁଁ ଜାଣେ ଏବଂ ଶତବାର ମୋର ଏପରି ଅନୁଭୂତି ହୋଇଛି ଯେ ଯିଏ ଭଗବାନଙ୍କ ଯନ୍ତ୍ର, ତା' ପାଇଁ ଗାଢ଼ତମ ଅନ୍ଧକାରର ପରେ ପରେ ରହିଛି ଭଗବାନଙ୍କ ବିଜୟର ଆଲୋକ । ପୃଥିବୀରେ କିଛି ଘଟିବା ପାଇଁ ମୁଁ ଏପରି କୌଣସି ଦୃଢ଼ ଓ ଅବିଚଳ ସଂକଳ୍ପ କେବେ କରି ନାହିଁ – ଅବଶ୍ୟ ନିଜ ବ୍ୟକ୍ତିଗତ ବିଷୟରେ ମୁଁ କହୁ ନାହିଁ – ଯାହା ଏପରିକି ବିଳମ୍ବ, ପରାଜୟ ଓ ବିପର୍ଯ୍ୟୟ ସତ୍ତ୍ୱେ ଅବଶେଷରେ ଘଟି ନାହିଁ । ଏପରି ସମୟ ଥିଲା ଯେତେବେଳେ ହିଟ୍‌ଲର ସର୍ବତ୍ର ବିଜୟୀ ହୋଇ ଉଠିଥିଲା ଏବଂ ମନେ ହେଉଥିଲା ଅସୁରର ଏକ ଗାଢ଼ ତମପୂର୍ଣ୍ଣ ଯୁଆଳି ସମସ୍ତ ପୃଥିବୀ ଉପରେ ଲଦି ଦିଆହେବ । କିନ୍ତୁ ବର୍ତ୍ତମାନ ହିଟ୍‌ଲର କେଉଁଠି ? ଏବଂ କେଉଁଠି ବା ତା'ର ଶାସନ ? ମାନବ-ଇତିହାସର ଭୟଙ୍କର ଏକ ଅଧ୍ୟାୟର ପରିସମାପ୍ତିକୁ ବର୍ଲିନ୍ ଓ ନୁରେମ୍‌ବର୍ଗ ସୂଚିତ କରାଉଛି । ଅନ୍ୟାନ୍ୟ ଅନ୍ଧକାରମୟ ଶକ୍ତି ମାନବସମାଜକୁ ଆଚ୍ଛାଦିତ ଏପରିକି ପୂରାପୂରି ଗ୍ରାସ କରିବାର ଭୟ ଦେଖାଉଛନ୍ତି; କିନ୍ତୁ ପୂର୍ବରୁ ଘଟିଥିବା ଦୁଃସ୍ୱପ୍ନର ସମାପ୍ତି ପରି ସେମାନଙ୍କର ମଧ୍ୟ ପରିସମାପ୍ତି ଘଟିବ । ମୋର ଏହି ବିଶ୍ୱାସକୁ ଯାହାସବୁ ସମର୍ଥନ କରୁଛି ସେସବୁ ବିଷୟରେ ମୁଁ ପୂର୍ଣ୍ଣ ଭାବରେ ଏ ଚିଠିରେ ଲେଖିପାରୁ ନାହିଁ – ଦିନେ ହୁଏତ ସେଥିପାଇଁ ମୁଁ ସମର୍ଥ ହେବି ।''

(ତତ୍ରୈବ : ପୃ. ୧୬୮ - ୬୯)

ଏଠାରେ ଉଲ୍ଲେଖନୀୟ ଯେ, ''୫ ଜୁନ୍ ୧୯୨୩, ଉପରଓଳି ସାଢ଼େ ତିନିଟା ସମୟରେ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ଅନେକ ସମୟ ପର୍ଯ୍ୟନ୍ତ ଆଳାପ ଆଲୋଚନା କରିଥିଲେ ।''

(A. B. Purani : 'The Life of Sri Aurobindo', p. 186)

*

ଏହି ୧୯୪୬ ମସିହାରେ ପୃଥିବୀପୃଷ୍ଠରେ ସମସ୍ତଙ୍କର ଅଜ୍ଞାତସାରରେ ଏକ ମହିମମୟ ଘଟଣା ଘଟିଥିଲା – କାରଣ ଏହା ଘଟିଥିଲା ନିଗୂଢ଼ ତଥା ଗୁହ୍ୟ ଜଗତର ସ୍ତର (occult plane)ରୁ, ଆଧ୍ୟାତ୍ମିକ ଜଗତର ସ୍ତରରୁ । ଏ ସମ୍ବନ୍ଧରେ ଶ୍ରୀମା'ଙ୍କର ବର୍ଣ୍ଣନାରୁ କିୟଦଂଶ ଉଦ୍ଧାର କରୁଛୁ ।

ସେଦିନ ଥିଲା ୨୫ ଅଗଷ୍ଟ ୧୯୫୪ । ଶ୍ରୀମା ତାଙ୍କର 'ପ୍ରଶ୍ନୋତ୍ତର' କ୍ଲାସରେ ଶ୍ରୀଅରବିନ୍ଦଙ୍କର 'ମା' ପୁସ୍ତକରୁ ନିମ୍ନୋକ୍ତ ଅଂଶଟି ପାଠ କରି ଏହାରି ଉପରେ ପ୍ରଶ୍ନସବୁର ଉତ୍ତର ଦେଇଥିଲେ ।

*"ଦିବ୍ୟ ଜନନୀଙ୍କର ଅନ୍ୟାନ୍ୟ ମହାରୂପ ମଧ୍ୟ ଅଛି – କିନ୍ତୁ ସେସବୁକୁ ଅବତରଣ କରାଇବା ଅଧିକତର କଠିନ, ପୃଥିବୀର ଆତ୍ମପୁରୁଷଙ୍କର କ୍ରମବିକାଶରେ ସେମାନେ ସେପରି ସ୍ପଷ୍ଟ ଭାବରେ ସମ୍ମୁଖକୁ ଆସି ଛିଡ଼ା ହୁଅନ୍ତି ନାହିଁ। ତେବେ ସେମାନଙ୍କ ମଧ୍ୟରୁ କେତେ ଜଣ ଅଛନ୍ତି, ଯେଉଁମାନଙ୍କର ଆବିର୍ଭାବ ଅତିମାନସ ସିଦ୍ଧି ସକାଶେ ଅପରିହାର୍ଯ୍ୟ। ସର୍ବାପେକ୍ଷା ବେଶୀ ପ୍ରୟୋଜନ ଜଣଙ୍କର, ଯେ ମା'ଙ୍କର ଦୁର୍ଜ୍ଞେୟ, ଦୁର୍ବାର ଆନନ୍ଦର ବିଗ୍ରହ, ସେହି ଆନନ୍ଦ ଏକ ଭାଗବତ ପ୍ରେମର ପରମ ପଦରୁ ଉତ୍ସାରିତ, କେବଳ ସେହି ଆନନ୍ଦହିଁ ଅତିମାନସର ଉଚ୍ଚତମ ଉଚ୍ଚତା ଆଉ ଜଡ଼ର ଅଧସ୍ତନ ଗହ୍ୱର, ଏହି ଦ୍ୱୟର ବିଚ୍ଛେଦକୁ ଦୂର କରି ଉଭୟ ମଧ୍ୟରେ ମିଳନର ସେତୁ ସ୍ଥାପନ କରିବାକୁ ସକ୍ଷମ। ଏହି ଆନନ୍ଦ ମଧ୍ୟରେ ନିହିତ ଅଛି ଗୋଟିଏ ଅନୁପମ ପରମ ଦିବ୍ୟ ଜୀବନର ଗୁପ୍ତମନ୍ତ୍ର, ଆଉ ବର୍ତ୍ତମାନ ବି ଏହି ଆନନ୍ଦହିଁ ଅନ୍ତରାଳରୁ ବିଶ୍ୱର ଅନ୍ୟାନ୍ୟ ମହାଶକ୍ତିର କ୍ରିୟାକୁ ଧାରଣ କରି ରହିଛି।"*

('ମା' ପୁସ୍ତକ : ପୃ. ୫୬ - ୫୭)

*ଶ୍ରୀମା'ଙ୍କୁ ପ୍ରଶ୍ନ : ମଧୁମୟୀ ମା, ଏହା ଦିବ୍ୟ ଜନନୀଙ୍କର କେଉଁ ମହାରୂପ ଏବଂ ସେ କେବେ ଏଠାରେ ପ୍ରକାଶିତ ହେବେ ?*

ଶ୍ରୀମା : ... ତୁମେ ପଚାରିଥିଲ, 'ଏହା ମା'ଙ୍କ କେଉଁ ରୂପ ଓ କେବେ ସେ ଆସିବେ ?' (*ନୀରବତା*) ଏବଂ ଏହା ହେଉଛି ମୋର ଉତ୍ତର :

ସେ ଆସିଛନ୍ତି, ନିଜ ସଙ୍ଗରେ ଶକ୍ତି ଓ ପ୍ରେମର ଏକ ବିପୁଳ ଐଶ୍ୱର୍ଯ୍ୟ ନେଇ ଓ ପୃଥିବୀ ପାଇଁ ଏଯାଏ ଅଜଣା ଦିବ୍ୟ ଆନନ୍ଦର ଏକ ନିବିଡ଼ତା ନେଇ।

ଏହା ଦ୍ୱାରା ସ୍ଥୂଳ ଭୌତିକ ବାତାବରଣ ସଂପୂର୍ଣ୍ଣ ବଦଳି ଯାଇଛି, ନୂତନ ଓ ବିସ୍ମୟକର ସମ୍ଭାବନାସବୁରେ ଏହା ସିକ୍ତ ଓ ପରିପୂର୍ଣ୍ଣ ହୋଇଉଠିଛି।

କିନ୍ତୁ ସେ ଏଠାରେ ସ୍ଥିର ଭାବରେ ଅବସ୍ଥାପିତ ହୋଇ କ୍ରିୟା କରିବାକୁ ହେଲେ ତାଙ୍କୁ ଗ୍ରହଣ କରିବା ପାଇଁ ଅନ୍ତତଃ ଏକ ସର୍ବନିମ୍ନ ଗ୍ରହଣଶୀଳତାର ପ୍ରୟୋଜନୀୟତା ରହିଛି। ସେ ଅନ୍ତତଃ ପକ୍ଷେ ଏପରି ଜଣେ ବ୍ୟକ୍ତିଙ୍କୁ ପାଇବା ଦରକାର ଯାହାଙ୍କର ପ୍ରାଣିକ ଓ ଶାରୀର-ପ୍ରକୃତିରେ ଆବଶ୍ୟକ ଗୁଣ ଓ କ୍ଷମତା ରହିଥିବ; ସେ ଯେପରି ଏକ ଶୁଦ୍ଧ ବ୍ୟକ୍ତି ହୋଇଥିବେ ଯାହାଙ୍କର ସ୍ୱତଃସ୍ଫୂର୍ତ୍ତ ଓ ପୂର୍ଣ୍ଣାଙ୍ଗ ଶୁଦ୍ଧତାସଂପନ୍ନ ଏକ ଉଚ୍ଚକୋଟିର ବ୍ୟକ୍ତିତ୍ୱ ରହିଥିବ ଓ ତହିଁ ସଙ୍ଗେ ସଙ୍ଗେ ତାଙ୍କର ଏପରି ଏକ ଦୃଢ଼, ବଳିଷ୍ଠ ଓ ସମତୁଲ ଶରୀର ରହିଥିବ ଯାହାକି ମା'ଙ୍କର ଏହି ରୂପ ନିଜ ସଙ୍ଗରେ ଆଣୁଥିବା ଦିବ୍ୟ ଆନନ୍ଦର ନିବିଡ଼ ତୀବ୍ରତାରେ ଭାଙ୍ଗି ନପଡ଼ି ତାହାକୁ ସହ୍ୟ କରିବା ପାଇଁ ସକ୍ଷମ ହୋଇଥିବ।

ଏପର୍ଯ୍ୟନ୍ତ ସେଇ ଧରଣର ଉପଯୁକ୍ତ କୌଣସି ବ୍ୟକ୍ତିକୁ ସେ ପାଇ ନାହାନ୍ତି। ମଣିଷମାନେ ଜିଦ୍‌ଖୋର ଭାବରେ ସେହି ମଣିଷ ହୋଇହିଁ ରହି ଯାଇଛନ୍ତି, ଅତିମାନବ ହେବାକୁ କେହି ଚାହାନ୍ତି ନାହିଁ ବା ହୋଇ ମଧ୍ୟ ପାରିବେ ନାହିଁ। ସେମାନଙ୍କ ନିଜ ମାପ ଅନୁସାରେ କାଟଛାଁଟ ହୋଇଥିବା ଏକ ମାନୁଷୀ ପ୍ରେମହିଁ ସେମାନେ ଚାହାନ୍ତି। ଦିବ୍ୟ ଭଗବତ୍ ଆନନ୍ଦର ସମସ୍ତ ମହିମମୟ ଐଶ୍ୱର୍ଯ୍ୟ ସେମାନଙ୍କ ଦୃଷ୍ଟି ଓ ପ୍ରତ୍ୟକ୍ଷ ଆଗରେ ଧରାପଡ଼େ ନାହିଁ।

ତେଣୁ, ସମୟ ସମୟରେ ସେ ନିଜକୁ ପ୍ରତ୍ୟାହାର କରି ନେବା କଥା ଭାବନ୍ତି, କାରଣ ସେ ଦେଖୁଛନ୍ତି ତାଙ୍କୁ ଗ୍ରହଣ କରିବାକୁ ପୃଥିବୀ ପ୍ରସ୍ତୁତ ନୁହେଁ। ଏବଂ ଏହା ହେବ ଏକ ନିଷ୍ଠୁର କ୍ଷତି। ଅବଶ୍ୟ ଏହା ସତ୍ୟ ଯେ ବର୍ତ୍ତମାନ ସୁଦ୍ଧା ତାଙ୍କର ଉପସ୍ଥିତି ଅନେକଟା ନାମମାତ୍ର, ସେତେଟା ସକ୍ରିୟ ନୁହେଁ, କାରଣ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାର ସୁଯୋଗ ସେ ପାଇ ନାହାନ୍ତି। କିନ୍ତୁ ତଥାପି ମଧ୍ୟ ଭଗବତ୍ କର୍ମ ପାଇଁ ତାଙ୍କର ସହାୟତା ଖୁବ୍ ଶକ୍ତିଶାଳୀ। କାରଣ ମା'ଙ୍କର ସମସ୍ତ ବିଭାବ ଭିତରୁ ଏହି ବିଭାବଟିରହିଁ ଶରୀର ରୂପାନ୍ତର ପାଇଁ ସର୍ବଶ୍ରେଷ୍ଠ ଶକ୍ତି ଓ କ୍ଷମତା ରହିଛି। ଏହା ନିଶ୍ଚିତ ଯେ ଭଗବତ୍ ଆନନ୍ଦର ସଂସ୍ପର୍ଶ ଲାଭ କରି ଯେଉଁ ଦେହକୋଷଗୁଡ଼ିକ ସ୍ପନ୍ଦିତ ହୁଅନ୍ତି, ସେହି ଦିବ୍ୟ ଆନନ୍ଦକୁ ଗ୍ରହଣ ଓ ସୁରକ୍ଷିତ କରି ରଖିବା ପାଇଁ ସକ୍ଷମ ହୁଅନ୍ତି, ସେଗୁଡ଼ିକ ଅମରତ୍ୱ ଲାଭ ଦିଗରେ ଆଗେଇ ଯାଉଥିବା ପୁନରୁଜ୍ଜୀବିତ ଦେହକୋଷ। କିନ୍ତୁ ଦିବ୍ୟ ଆନନ୍ଦର ସ୍ପନ୍ଦନ ଓ ସୁଖର ସ୍ପନ୍ଦନ ସେହି ଗୋଟିଏ ପ୍ରାଣିକ ଓ ଦୈହିକ ବ୍ୟବସ୍ଥାର ଗଠନ ଭିତରେ ଏକତ୍ର ରହିପାରିବେ ନାହିଁ। ତେଣୁ ଦିବ୍ୟ ଆନନ୍ଦକୁ ଗ୍ରହଣ କରିବାର ଅବସ୍ଥା ଭିତରେ ରହିବାକୁ ହେଲେ ତୁମକୁ ଅନ୍ୟ ସମସ୍ତ ସୁଖର ଅନୁଭୂତିକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିବାକୁ ହେବ। କିନ୍ତୁ ଏପରି ଖୁବ୍ କମ୍ ଲୋକ ବାହାରିବେ ଯେଉଁମାନେ ସୁଖ ଭୋଗକୁ ସଂପୂର୍ଣ୍ଣ ପରିତ୍ୟାଗ କରି ଦେଇ ପାରିବେ ଯଦି ତାହା କରିବାକୁ

ଯାଇ ତହିଁ ସଙ୍ଗେ ସଙ୍ଗେ ସେମାନେ ସକ୍ରିୟ ଜୀବନରେ ସମସ୍ତ ପ୍ରକାର ଅଂଶ ଗ୍ରହଣକୁ ମଧ୍ୟ ପରିତ୍ୟାଗ କରି ନ ଦିଅନ୍ତି ଓ ଏକ କଠୋର କୃଚ୍ଛ୍ରସାଧନା ଭିତରେ ବୁଡ଼ି ନ ଯାଆନ୍ତି । ଏବଂ ଯେଉଁମାନେ ଜାଣନ୍ତି ଯେ କେବଳ ସକ୍ରିୟ ଜୀବନରେହିଁ ରୂପାନ୍ତର ଘଟିବା ସମ୍ଭବପର, ସେମାନେ ଏହା ଦେଖିବା ପାଇଁ ଚେଷ୍ଟା କରନ୍ତି ଯେ ସୁଖ ହେଉଛି ଉଣା ଅଧିକେ ଦିବ୍ୟ ଆନନ୍ଦରହିଁ ଏକ ଅଶୋଧିତ ରୂପ; ଏବଂ ଏହିପରି ଭାବରେ ସେମାନେ ନିଜ ଭିତରେ ସେମାନଙ୍କ ବ୍ୟକ୍ତିଗତ ସୁଖଭୋଗ-ଲିପ୍ସାର ଯାଥାର୍ଥ୍ୟ ପ୍ରତିପାଦନ କରନ୍ତି ଓ ନିଜର ରୂପାନ୍ତର ପଥରେ ପ୍ରାୟ ଏକ ଅନତିକ୍ରମଣୀୟ ପ୍ରତିବଂଧକ ସୃଷ୍ଟି କରନ୍ତି । ...

*(ଦୀର୍ଘ ନୀରବତା)*

ଯଦି କାହାର କିଛି କହିବାର ଥାଏ ସେ କହିପାରେ ... ଖାଲି ଛାତ୍ରମାନେ ନୁହନ୍ତି, ଯାହାର କିଛି କହିବାର ଥାଏ ସେ କହିପାରନ୍ତି ।

*ପ୍ରଶ୍ନ : ଯଦି ଜଣେ ସାଫଲ୍ୟଲାଭ କରି ନାହିଁ, ସେ ଚେଷ୍ଟା କରିପାରେ ?*

ଶ୍ରୀମା : କ'ଣ କହିଲ ?

*ପ୍ରଶ୍ନ : ଏପର୍ଯ୍ୟନ୍ତ ଯଦି ଜଣେ ସଫଳ ହୋଇ ପାରି ନାହିଁ, ସେ ଚେଷ୍ଟା କରିପାରେ ?*

ଶ୍ରୀମା : ଓଃ, ଜଣେ ସବୁ ସମୟରେ ଚେଷ୍ଟା କରିପାରେ ... ଏହି ପୃଥିବୀ ପ୍ରତ୍ୟେକ ମୁହୂର୍ତ୍ତରେ ପୁଣି ଥରେ ନୂଆ କରି ସୃଷ୍ଟି ହେଉଛି । ତୁମେ ଏଇ ମୁହୂର୍ତ୍ତରେହିଁ ଏକ ଜଗତର ପୁନଃ ସୃଷ୍ଟି କରିପାର ଯଦି ତୁମେ ଜାଣିଥାଅ ଏହି ସୃଷ୍ଟିଟି କିପରି କରିବାକୁ ହୁଏ, ଅର୍ଥାତ୍ ତୁମେ ଯଦି ତୁମର ପ୍ରକୃତିକୁ ବଦଳାଇବାକୁ ସକ୍ଷମ ହୁଅ ।

ମୁଁ ତୁମକୁ ଏପରି କହି ନାହିଁ ଯେ ସେ ଚାଲିଯାଇଛନ୍ତି ବୋଲି । ମୁଁ ତୁମକୁ କହିଥିଲି ଯେ ସମୟ ସମୟରେ ସେ ଛାଡ଼ି ଚାଲିଯିବା କଥା ଭାବୁଛନ୍ତି ।

*ପ୍ରଶ୍ନ : କିନ୍ତୁ ମା', ସେ ଓହ୍ଲାଇ ଆସିଥିଲେ, କାରଣ ସେ ନିଶ୍ଚୟ କୌଣସି ସମ୍ଭାବନା ଦେଖି ପାରିଥିଲେ !*

ଶ୍ରୀମା : ଏଃ ?

ସେ ଓହ୍ଲାଇ ଆସିଥିଲେ କାରଣ ଏକ ସମ୍ଭାବନା ଥିଲା, କାରଣ ଜିନିଷ ସବୁ ଗୋଟାଏ ଅବସ୍ଥାରେ ପହଞ୍ଚି ଥିଲା ଏବଂ ସେହି ସମୟ ଆସିଥିଲା ଯେତେବେଳେ ତାଙ୍କର ଅବତରଣ ସମ୍ଭବ ହୋଇଥିଲା ।

ପ୍ରକୃତରେ ସେ ଅବତରଣ କରି ଆସିଥିଲେ, କାରଣ ମୁଁ ଭାବିଥିଲି ଯେ ଏହା ସମ୍ଭବ ... ସେ ସଫଳ ହୋଇପାରିବେ । *(ନୀରବତା)* ସବୁସମୟରେ ସମ୍ଭାବନା ରହିଛି କେବଳ ... ସେଗୁଡ଼ିକ ବାସ୍ତବତାରେ ପରିଣତ ହେବା ଆବଶ୍ୟକ । ଦେଖ, ମୁଁ ତୁମକୁ ଯାହା କହିଥିଲି ତାହାର ପ୍ରମାଣ ହେଉଛି ଏହା ଘଟିଥିଲା ଏକ ନିର୍ଦ୍ଦିଷ୍ଟ ସମୟରେ, ଏବଂ ସେହି ସମୟରେ ... ଦୁଇ ତିନି ସପ୍ତାହ ଧରି ... କେବଳ ଆଶ୍ରମ ବାତାବରଣ ନୁହେଁ, ସମଗ୍ର ପୃଥିବୀର ବାତାବରଣ ଏପରି ଶକ୍ତିରେ, ନିର୍ଦ୍ଦିଷ୍ଟ ଭାବରେ ଏପରି ଦିବ୍ୟାନନ୍ଦରେ ପରିପ୍ଲୁତ ହୋଇଥିଲା ଓ ତାହା ଏପରି ଏକ ବିସ୍ମୟକର ଶକ୍ତିର ସଂଚାର କରିଥିଲା ଯେ ଯେଉଁ କାମଗୁଡ଼ିକ କରିବା ପାଇଁ ବେଶ୍ କଷ୍ଟକର ହେଉଥିଲା, ତାହା ପ୍ରାୟ ତତ୍‌କ୍ଷଣାତ୍ ସଂପନ୍ନ ହେଉଥିଲା । ସମଗ୍ର ପୃଥିବୀରେ ତାହାର ପ୍ରଭାବ ପଡ଼ିଥିଲା ଏବଂ ମୁଁ ଭାବୁ ନାହିଁ ଯେ ତୁମ ଭିତରୁ ଏପରି ଜଣେ କେହି ଅଛନ୍ତି ଯେକି ଏ ସଂପର୍କରେ ସଚେତ ଓ ଅବଗତ ଥିଲେ । ଏପରିକି ତୁମେ କହିପାରିବ ନାହିଁ ଏହା କେଉଁ ସମୟରେ ଘଟିଥିଲା, କହିପାରିବ କି ?

*ପ୍ରଶ୍ନ : ଏହା କେବେ ଘଟିଥିଲା ? (ହାସ୍ୟ)*

ଶ୍ରୀମା : ମୁଁ ଠିକ୍ ତାରିଖଟି ଜାଣି ନାହିଁ । ମୋର ତାରିଖ ସବୁ ମନେ ରୁହେ ନାହିଁ । ମୁଁ ତୁମକୁ କହିପାରେ ଯେ ପ୍ରାୟ, ପାଖାପାଖି ...(ନୀରବତା) । ବୋଧହୁଏ ମୁଁ ଯଦି ମୋର କାଗଜପତ୍ର ଦେଖିବି, ତେବେ ତାରିଖଟି ପାଇପାରିବି । କିନ୍ତୁ ତାରିଖଟି ମୋତେ ଜଣା ନାହିଁ । ଏ ଜିନିଷଗୁଡ଼ିକ ମୋ ପାଇଁ ... ମୁଁ ଏତିକି ଜାଣେ ଯେ ଏହା ଘଟିଥିଲା ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ପୂର୍ବରୁ, ପୂର୍ବରୁ ତାଙ୍କୁ ଏହା ଜଣାଇ ଦିଆଯାଇଥିଲା ଏବଂ ସେ ଏହାକୁ ଚିହ୍ନି ପାରିଥିଲେ । ...

*(ନୀରବତା)*

ନିଶ୍ଚେତନା ସଙ୍ଗରେ ଏକ ଭୟଙ୍କର ଲଢ଼ାଇ ହୋଇଥିଲା; କାରଣ ମୁଁ ଯେତେବେଳେ ଦେଖିଲି ଯେତିକି ଗ୍ରହଣଶୀଳତା ରହିବା ଉଚିତ ତାହା ନାହିଁ, ସେତେବେଳେ

ଏଥିପାଇଁ ନିଶ୍ଚେତନାକୁହିଁ ଦାୟୀ କରିଲି ଓ ସେହି ନିଶ୍ଚେତନାରେହିଁ ଏହା ସହିତ ସଂଘର୍ଷରେ ପ୍ରବୃତ୍ତ ହେଲି । ମୁଁ କହୁ ନାହିଁ ଯେ ତା'ର କିଛି ଫଳ ହେଲା ନାହିଁ ବୋଲି, କିନ୍ତୁ ଯେଉଁ ଫଳଲାଭ ହେଲା ଓ ଯେଉଁ ଫଳ ଆଶା କରାଯାଉଥିଲା, ତାହା ଭିତରେ ଏକ ବିରାଟ ବ୍ୟବଧାନ ଥିଲା ।

ମୁଁ ତୁମକୁ ଏହା କହୁଛି, ଦେଖ ... ତୁମେ ସମସ୍ତେ ଏତେ ଘନିଷ୍ଠ ଓ ନିକଟବର୍ତ୍ତୀ ହୋଇ ରହିଛ ଯେ ତୁମେ ଏହି ବାତାବରଣରେହିଁ ସ୍ନାନ କରୁଛ, କିନ୍ତୁ ଏ ସଂପର୍କରେ କେହି ଆଦୌ ସଚେତ ଅଛ କି ? ତୁମେ ପୂର୍ବପରି ତୁମର ଛୋଟିଆ ଜୀବନଟିକୁହିଁ ବଞ୍ଚାଉଛ, ନୁହେଁ କି ?

(" 'ମା' ବହି ପ୍ରସଙ୍ଗରେ, ଶ୍ରୀମା, ପୃଷ୍ଠା : ୨୨୨ -୨୨୭)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

## ଗ୍ରୀଷ୍ମକାଳୀନ ସୁହୃତ୍ ଶ୍ରମ ଶିବିର – ୨୦୨୬

୮୩ତମ ସୁହୃତ୍ ଶ୍ରମ ଶିବିର ଚଳିତ ବର୍ଷର ମଇ ମାସ ୨୨.୦୫.୨୦୨୬ ତାରିଖରୁ ୩୧.୦୫.୨୦୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଦିବ୍ୟଚେତନା ଆଶ୍ରମ, ରାଜସୁନାଖଳା, ନୟାଗଡ଼ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଶିବିରାର୍ଥୀମାନଙ୍କୁ ୨୧.୦୫.୨୦୨୬ ସନ୍ଧ୍ୟା ସୁଦ୍ଧା ଶିବିରରେ ଉପସ୍ଥିତ ରହିବାକୁ ଅନୁରୋଧ । ଏହି ଶିବିରରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'ଦିବ୍ୟ ଜୀବନ' ଗ୍ରନ୍ଥ, ଦ୍ୱିତୀୟ ଖଣ୍ଡର ସପ୍ତମ ଅଧ୍ୟାୟ, 'ବିଦ୍ୟା ଅବିଦ୍ୟା' (The Life Divine, Book - II. Ch. VII, The Knowledge and the Ignorance) ବିଷୟଟି ପଠନ ସହିତ ଆଲୋଚନା କରାଯିବ । ଏହି ଶିବିର ପାଇଁ ଶିବିରାର୍ଥୀ ଦେୟ ୧୦୦.୦୦ (ଏକଶତ)ଟଙ୍କା ରଖାଯାଇଛି ।

### ଶିବିରକୁ ଆସିବା ପାଇଁ ଗମନାଗମନ ସୂଚନା :

ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶିବିରାର୍ଥୀମାନେ ଭୁବନେଶ୍ୱରରୁ ନୟାଗଡ଼ ଯିବା ରାସ୍ତାରେ ବସ୍‌ରେ ଯାଇ ରାଜସୁନାଖଳାଠାରେ ଓହ୍ଲାଇ ସ୍କୁଲକୁ ଆସି ପାରିବେ ।

ଏହି ଶ୍ରମ ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲ ନମ୍ବରରେ **ଯୋଗାଯୋଗ** କରିପାରନ୍ତି ।

ସୁନୀଲ କୁମାର ପୃଷ୍ଟି – ୯୮୫୩୫୩୪୪୭୬; ପୁଷ୍ପାଞ୍ଜଳି ସାହୁ – ୭୫୦୪୦୨୮୧୭୪;
ଶରତ ଚନ୍ଦ୍ର ଦାଶ - ୯୩୩୭୪୨୪୭୫୭; ବିପିନ ବିହାରୀ ବାରିକ – ୯୪୩୮୭୩୪୯୭୫

# ସିଦ୍ଧାନ୍ତ-ସମନ୍ୱୟ

## ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । — ପ୍ରକାଶକ]

### ପୁରାତନ ଯୋଗର ସନ୍ନ୍ୟାସ, ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର

ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ଥିଲା ତ୍ୟାଗ (ସନ୍ନ୍ୟାସ) । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ, ପ୍ରାଣ, ଶରୀରର ରୂପାନ୍ତର । ଏହି ସିଦ୍ଧାନ୍ତ ଏତେ ସ୍ପଷ୍ଟ ହେବା ସତ୍ତ୍ୱେ ପୁରାତନ ସଂସ୍କାରବଶତଃ ଏହାର ପାର୍ଥକ୍ୟକୁ ବ୍ୟକ୍ତି ବୁଝିପାରୁ ନାହାନ୍ତି କିଂବା ସ୍ପଷ୍ଟରୂପେ ବ୍ୟକ୍ତ କରିପାରୁ ନାହାନ୍ତି । ପୁରାତନ ସମସ୍ତ ଯୋଗରେ ଜୀବନ ତଥା ସଂସାର ତ୍ୟାଗ, ମୃତ୍ୟୁ ପରେ ନିର୍ବାଣ, କୈବଲ୍ୟ ମୁକ୍ତି ପ୍ରାପ୍ତି ଅଥବା ଦିବ୍ୟ ଚିନ୍ମୟ ସ୍ୱରୂପରେ ଗୋଲୋକ, ସାକେତ, ବୈକୁଣ୍ଠ, କୈଳାସରେ ଭଗବତ୍ ପ୍ରାପ୍ତି — ଏହାହିଁ ଥିଲା ଲକ୍ଷ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ଭୌତିକ, ନାଶବାନ୍ ଜଡ଼ ଶରୀରର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର; ରୋଗ, ଜରା, ମୃତ୍ୟୁରୁ ମୁକ୍ତି; ସଂସାରର ଦିବ୍ୟ ସ୍ୱରୂପରେ ପରିଣତି — ଏହା ହେଲା ଲକ୍ଷ୍ୟ । ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗରେ ଏହାହିଁ ପାର୍ଥକ୍ୟ ।

*ପ୍ରଶ୍ନ : ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ ସୈଦ୍ଧାନ୍ତିକ ରୂପେ କହିଦେଲେ । କିନ୍ତୁ କ୍ରିୟାତ୍ମକ ରୂପେ ଆମେ ଦେଖୁଛୁ, ପୁରାତନ ଯୋଗର ସାଧକ ଘର, ପରିବାର, ବିଷୟ ଭୋଗବିଳାସସବୁ ତ୍ୟାଗ କରି ସଂସାରରୁ ପୃଥକ୍ ହୋଇ ଜଙ୍ଗଲରେ ଏକାକୀ ନିବାସ କରି ସାଧନା କରୁଥିଲେ କିଂବା ସଂସାରରୁ ପୃଥକ୍ ହୋଇ ସାମୂହିକ ରୂପେ କେତେକ ବ୍ୟକ୍ତି ସହିତ ଗୋଟିଏ ଆଶ୍ରମରେ ରହି ସାଧନା କରି ସିଦ୍ଧି ପ୍ରାପ୍ତ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ବ୍ୟକ୍ତି ଘର, ପରିବାର ତ୍ୟାଗ କରି — ସେମାନଙ୍କଠାରୁ ସମ୍ବନ୍ଧ ବିଚ୍ଛିନ୍ନ କରି ଆଶ୍ରମରେ ରହି ସାଧନା କରୁଛନ୍ତି । ଯେଉଁମାନେ*

*ଘର, ପରିବାର ତ୍ୟାଗ କରିବାରେ ଅସମର୍ଥ ଥିଲେ ସେମାନେ ପରିବାର ସହିତ ରହି, ଗୃହ-ସଂସାର କରି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହିପରି ହେଉଛି । ପୂର୍ବ ଯୋଗରେ ଭିନ୍ନ ଭିନ୍ନ ସ୍ଥାନରେ ମଠ ଥିଲା, ଭାଗବତ ଟୁଙ୍ଗି ଥିଲା, କୀର୍ତ୍ତନମଣ୍ଡଳୀ ଥିଲା; ସନ୍ଧ୍ୟା ସମୟରେ ସେଠାରେ ବ୍ୟକ୍ତି ଏକତ୍ରିତ ହୋଇ ଭାଗବତ ଚର୍ଚ୍ଚା ଓ କୀର୍ତ୍ତନ ଇତ୍ୟାଦି କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ହେଉଛି; କେବଳ ନାମ ରଖାହୋଇଛି ପାଠଚକ୍ର । ପୁରାତନ ଯୋଗରେ ଉଚ୍ଚକୋଟିର ସାଧକମାନେ ଭ୍ରମଣ କରୁଥିଲେ, ଗ୍ରାମରେ ଯାଇ ଉପଦେଶ ଦେଉଥିଲେ କିଂବା ଗ୍ରାମର ଲୋକେ ସନ୍ଥମାନଙ୍କ ଆଶ୍ରମକୁ ଯାଇ ମହାତ୍ମାମାନଙ୍କୁ ଦର୍ଶନ କରୁଥିଲେ ଏବଂ ଅଧ୍ୟାତ୍ମ-ପ୍ରେରଣା ପାଉଥିଲେ । ଠିକ୍ ଏହି ଏକହିଁ ପ୍ରକାର ଶ୍ରୀଅରବିନ୍ଦଙ୍କ ଯୋଗରେ । ଏଥିରେ କୌଣସି ପ୍ରକାର ପାର୍ଥକ୍ୟ ଦେଖାଯାଉ ନାହିଁ ।*

ଉତ୍ତର : ଅଜ୍ଞାନ, ଆସକ୍ତି, ବାସନା, କାମନାର ଭୋଗବିଳାସ ଏବଂ ପରମ ଜ୍ଞାନ ପରମାନନ୍ଦ ସ୍ୱରୂପ ଭଗବତ୍ ପ୍ରାପ୍ତି, କୌଣସି ଯୋଗରେ ଏହି ଉଭୟ ବିରୋଧୀ ବସ୍ତୁ ଏକସଙ୍ଗେ ରହିବା ସମ୍ଭବ ନୁହେଁ । ଅନ୍ଧକାର ଓ ଆଲୋକ ଯେପରି ଏକସଙ୍ଗେ ରହିପାରେ ନାହିଁ, ସେହିପରି ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପୁତ୍ର ପ୍ରତି ଅଜ୍ଞାନପ୍ରସୂତ ମୋହ, ଆସକ୍ତି, ଜାଗତିକ ସମ୍ବନ୍ଧ ଏବଂ ଜ୍ଞାନ, ଆନନ୍ଦ, ପ୍ରେମ ସ୍ୱରୂପ ଭଗବତ୍ ପ୍ରାପ୍ତି ଏକସଙ୍ଗେ ରହିପାରେ ନାହିଁ । ପୁରାତନ ଯୋଗର ସନ୍ନ୍ୟାସ ତ୍ୟାଗ ମାର୍ଗ ହେଉ କିଂବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସାଧନ ହେଉ, ଉଭୟ ଯୋଗରେ ଅଜ୍ଞାନ ଆସକ୍ତି ତ୍ୟାଗ ଅପରିହାର୍ଯ୍ୟ । ବ୍ୟକ୍ତି ଗୃହରେ ରହି ସାଧନା କରନ୍ତୁ ଅଥବା ଗୃହ ତ୍ୟାଗ କରି ସାଧନା କରନ୍ତୁ, ଉଭୟ ଅବସ୍ଥାରେ ଆସକ୍ତି, କାମନା, ବାସନା ତ୍ୟାଗ କରିବାକୁହିଁ ହୁଏ । ଉଭୟ ପ୍ରକାର ଯୋଗରେ କେବଳ ଅଜ୍ଞାନର ଯୋଗ ସମାନ ହେବା ସତ୍ତ୍ୱେ ଏହି ତ୍ୟାଗର ଉପଯୋଗିତାରେ ଏକ ଠାରୁ ଅନ୍ୟଟି ସଂପୂର୍ଣ୍ଣ ବିପରୀତ । ଯେପରି ଜଣେ ନଦୀରେ ପ୍ରାଣ ବିସର୍ଜନ ସକାଶେ ଅଗାଧ ଜଳକୁ ଡେଇଁ ପଡ଼େ, ଅନ୍ୟ ଜଣେ କୌଣସି ବ୍ୟକ୍ତିକୁ ଉଦ୍ଧାର କରିବା ସକାଶେ ମଧ୍ୟ ଜଳକୁ ଡେଇଁ ପଡ଼େ । ଏହି ଦୁଇଜଣଙ୍କର କ୍ରିୟା ଏକ ପ୍ରକାର ପ୍ରତୀତ ହେଲେ ମଧ୍ୟ ପରିଣାମ ଏକାବେଳେକେ ବିପରୀତ ।

ପୁରାତନ ସମସ୍ତ ଯୋଗୀ ଅଜ୍ଞାନର ତ୍ୟାଗ ସହିତ ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନକୁ ମଧ୍ୟ ତ୍ୟାଗ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ଅଜ୍ଞାନକୁ ତ୍ୟାଗ କରି ଅଜ୍ଞାନ ପଶ୍ଚାତରେ ଥିବା ଜ୍ଞାନ ଆବିଷ୍କାର କରନ୍ତି । ଆଚାର୍ଯ୍ୟ ଶଙ୍କର ମାୟା କହି ଯେପରି ସଂସାର ତ୍ୟାଗ କରିଛନ୍ତି, ଅନ୍ୟାନ୍ୟ ଆଚାର୍ଯ୍ୟମାନେ ସଂସାରକୁ ସତ୍ୟ କହି ମଧ୍ୟ ତ୍ୟାଗ କରିଛନ୍ତି । ସମସ୍ତ ପୁରାତନ ଯୋଗର ସିଦ୍ଧାନ୍ତ ଭିନ୍ନ ଭିନ୍ନ ଥିବା ସତ୍ତ୍ୱେ ସଂସାର ତ୍ୟାଗ ଦୃଷ୍ଟିରୁ ସମସ୍ତେ ଏକ । ସମସ୍ତ ପୁରାତନ ଯୋଗୀ ଦୃଶ୍ୟମାନ ସଂସାର ମଧ୍ୟରେ ଥିବା ଅଖଣ୍ଡ ସତ୍ୟର ଆବିଷ୍କାର କରିପାରି ନାହାନ୍ତି ।

*ପ୍ରଶ୍ନ : ଆଚାର୍ଯ୍ୟ ଶଙ୍କର ଜଗତକୁ ଏକାବେଳେକେ ମାୟା କହି ନାହାନ୍ତି । ସେ କହିଛନ୍ତି ଦୃଶ୍ୟମାନ ବୈଚିତ୍ର୍ୟ – ବିଭିନ୍ନ ବ୍ୟକ୍ତି, ମନୁଷ୍ୟ, ପଶୁ ଇତ୍ୟାଦି  ଏହି ଯେଉଁ ପୃଥକତ୍ୱ ଏହିସବୁ ମିଥ୍ୟା । ଏହାର ପଶ୍ଚାତରେ ରହିଅଛି ଏକ ଅଖଣ୍ଡ ସତ୍ୟ ସତ୍ତା । ଆଚାର୍ଯ୍ୟ ଶଙ୍କର ବିଭିନ୍ନ ସ୍ଥାନରେ ଜଗତକୁ ମାୟା ବୋଲି ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି ତାହା ତାଙ୍କର ସିଦ୍ଧାନ୍ତ ନୁହେଁ । ତାହା ସବୁ ପ୍ରସଙ୍ଗର ଅନୁରୂପ ଶବ୍ଦ, ଭିନ୍ନ ଅର୍ଥରେ ବ୍ୟବହାର କରାହୋଇଛି । ଯେପରି ସେ ଗଙ୍ଗା, କାଶୀ, ଶ୍ରୀରାମଙ୍କୁ ବନ୍ଦନା କରିଛନ୍ତି । ବନ୍ଦନା ଅଥବା ଭକ୍ତି କରିବା ଦ୍ୱୈତତା । ସେହି ବନ୍ଦନାକୁ ନେଇ ଯେପରି ତାଙ୍କ ସିଦ୍ଧାନ୍ତ ସିଦ୍ଧ କରାଯାଏ ନାହିଁ, ସେହିପରି ତାଙ୍କ ମାୟା ଶବ୍ଦର ଅର୍ଥ ଜଗତକୁ ଏକାବେଳେକେ ମାୟା କୁହାଯାଇ ପାରେ ନାହିଁ ।*

ଉତ୍ତର : ପୂଜ୍ୟ ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମସୂତ୍ରର ଶଙ୍କର-ଭାଷ୍ୟ ରଚନା ହେବା ଦିନଠାରୁ ଆଜିକୁ ଦେଢ଼ଶହ, ଦୁଇଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଶଙ୍କରଙ୍କର ମାୟାବାଦ ବରାବର ପ୍ରଚଳିତ ଥିଲା । ଆଜି ପର୍ଯ୍ୟନ୍ତ ବି ଶଙ୍କରଙ୍କ ସଂପ୍ରଦାୟର ସଂସ୍କୃତ ମୂଳ ଭାଷ୍ୟ ଜ୍ଞାତା ବିରାଗୀ ବିଦ୍ୱାନ୍ ମହାତ୍ମା ସନ୍ନ୍ୟାସୀମାନେ ସଂସାରକୁ ମିଥ୍ୟା ମାନି ଆସୁଛନ୍ତି । ସେମାନେ କହନ୍ତି, ''ସଂସାର ତ୍ରିକାଳରେ ମିଥ୍ୟା, କେବେ ବି ସତ୍ୟ ନୁହେଁ ।'' 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ'– ଏହି ସୂତ୍ର ମାୟାବାଦର ଭିତ୍ତି । ଆଚାର୍ଯ୍ୟ ଶଙ୍କର ସ୍ୱୟଂ ସଂସାରକୁ ମାୟା ବ୍ୟାଖ୍ୟା କରିବାକୁ ଯାଇ 'ରଜ୍ଜୁ ସର୍ପବତ୍, ମୃଗତୃଷ୍ଣା ଜଳବତ୍, ଶୁକ୍ତିକା ରଜତବତ୍' ଉପମା ଦେଇଛନ୍ତି । ଦଉଡ଼ିରେ

ସର୍ପ ଭ୍ରମ; ମୃଗତୃଷ୍ଣାରେ ଜଳ ଭ୍ରମ; ଶାମୁକାରେ ରୁପାର ଭ୍ରମ; ଶଙ୍କରଙ୍କର ଏହି ଉପମାସବୁକୁ ନେଇ ଶ୍ରୀ ରାମାନୁଜାଚାର୍ଯ୍ୟ ଶଙ୍କରଙ୍କ ସିଦ୍ଧାନ୍ତକୁ ଖଣ୍ଡନ କରିଅଛନ୍ତି । ସେ ଯୁକ୍ତି ଦେଇଛନ୍ତି ଯଦି ସର୍ପ, ଜଳ, ରୁପା ନଥା'ନ୍ତା ତେବେ ଦଉଡ଼ି, ଶାମୁକା, ମୃଗତୃଷ୍ଣାରେ ସେସବୁ ବସ୍ତୁର ଭ୍ରମ କିପରି ହୁଅନ୍ତା ? ବସ୍ତୁତଃ ଭ୍ରମହିଁ ମିଥ୍ୟା, ଜଗତ୍ ମିଥ୍ୟା ନୁହେଁ । ଅଦ୍ୱୈତ ସିଦ୍ଧାନ୍ତର ବ୍ୟାଖ୍ୟାରେ ସଂସାର ଏକାବେଳେକେ ମାୟା, ମିଥ୍ୟା ହେଉ ବା ବ୍ୟାବହାରିକ ସତ୍ୟ ହେଉ କିଂବା ଦୃଶ୍ୟମାନ ବସ୍ତୁର ପଶ୍ଚାତରେ ସତ୍ୟ ସତ୍ତା ନିହିତ ଥାଉ, କେବଳ ଶବ୍ଦ ପୃଥକ୍ କହିପାରନ୍ତି କିନ୍ତୁ ତତ୍ତ୍ୱତଃ ଏକ ବସ୍ତୁ – ସଂସାର ଅସତ୍ ନା ରୂପବିଶିଷ୍ଟ ପୃଥକତ୍ୱ ମାୟା, ସ୍ୱପ୍ନବତ୍, ଭ୍ରମ । ପୁରାତନ ଯୋଗୀମାନେ ସଂସାର ଓ ଶରୀର ତ୍ୟାଗ କରି ମୁକ୍ତି ଅଥବା ଭଗବତ୍ ପ୍ରାପ୍ତି କରିଅଛନ୍ତି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ଏହି ସିଦ୍ଧାନ୍ତର ପୂର୍ଣ୍ଣ ରୂପେ ବିପରୀତ – ସଂସାର ସତ୍ୟ; ମନ, ପ୍ରାଣ, ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଏକସଙ୍ଗେ ସାକାର, ନିରାକାର ଏବଂ ଏହାର ପରେ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରେ । ସଂପୂର୍ଣ୍ଣ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବା ସତ୍ତ୍ୱେ ସେ ଭଗବାନଙ୍କ ଯନ୍ତ୍ରରୂପେ ଭାଗବତୀ ଶକ୍ତି ଦ୍ୱାରା ଚାଳିତ ହୁଏ । ଅଦ୍ୱୈତ ସିଦ୍ଧାନ୍ତରେ ବ୍ରହ୍ମ ସହିତ ଜୀବ ଏକ ହୋଇ ଯିବାରେ ଯେଉଁ ଅନିର୍ବଚନୀୟ ଆନନ୍ଦ, ଭଗବତ୍ ଉପାସନାରେ ଯେଉଁ ପରାଭକ୍ତି ପରମାନନ୍ଦ ତାହା ଏକହିଁ ସମୟରେ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଉପଲବ୍ଧ ହୁଏ । ଏହିପରି ଦିବ୍ୟ ମାନବ ଏହି ପୃଥିବୀରେ ପ୍ରତିଷ୍ଠିତ ହେଲେ ସଂସାରରୁ ହିଂସା, ଦ୍ୱେଷ, ବୈର, ବିରୋଧାଦି ଦ୍ୱନ୍ଦ୍ୱ ଲୁପ୍ତ ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗରେ ସଂସାର ଓ ଶରୀର ତ୍ୟାଗ କରିବା ପରେ ଯେଉଁ ମୁକ୍ତି, ଭଗବତ୍ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହା ରୂପାନ୍ତରିତ ଶରୀରରେ ପ୍ରାପ୍ତ ହୁଏ । ପୁରାତନ ଯୋଗରେ ବ୍ୟକ୍ତି ମୁକ୍ତ ହୁଅନ୍ତି, ସଂସାର ଯେଉଁ ଦୁଃଖ କଷ୍ଟରେ ଥାଏ ତାହା ସେହିପରି ରହିଯାଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ରୂପାନ୍ତର ସଙ୍ଗେ ଜଗତରୁ ଦୁଃଖକଷ୍ଟ ଦୂର ହୁଏ । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୨୩୯ - ୨୪୧)

❑❑❑

ଅତୀତର (ଯୋଗର) ପରମ୍ପରା ଓ ପଦ୍ଧତି ସେହି ଅତୀତରେ ଓ ନିଜ ନିଜର ପରିପ୍ରେକ୍ଷୀରେ ଥିଲା ମହାନ୍ । କିନ୍ତୁ ଆମେ ପୁଣି ସେସବୁର ପୁନରାବୃତ୍ତି କାହିଁକି କରିବା ଏବଂ ଆଗକୁ କାହିଁକି ନ ଯିବା – ଏହାର କୌଣସି ଅର୍ଥ ମୁଁ ଦେଖୁ ନାହିଁ । ପୃଥିବୀ ଉପରେ ଚେତନାର ଆଧ୍ୟାତ୍ମିକ ବିକାଶରେ ଆମର ମହାନ୍ ଅତୀତକୁ ଏକ ମହତ୍ତର ଭବିଷ୍ୟତ୍ ଅନୁସରଣ କରିବ ।

*

ଅନ୍ୟ ଯୋଗପଦ୍ଧତିସବୁ ଏହି ଜୀବନକୁ ଏକ ଭ୍ରାନ୍ତି ବା ସେପରି କିଛି ବୋଲି ସିଦ୍ଧାନ୍ତ କରିଛନ୍ତି । କିନ୍ତୁ କେବଳ ଅତିମାନସ-ଯୋଗ ଜୀବନକୁ ମୂଲ୍ୟ ଦିଏ ଭିନ୍ନ ଭାବରେ । ଏହି ମତରେ ଜୀବନ ଭଗବାନଙ୍କ ଦ୍ୱାରା ସୃଷ୍ଟ ଏକ ବିକାଶଶୀଳ ଦିବ୍ୟପ୍ରକାଶ ପାଇଁ ଏବଂ ତାହାର ଲକ୍ଷ୍ୟ ହେଉଛି ଜୀବନ ଓ ଶରୀରର ପୂର୍ଣ୍ଣତାପ୍ରାପ୍ତି ।

– ଶ୍ରୀଅରବିନ୍ଦ

# ମା’ ଆପଣ ଏମିତି କହିଛନ୍ତି ...

## (୧୧)

## ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ “Mother You said so ...” ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ‘‘ମା’ ଆପଣ ଏମିତି କହିଛନ୍ତି ...’’ । ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା’ ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି । ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ “Mother You said so ...”

ପରମା ଦିବ୍ୟଜନନୀ ଶ୍ରୀମା’ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ ‘ନବପ୍ରକାଶ’ ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି । – ସମ୍ପାଦନା]

**୧୯୬୩**

ଅନେକ ଗ୍ରହ ଅଛନ୍ତି ଯେଉଁଗୁଡ଼ିକ ମହାକାଶରେ ଘୂର୍ଣ୍ଣାୟମାନ । ଯେତେବେଳେ ଆତ୍ମାଟିଏ ଜନ୍ମନିଏ, ଏହା ସେହି ସମୟରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଗ୍ରହ ମଧ୍ୟଦେଇ ଅତିକ୍ରମ କରେ ଏବଂ ଏହା ସେମାନଙ୍କ ପ୍ରଭାବକୁ ଅନୁଭବ କରେ । ଅବଶ୍ୟ ଏଥିସହିତ ସେଠାରେ ପ୍ରାଣ, ମନ ଏବଂ ଶରୀର ସତ୍ତାଗୁଡ଼ିକ ସହିତ ମଧ୍ୟ ତାକୁ ସମ୍ପର୍କ ରଖିବାକୁ ପଡ଼େ । ସେ ସ୍ତରରେ ଅଗଣିତ ବସ୍ତୁସବୁ ରହିଛନ୍ତି, ମାତ୍ର ବାସ୍ତବରେ ଏଗୁଡ଼ିକ ଅଲଗା ଅଲଗା ନୁହନ୍ତି । ସମଗ୍ର ବିଶ୍ୱ ଗୋଟିଏ ଆବରଣରେ ଆବୃତ ହୋଇ ରହିଛି – ପ୍ରତ୍ୟେକ ବସ୍ତୁ **ଏକ** ।

କେତେକ ଜ୍ୟୋତିର୍ବିଦ୍ ତାରିଖ ଏବଂ ସମୟକୁ ନେଇ ଗଣନା କରନ୍ତି, ସେମାନେ ସେମାନଙ୍କର ଗଣନା ଏବଂ ଅନ୍ତର୍ଜ୍ଞାନ ଅନୁସାରେ ଜଣକର ଜୀବନ ସମ୍ପର୍କରେ କୁହନ୍ତି । ମାତ୍ର ସେମାନେ ବି ସେମାନଙ୍କର ଭବିଷ୍ୟବାଣୀରେ ବିଫଳ ହୁଅନ୍ତି । ମୁଁ ଫ୍ରାନ୍ସ, ଭାରତ, ଜାପାନ ଏବଂ ଆଲଜେରିଆରେ ବହୁ ଜ୍ୟୋତିର୍ବିଦ୍‌ଙ୍କୁ ସାକ୍ଷାତ୍ କରିଥିଲି, ମାତ୍ର ପ୍ରକୃତ ନିର୍ଭୁଲଭାବେ କେହି କିଛି କହି ପାରି ନଥିଲେ ।

ମୁଁ ତୁମକୁ ସତ୍ୟ କାହାଣୀଟିଏ କହିବି । ଜଣେ ବ୍ୟକ୍ତିଙ୍କୁ ସେ ଏକ ନିର୍ଦ୍ଧାରିତ ଦିନରେ ନିଶ୍ଚୟ ମୃତ୍ୟୁବରଣ କରିବେ ବୋଲି ଜ୍ୟୋତିର୍ବିଦ୍ ଜଣକ ଜଣାଇ ଦେଲେ । ତେଣୁ ଉକ୍ତ ବ୍ୟକ୍ତି ତାଙ୍କର ସମସ୍ତ ବ୍ୟବସାୟକୁ ବନ୍ଦ କରିଦେଲେ ଏବଂ ଯାହାକୁ ଯାହା ଦେବାର ଥିଲା ଦେଇ ଦେଲେ । ନିର୍ଦ୍ଧାରିତ ଦିନଟି ଆସି ଉପସ୍ଥିତ ହେଲା ଏବଂ ମୃତ୍ୟୁକୁ ଅପେକ୍ଷା କରି ସେ ଶୋଇ ପଡ଼ିଲେ । ପରଦିନ ସକାଳେ ଯେତେବେଳେ ସେ ଉଠି ପଡ଼ିଲେ, ଦେଖିବାକୁ ପାଇଲେ ସବୁକଥା ପୂର୍ବରୁ ଯେମିତି ଥିଲା ସେମିତି ଅଛି । ତା’ପରେ ନିଜେ ନିଜକୁ କହିଲେ, ‘‘ମୋର ମଙ୍ଗଳ ହେଉ ! ମୃତ୍ୟୁ ପରେ ମଧ୍ୟ ମୋ ଚାରି ପାଖରେ ମୁଁ ସେହି ଏକା ଜିନିଷସବୁ ଦେଖୁଛି । ଆଶ୍ଚର୍ଯ୍ୟ !’’

ଆଉ ଗୋଟିଏ ସତ୍ୟ କାହାଣୀ ଅଛି ଯାହାକି ଏହାର ବିପରୀତ । ଜଣେ ଜ୍ୟୋତିର୍ବିଦ୍ ଥରେ ଜଣେ ବ୍ୟକ୍ତିଙ୍କୁ କହିଲେ ଯେ ତାଙ୍କର ପୁଅ ପାଣିରେ ବୁଡ଼ି ମରିଯିବ । ତେଣୁ ସେହି ବାପା ଜଣକ ପୁଅକୁ ସମୁଦ୍ର କିଂବା ପାଣିଥିବା କୌଣସି ସ୍ଥାନକୁ ଯିବାକୁ ଅନୁମତି ଦେଲେ ନାହିଁ । ଏପରିକି ସମୁଦ୍ରର ଛବି ଦେଖିବାକୁ ମଧ୍ୟ ତାଙ୍କ ପୁତ୍ରକୁ ଅନୁମତି ଦେଉ ନଥିଲେ । ବର୍ଷ ପରେ ବର୍ଷ ଅତିବାହିତ ହେଲା ଏବଂ ପୁତ୍ରଟି ଯୁବକ ହେଲା, ବିବାହ କଲା, ନିଜର ଘରଟିଏ କଲା, ତଥାପି ସେ କେବେ ବି ସମୁଦ୍ର ପାଖକୁ ଯିବାର ସୁଯୋଗ ପାଇ ନଥିଲା । ଥରେ ସେ ଗୋଟିଏ ଭୋଜିରେ ଯୋଗ ଦେବାକୁ ଗଲା । ସେଠାରେ ସେ ମାଛ ଖାଇଲା; ହଠାତ୍ ଗୋଟିଏ ମାଛ କଣ୍ଟା ତା’ ଗଳାରେ ଅଟକି ଗଲା ଏବଂ ସେ ମୃତ୍ୟୁବରଣ କଲା । ତେଣୁ ଯେକୌଣସି ଭାବରେ ହେଉ ସମୁଦ୍ରହିଁ ତା’ର ମୃତ୍ୟୁର କାରଣ ହେଲା ।

ଜ୍ୟୋତିଷମାନେ ସବୁବେଳେ ସମ୍ପୂର୍ଣ୍ଣ ଠିକ୍ ନୁହନ୍ତି । ଜ୍ୟୋତିଷ ଶାସ୍ତ୍ରକୁ ମୁଖ୍ୟତଃ ସାଧାରଣ ଲୋକମାନେ ଯେଉଁମାନଙ୍କର ବୌଦ୍ଧିକ ବିକାଶ ହୋଇ ନଥାଏ ସେମାନେହିଁ ବିଶ୍ୱାସ କରନ୍ତି ।

ଏପରିକି ଜ୍ୟୋତିଷମାନେ ଯଦ୍ୟପି ଠିକ୍ କହୁଥା'ନ୍ତି, ତେବେ ବି ଆଧ୍ୟାତ୍ମିକ ଜୀବନରେ ଏସବୁ ପରିବର୍ତ୍ତିତ ହୋଇ ଯାଇପାରେ । ଯେ କେହି ଲୋକ ଯଦି ଯୋଗ ଜୀବନକୁ ଗ୍ରହଣ କରି ଥାଆନ୍ତି ତେବେ ତାଙ୍କର ପାରିପାର୍ଶ୍ୱିକ ପରିସ୍ଥିତି ଏବଂ ଅବସ୍ଥାକୁ ପରିବର୍ତ୍ତନ କରିଦେଇ ପାରିବେ । ଆଧ୍ୟାତ୍ମିକ ଜୀବନକୁ ଜାତକ ନିୟନ୍ତ୍ରଣ କରି ପାରିବ ନାହିଁ ।

ଜାତକ ସାଧାରଣ ଜଗତ୍ ନିମନ୍ତେ ଉଦ୍ଦିଷ୍ଟ – ପାର୍ଥିବ ଲୋକମାନଙ୍କ ପାଇଁ । ତୁମେ ଯେତେବେଳେ ଯୋଗମାର୍ଗକୁ ବରଣ କରି ନେଇଥାଅ, ଜାତକ ପରିବର୍ତ୍ତିତ ହୋଇଯାଏ, କାରଣ ପରମ ପ୍ରଭୁଙ୍କର ନିୟମ ପାର୍ଥିବ ନିୟମଠାରୁ ଅଧିକ ଶକ୍ତିଶାଳୀ । ଯେତେବେଳେ ଦିବ୍ୟ ବିଧାନର ଚାପ ଆସେ ସେତେବେଳେ ପାର୍ଥିବ ନିୟମ ମୂଲ୍ୟହୀନ ହୋଇପଡ଼େ : ସେଗୁଡ଼ିକ ଶକ୍ତିହୀନ ହୋଇଯାଏ ଏବଂ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତି ।

୧୧.୧.୬୩

ପାର୍ଥିବ ଜଗତରେ ପ୍ରତ୍ୟେକ ମଣିଷ ତା'ର ନିଜସ୍ୱ ଢଙ୍ଗରେ ସବୁକିଛିକୁ ଦେଖିବାର ଓ ଅନୁଭବ କରିବାର ମାର୍ଗ ରହିଛି ଏବଂ କେବେ ବି ଦୁଇଟି ମାର୍ଗ ସମାନ ନୁହେଁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ଅଭିମତ ସହ ଗୋଟିଏ ବା ଅନ୍ୟଟିରେ ଅସହମତି ପ୍ରକାଶ କରନ୍ତି ଏବଂ ବାସ୍ତବ ସଂହତି ପ୍ରତିଷ୍ଠିତ ହୋଇପାରେ ନାହିଁ । ଏଥିପାଇଁ ପୃଥିବୀ ଏପରି ଯନ୍ତ୍ରଣାପୂର୍ଣ୍ଣ ବିଶୃଙ୍ଖଳା ମଧ୍ୟରେ ରହିଛି ।

ପୃଥିବୀ ଯଦି ନିଃସର୍ତ୍ତ ଭାବରେ ପରମ ପ୍ରଭୁଙ୍କ ନିକଟରେ ସମର୍ପିତ ହୁଏ ତେବେ ପ୍ରତ୍ୟେକ ସତ୍ତା ଓ ପ୍ରତ୍ୟେକ ବସ୍ତୁକୁ ଯଥା ସ୍ଥାନରେ ରଖି ପରମ ପ୍ରଭୁହିଁ କେବଳ ତାଙ୍କର ସାମଗ୍ରିକ **ଦୃଷ୍ଟି** ଦ୍ୱାରା ଏକ ସଂହତି ସୃଷ୍ଟି କରି ପାରନ୍ତି । କେବଳ ତାଙ୍କ ସହିତ (ଭଗବାନଙ୍କ ସହିତ) ନିଜକୁ ଏକାତ୍ମ କରି ପାରିଲେ ଆମେ ଆମର ସତ୍ତାରେ ସଂହତି ଅନୁଭବ କରିପାରିବୁ ଏବଂ ଏହା ଦ୍ୱାରା ଆମ ଚତୁଃପାର୍ଶ୍ୱରେ ଥିବା ଅନୈକ୍ୟରୁ ସୁରକ୍ଷା ପାଇ ପାରିବୁ ।

ଏହାହିଁ ଏକମାତ୍ର ପ୍ରତିକାର ।

୩୦.୮.୬୩

*ଏହା ଥିଲା ୧୯୬୩ ମସିହା ଅକ୍ଟୋବର ମାସ ୪ ତାରିଖ, ମୁଁ ଯେତେବେଳେ ମା'ଙ୍କ ପାଖକୁ ଗଲି, ତାଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତାଟିକୁ ତାଙ୍କୁ ଦେଖାଇଲି ।*

''ତୁମେ ଭଗବାନଙ୍କୁ କ'ଣ ଦେଇଛ ଅଥବା ତାଙ୍କ ପାଇଁ କ'ଣ କରିଛ ଯେ ମା'ଙ୍କୁ କହୁଛ ତୁମ ପାଇଁ କିଛି କରିଦେବା ପାଇଁ ? ସେ (ମା) କେବଳ ଭଗବାନଙ୍କ କାର୍ଯ୍ୟ କରନ୍ତି ।''

*ମୁଁ ଆଶ୍ଚର୍ଯ୍ୟ ହେଲି । ଯେଉଁଠି ଭଗବାନହିଁ ସବୁକିଛି, ସେ କ'ଣ ଅବା ଚାହିଁବେ ? ଯିଏ ସବୁକିଛି କରିବାକୁ ସମର୍ଥ, ତାଙ୍କ ପାଇଁ କ'ଣ ବା କରାଯାଇପାରେ ?*

*ଏଠାରେ ମା'ଙ୍କ ଉତ୍ତର ହେଉଛି :*

ସମର୍ପଣ ବ୍ୟତୀତ ଭଗବାନ୍ ଆଉ କିଛି ବି ଦାବି କରନ୍ତି ନାହିଁ । ତୁମର ଇଚ୍ଛା, ତୁମର ଆବଶ୍ୟକତା, ତୁମର ସଂକଳ୍ପ, ତୁମର ଭାବନା ଓ ଅନୁଭବ – ସବୁକିଛିକୁ ନିଃସର୍ତ୍ତରେ ତାଙ୍କୁ ଅର୍ପଣ କରିବା ଉଚିତ । ତାଙ୍କର **ସଂକଳ୍ପ, ଭାବନା, ଅନୁଭବ, ଇଚ୍ଛା** ଏବଂ **ଆବଶ୍ୟକତା** ସବୁକିଛି ତୁମର ହେଉ । ବାସ୍ତବ କ୍ଷେତ୍ରରେ ତାଙ୍କ ସ୍ପନ୍ଦନ ହେଉ ତୁମର ସ୍ପନ୍ଦନ । ତେବେ ଯାଇ ଏ ପ୍ରକାରର ଦୁଃଖ ଓ ସମସ୍ୟାର ପ୍ରଶ୍ନ ଉଠିବ ନାହିଁ । ତୁମେ ଭଗବାନଙ୍କୁ ପ୍ରାପ୍ତ ହେବ, ଫଳରେ ସବୁକିଛି ପାଇବ । କିନ୍ତୁ ଏହା ହୋଇପାରିବ ଯଦି ତୁମେ କେବଳ ତାଙ୍କୁ (ଭଗବାନଙ୍କୁ) ପୂର୍ଣ୍ଣ ରୂପେ ସମର୍ପଣ କରିପାରିବ ଏବଂ କେବଳ ତାଙ୍କୁ । ଅନ୍ୟ ପ୍ରକାରେ ନୁହେଁ । ଠିକ୍ ଅଛି, ମୁଁ କହୁ ନାହିଁ ଯେ ପୂର୍ଣ୍ଣ ସମର୍ପଣ ଖୁବ୍ ସହଜ । ସବୁକିଛି ପରିତ୍ୟାଗ କରିବା ପ୍ରକୃତରେ ବଡ଼ କଷ୍ଟ ।

ଯାହା ବି ହେଉ ସବୁକିଛି ଦେଇଦିଅ – ତୁମର ଦୁଃଖ, ଯନ୍ତ୍ରଣା, ପ୍ରତିବନ୍ଧକ ଓ ଯାତନା ସବୁକିଛିକୁ ଭଗବାନଙ୍କୁ ଦେଇଦିଅ ଏବଂ **ତାଙ୍କୁ** କୁହ, ''ଏଗୁଡ଼ିକ **ତୁମର**, ଏମାନଙ୍କର ଯତ୍ନ ନିଅ, ଏହା **ତୁମର** ଦାୟିତ୍ୱ, ମୋର ନୁହେଁ ।'' ଏପରି କରିବାକୁ ଚେଷ୍ଟା କର ଏବଂ ତୁମେ ଏହାର ପାର୍ଥକ୍ୟ ଦେଖି ପାରିବ । ସବୁକିଛି ତାଙ୍କୁ ସମର୍ପଣ କର ଏବଂ କୁହ, ''ତୁମେ, ତୁମେ, କେବଳ ତୁମେ, ହେ ଈଶ୍ୱର !''

ଆତ୍ମା ଭଗବାନଙ୍କ ପ୍ରତିନିଧିଭାବେ ଭଗବାନଙ୍କର ପ୍ରତିରୂପ । ଆତ୍ମା ସମଗ୍ର ସତ୍ତାର ଉପାଦାନଗୁଡ଼ିକୁ ଚେଷ୍ଟା କରି ଏକତ୍ରିତ କରନ୍ତି ଏବଂ ରୂପାନ୍ତର ପାଇଁ ଭଗବାନଙ୍କୁ ଅର୍ପଣ କରନ୍ତି । ଆତ୍ମା ଭଗବାନଙ୍କର ଏକ ଅଂଶ । ଆତ୍ମାର କଷ୍ଟଭୋଗ ସବୁବେଳେ ତା' ଶକ୍ତିର ଯଥାନୁପାତିକ ଅଟେ । ଏହି ଯନ୍ତ୍ରଣା ଓ ଦୁର୍ଦ୍ଦଶାଗୁଡ଼ିକ କେବଳ ଆତ୍ମା ପାଇଁ ନୁହେଁ ବରଂ ସମଗ୍ର ପୃଥିବୀ ପାଇଁ, କାରଣ କିଛି ବି ସ୍ୱତନ୍ତ୍ର ନୁହେଁ – ସମଗ୍ର ପୃଥିବୀ ହେଉଛି ଏକହିଁ ବସ୍ତୁ । ଯେତେବେଳେ ସତ୍ତାଗୁଡ଼ିକ ଯନ୍ତ୍ରଣା ଭୋଗ

କରନ୍ତି, ପୃଥିବୀ ମଧ୍ୟ ଯନ୍ତ୍ରଣା ଅନୁଭବ କରେ, ଆତ୍ମା କଷ୍ଟ ଭୋଗ କରେ, ପରମ ପ୍ରଭୁ ମଧ୍ୟ କଷ୍ଟ ଭୋଗ କରନ୍ତି । ମାତ୍ର କୌଣସି ବ୍ୟକ୍ତି ଯନ୍ତ୍ରଣା ଭୋଗ କରନ୍ତୁ ତାହା ଭଗବାନ୍ ଚାହାଁନ୍ତି ନାହିଁ । ସେ ଚାହାଁନ୍ତି ପ୍ରତ୍ୟେକ ବ୍ୟକ୍ତି ସୁଖରେ ରୁହନ୍ତୁ । ମଣିଷମାନେହିଁ ଏସବୁକୁ କଷ୍ଟକର କରିପକାନ୍ତି ।

ଏହି ମା' (ନିଜ ଆଡ଼କୁ ଦେଖାଇ)ଙ୍କର ଏକ ପାର୍ଥିବ ଶରୀର ଅଛି, ଦୁଇଟି ହାତ ସହ ଦୁଇଟି ଆଖି ଏବଂ ଏହିପରି । ... ମାତ୍ର ତାଙ୍କ **ଚେତନା ବିଶାଳ** । ଲୋକଙ୍କର ଚିଠିକୁ ନଖୋଲି ସେ ତତ୍‌କ୍ଷଣାତ୍ ତା'ର ଉତ୍ତର ପଠାନ୍ତି । ମାତ୍ର ଦୁଃଖର କଥା, ଅଧିକାଂଶ ଲୋକ ସଚେତନ ନୁହଁନ୍ତି ଏବଂ **ତାଙ୍କର** ଉତ୍ତର, **ତାଙ୍କର** ଶକ୍ତି, **ତାଙ୍କର** ଚେତନାକୁ ଗ୍ରହଣ କରି ପାରନ୍ତି ନାହିଁ । ଅନ୍ୟଥା ମା'ଙ୍କ ନିମନ୍ତେ କାର୍ଯ୍ୟସକଳ ସହଜସାଧ୍ୟ ହୋଇ ପାରନ୍ତା । ଯାହାହେଉ ତାଙ୍କର କାର୍ଯ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିକୁ ତା'ର **ଲକ୍ଷ୍ୟ** ଦିଗରେ ଆଗେଇ ନେବା ।

*ମୁଁ ଯେତେବେଳେ ପ୍ରଶ୍ନ କଲି – ''ଏହି ଅପ୍ରୀତିକର, ଅସୁନ୍ଦର ଓ ଧ୍ୱଂସ ମୁଖରେ ପତିତ ପୃଥିବୀ କ'ଣ ସ୍ୱର୍ଣ୍ଣିମ ଦିବ୍ୟ ଭୂମିରେ ପରିଣତ ହୋଇପାରିବ ?''*

*ମା'ଙ୍କର ଉତ୍ତର ଥିଲା :*

ଏହା ହେବାକୁ ବାଧ୍ୟ, କାରଣ ଏହା ଅନ୍ୟ ପ୍ରକାର **ହୋଇ ପାରିବ** ନାହିଁ ।

*ପୁଣି ସେ କହିଲେ :*

ଏହି ପୃଥିବୀ ହେଉଛି ଘନୀଭୂତ ଶକ୍ତିପୁଞ୍ଜ । ଆମେ ମଣିଷମାନେ ଯାହାସବୁ ଦେଖୁ – ପ୍ରାଣୀ, ବୃକ୍ଷରାଜି, ଉଦ୍ଭିଦ ଇତ୍ୟାଦି, ଇତ୍ୟାଦି କେବଳ ମାତ୍ର ଶକ୍ତିର ଘନୀଭବନ ଅଟନ୍ତି, ଅନ୍ୟ କିଛି ନୁହେଁ । ନିକଟ ଅତୀତରେ ବୈଜ୍ଞାନିକମାନେ ସମଗ୍ର ପାର୍ଥିବ ଜଗତ୍ ସମ୍ପର୍କରେ ଗବେଷଣା କରି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ପ୍ରତ୍ୟେକ ବସ୍ତୁର ମୌଳିକ ପଦାର୍ଥ (ଇଲେକ୍‌ଟ୍ରୋନସ୍, ପ୍ରୋଟୋନ୍‌ସ୍)ରୁ ଗଠିତ, ଏବଂ ସେଗୁଡ଼ିକ ଅନ୍ୟ କିଛି ନୁହେଁ, କେବଳ ଘନୀଭୂତ ଶକ୍ତି । ମାତ୍ର ବାସ୍ତବରେ ଶକ୍ତି ହେଉଛି ପ୍ରକୃତରେ ଚେତନଶୀଳ ଶକ୍ତି; ପ୍ରତ୍ୟେକ ବସ୍ତୁର ପଶ୍ଚାତରେ କେବଳ ଗୋଟିଏ ବସ୍ତୁ ରହିଛି – ମହାନ୍ ଚେତନଶୀଳ ଶକ୍ତି, ସର୍ବୋଚ୍ଚ ପରମ ଯିଏ ପ୍ରତ୍ୟେକ ବସ୍ତୁକୁ ନିଜ ଭିତରେ ଧାରଣ କରିଛନ୍ତି ଏବଂ ତାଙ୍କର **ଲକ୍ଷ୍ୟ** ଆଡ଼କୁ ପ୍ରତ୍ୟେକଙ୍କୁ ନେଇଯିବାକୁ ଚାହାନ୍ତି ଏବଂ ସବୁରି ଭିତରେ **ନିଜେ** ପ୍ରକଟ ହେବାକୁ ଚାହାନ୍ତି । ଏ ପୃଥିବୀ କେବଳ ତାଙ୍କ ପରି ହେବାକୁ ବାଧ୍ୟ, ସେ ହେଉଛନ୍ତି ସବୁକିଛି ।

୪.୧୦.୬୩

*୧୪ ତାରିଖରେ ଚିହ୍ନିତ ଅବସ୍ଥାରେ ଯେତେବେଳେ ମୁଁ ମା'ଙ୍କ ପାଖକୁ ଯାଇଥିଲି, ସେ ଦୃଢ଼ ଭାବରେ ମୋତେ କହିଲେ :*

ଦେବମୁହୂର୍ତ୍ତ ପାଇଁ ଜଣେ ନିଜକୁ ପ୍ରସ୍ତୁତ କରିବା ଉଚିତ । ତୁମେ କ'ଣ ଜାଣ ନାହିଁ 'ଦେବ ମୁହୂର୍ତ୍ତ'ରେ ଶ୍ରୀଅରବିନ୍ଦ କ'ଣ କହିଥିଲେ ?

(ଏଠାରେ ମୁଁ ବିଶ୍ୱାସ କରେ, ମା' ସମ୍ଭବତଃ ଏଇଆ କହିବାକୁ ଚାହୁଁଥିଲେ)

ଶ୍ରୀଅରବିନ୍ଦଙ୍କ ଶବ୍ଦାବଳି : –

"Man's greatness is not in what he is but in what he makes possible. His glory is that he is the closed place and secret workshop of a living labour in which supermanhood is made ready by a divine Craftsman.

"But he is admitted to a yet greater greatness and it is this that, unlike the lower creation, he is allowed to be partly the conscious artisan of his divine change. His free assent, his consecrated will and participation are needed that into his body may descend the glory that will replace him. His aspiration is earth's call to the supramental Creator.

"If earth calls and the Supreme answers, the hour can be even now for that immense and glorious transformation."

(CWSA 12, p. 160)

[ମର୍ମାର୍ଥ : ''ମଣିଷ ଯାହା ଅଛି ବା ଯେଉଁ ଅବସ୍ଥାରେ ଅଛି, ସେଥିରେ ତା'ର ମହାନତା ନାହିଁ; ଅଛି ଯାହା ହେବା କଥା ତାକୁ ସମ୍ଭବ କରିବାରେ । ତା'ର ସୌଭାଗ୍ୟ ଯେ ସେ (ଲକ୍ଷ୍ୟଠାରୁ) ଅନତିଦୂରରେ ଅବସ୍ଥାପିତ ଏବଂ ସେ କ୍ରିୟାଶୀଳ

ଉଦ୍ୟମର କର୍ମଶାଳା, ଯେଉଁଠି ଦିବ୍ୟ କାରିଗରଙ୍କ ଦ୍ୱାରା ଅତିମାନବତ୍ୱ ପ୍ରସ୍ତୁତ ହୋଇ ରହିଛି ।

''ସେ ମଧ ମହାନ୍‌ରୁ ମହତ୍ତର ଭାବରେ ସ୍ୱୀକୃତ ହୋଇଛି, ତାହା ଏହା ଯେ ନିମ୍ନ ସୃଷ୍ଟିଠାରୁ ସେ ଅସଦୃଶ ଭାବେ ଅନୁମତିପ୍ରାପ୍ତ ଏବଂ ଦିବ୍ୟ ପରିବର୍ତ୍ତନର ଆଂଶିକ କାରିଗର ଭାବେ ସ୍ୱୀକୃତିପ୍ରାପ୍ତ, ତା'ର ସଚେତନ ସମ୍ମତି ଏବଂ ଉତ୍ସର୍ଗୀକୃତ ସଂକଳ୍ପ ଏବଂ ସହଯୋଗ ଆବଶ୍ୟକ, ଯେହେତୁ ତା'ର ଶରୀରକୁ ସେହି ସୌଭାଗ୍ୟ ଅବତରଣ କରିବ, ଯାହା ତାକୁ ପରିବର୍ତ୍ତନ କରିବ । ତା'ର ଅଭୀପ୍ସା ହେଉଛି ଅତିମାନବର ସ୍ରଷ୍ଟାଙ୍କୁ ପୃଥିବୀର ଆବାହନ ।


''ଯଦି ପୃଥିବୀ ଆବାହନ କରେ ଏବଂ ପରମ ପ୍ରଭୁ ଉତ୍ତର ଦିଅନ୍ତି, ତାହା ହେବ ବିଶାଳ ଓ ଗୌରବପୂର୍ଣ୍ଣ ରୂପାନ୍ତରର ମୁହୂର୍ତ୍ତ, ଏପରିକି ବର୍ତ୍ତମାନ ମଧ ।'' (ଦେବ ମୁହୂର୍ତ୍ତ)

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

## ପ୍ରାପ୍ତି ସ୍ୱୀକାର




ଶ୍ରୀଅରବିନ୍ଦଙ୍କ ମହାକାବ୍ୟ '**ସାବିତ୍ରୀ**'ରେ ଇଂରାଜୀ ଭାଷାର ପ୍ରୟୋଗ ଅସାଧାରଣ ଓ ଅନେକ କ୍ଷେତ୍ରରେ ଅଣପାରମ୍ପରିକ ଅଟେ । ଶ୍ରୀଅରବିନ୍ଦ ସାଧାରଣ ଶବ୍ଦାବଳିକୁ ଦିବ୍ୟ ମହିମାରେ ମଣ୍ଡିତ କରନ୍ତି ଏବଂ ନକାରାତ୍ମକ ଭାବ ବହନ କରୁଥିବା ଶବ୍ଦଗୁଡ଼ିକୁ ଗଭୀର ଆଧାତ୍ମିକ ସତ୍ୟର ଅଭିବ୍ୟକ୍ତିରେ ରୂପାନ୍ତରିତ କରିଦିଅନ୍ତି । ଏହି ସୂକ୍ଷ୍ମ ଅର୍ଥ ଏବଂ ଉନ୍ନୀତ ସମ୍ଭାବନାଗୁଡ଼ିକୁ ବ୍ୟାଖ୍ୟା କରିବାରେ ସାଧାରଣ ଅଭିଧାନଗୁଡ଼ିକ ଅସମର୍ଥ ।

ତାଙ୍କର ଏହି ଗୂଢ଼ ଭାଷାଶୈଳୀକୁ ସହଜରେ ବୁଝିବା ପାଇଁ ଏ. ଦାମୋଦରଙ୍କ ନିଷ୍ଠାପର ଆନ୍ତରିକ ପ୍ରୟାସ ଦ୍ୱାରା ପ୍ରସ୍ତୁତ ସଦ୍ୟ ପ୍ରକାଶିତ '**Savitri Dictionary**' ଶୀର୍ଷକ ଶବ୍ଦକୋଷଟି ଏକ ସହାୟକ ଗ୍ରନ୍ଥ ରୂପେ କାର୍ଯ୍ୟ କରିବ ବୋଲି ଆଶା କରାଯାଏ । ଏହା ଶ୍ରୀଅରବିନ୍ଦଙ୍କ ଆଧାତ୍ମିକ ମହାକାବ୍ୟର ସମୃଦ୍ଧ ଶବ୍ଦଭଣ୍ଡାର ଏବଂ ଭାଷାଗତ କଳାତ୍ମକତାକୁ ଆଲୋକିତ କରିବା ସହ ତାଙ୍କ ଦ୍ୱାରା ସଯତ୍ନେ ନିର୍ବାଚିତ ଶବ୍ଦାବଳି ମଧରେ ନିହିତ ଗୂଢ଼ତର ଦିଗଗୁଡ଼ିକୁ ଉନ୍ମୋଚିତ କରିବା ଦିଗରେ ଆପଣମାନଙ୍କୁ କିଛିଟା ଦିଗ୍‌ଦର୍ଶନ ଦେବ ନିଶ୍ଚୟ ।

୩୧୨ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ ୩୦୦ ଟଙ୍କା ରଖାଯାଇଛି ।

ପୁସ୍ତକଟିର ପ୍ରାପ୍ତିସ୍ଥାନ :
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ, ଓଡ଼ିଶା – ୭୫୩ ୦୧୩

Onlineରେ ଅର୍ଡ଼ର କରିବା ପାଇଁ visit କରନ୍ତୁ :
https://www.sribidyasanchar.com
ଯୋଗାଯୋଗ : A. Damodar, WhatsApp No. 70085 43524

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୬)

## ପ୍ରପତ୍ତି

ଏହିପରି ଦୃଶ୍ୟମାନ, ଗତିଶୀଳ ନିତ୍ୟ ବୈଚିତ୍ର୍ୟପୂର୍ଣ୍ଣ ପ୍ରକୃତିର ଅନ୍ତରାଳରେ ଏକ ମହାନ୍ ସଦ୍‌ବସ୍ତୁ ନିହିତ ଅଛି, ଏକ ଶାଶ୍ୱତୀ ଶକ୍ତି ଅବିରାମ ନିଜକୁ ପ୍ରଘଟ କରୁଅଛି, ଏକ ଅଫୁରନ୍ତ ଆନନ୍ଦର ଧାରା ପ୍ରବାହିତ ହେଉଅଛି । ଏହି ସଦ୍‌ବସ୍ତୁ ଅକ୍ଷର, ଅଜ ଓ ଅବିନାଶୀ । ଏହି ଶକ୍ତି ପରମା ଦିବ୍ୟ-ଚେତନା, ସୃଷ୍ଟିଶୀଳା, କ୍ରିୟାତ୍ମିକା; ଏହି ଆନନ୍ଦ ନୈସର୍ଗିକ-ସୌନ୍ଦର୍ଯ୍ୟ, ରସ, ପ୍ରେମ ଓ ଅମୃତ । ଏହି ଅଭିବ୍ୟକ୍ତିର ତ୍ରିବିଧ ସତ୍ତାକୁ ଉପନିଷଦ୍‌ରେ ପୂର୍ଣ୍ଣ ବ୍ରହ୍ମ ସଚ୍ଚିଦାନନ୍ଦ ବୋଲି କୁହାଯାଇଅଛି । ସମଗ୍ର ବିଶ୍ୱହିଁ ସଚ୍ଚିଦାନନ୍ଦଙ୍କର ଅଭିବ୍ୟକ୍ତି; ସେହିଁ ସୃଷ୍ଟିର ଉପାଦାନ, କାରଣ, କର୍ତ୍ତା ଓ ଧର୍ତ୍ତା । କ୍ରମବିବର୍ତ୍ତନ ଧାରାରେ ଏହି ପ୍ରଚ୍ଛନ୍ନ ସଚ୍ଚିଦାନନ୍ଦହିଁ ଧୀରେ ଧୀରେ ନିଜକୁ ଆତ୍ମପ୍ରକାଶ କରୁଅଛନ୍ତି । ଏପର୍ଯ୍ୟନ୍ତ ଏହି ଧାରାରେ ଯାହା ପ୍ରକାଶିତ ହୋଇଅଛି ତାହା ହେଲା ଜଡ଼, ପ୍ରାଣ ଓ ମନ । ମନ କିନ୍ତୁ ବିବର୍ତ୍ତନ ଧାରାରେ ଏକ ମଧ୍ୟ-ଭୂମି । ଏଠାରେ ସଚ୍ଚିଦାନନ୍ଦଙ୍କର ପୂର୍ଣ୍ଣ ପ୍ରକାଶ, ନିରାବରଣ ପ୍ରକଟ ଅସମ୍ଭବ । ମନର କ୍ଷେତ୍ର ସୀମିତ, ଶାନ୍ତ, ଅର୍ଦ୍ଧ ଜାଗରିତ, ଅଜ୍ଞାନାଚ୍ଛନ୍ନ । ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ପ୍ରାପ୍ତି ପଥରେ ମନ ଏକ ଯନ୍ତ୍ର, ଉପାୟ ମାତ୍ର । ଏହା ସ୍ୱାଭାବିକ ଭାବେ ଖଣ୍ଡିତ, ଦ୍ୱିଧାଯୁକ୍ତ ଏବଂ ବିଶ୍ଳେଷଣାତ୍ମକ । ଏଥିରେ ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ପ୍ରକାଶିତ ହୋଇପାରେ ନାହିଁ । କିନ୍ତୁ ଯେଉଁ ଶାଶ୍ୱତ, ଅବିନାଶୀ, ଅନନ୍ତ ଚେତନା ମନର ପଶ୍ଚାତରେ ରହି କାର୍ଯ୍ୟ କରୁଅଛି ତାହାର ପୂର୍ଣ୍ଣ, ଅଭଙ୍ଗ, ଅକ୍ଷୁଣ୍ଣ ପ୍ରକାଶ ଏକ ବିବର୍ତ୍ତନଗତ ଅନିବାର୍ଯ୍ୟ ସତ୍ୟ । ଯେଉଁ ଚେତନା ବିବର୍ତ୍ତନର ମୂଳ ପାବଚ୍ଛରେ ଲୁକ୍କାୟିତ, ଆଚ୍ଛାଦିତ ଓ ଅବଗୁଣ୍ଠିତ ଥିଲା ସେହି ଚେତନା ବିବର୍ତ୍ତନର ଚରମ ପରିଣାମରେ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବ । ସୁତରାଂ ମନର କ୍ଷେତ୍ରରୁ ମନର ଉର୍ଦ୍ଧ୍ୱତନ ସ୍ତରକୁ ଉଠିଯାଇ ମନୁଷ୍ୟକୁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଅଧିକାରୀ ହେବାକୁ ହେବ । ମନୋତ୍ତର ତଥା ମନୁଷ୍ୟୋତ୍ତର ପରବର୍ତ୍ତୀ ସର୍ବାଙ୍ଗୀଣ ଅଧ୍ୟାତ୍ମ ଜୀବନରେ ଏହାହିଁ ସମ୍ଭବ । ଏଠାରେ ପୂର୍ଣ୍ଣ ବ୍ରହ୍ମଙ୍କର ଚତୁଷ୍ପଦ ଐଶ୍ୱର୍ଯ୍ୟ ପ୍ରକାଶିତ ହେବ ଏବଂ ଏହାକୁ ଶ୍ରୀଅରବିନ୍ଦ ଅତିମାନସ ଚେତନା ବା ବିଜ୍ଞାନ ଭୂମି ବୋଲି ନାମ ଦେଇଛନ୍ତି । ଏହାହିଁ ବୈଦିକ ଋତଚିତ୍ । ଏହି ପୂର୍ଣ୍ଣ ଅଧ୍ୟାତ୍ମ ଅବସ୍ଥାରେ ଉପନୀତ ହେବା ପାଇଁ ମନୁଷ୍ୟ ଯୁଗ ଯୁଗରୁ ତପସ୍ୟା ଓ ସାଧନା କରି ଚାଲୁଅଛି । ମୁନି-ଋଷି, ସାଧୁ-ସନ୍ଥ, ଅବତାର ଓ ବିଭୂତିଗଣ ଏହି ଅଧ୍ୟାତ୍ମ ମାର୍ଗକୁ ସାଧାରଣ ମନୁଷ୍ୟ ସକାଶେ ସହଜ, ସୁଗମ, ପ୍ରସାରିତ ଓ କ୍ରମଶଃ ଆୟାସସାଧ କରି ଅଛନ୍ତି । ଆମ୍ଭେମାନେ ଏହି ପ୍ରବନ୍ଧରେ ଅଧ୍ୟାତ୍ମ ମାନବର କ୍ରମ ବିବର୍ତ୍ତନ ସମ୍ବନ୍ଧେ, ବିଶେଷତଃ ଅଧ୍ୟାତ୍ମ ମାନବର ବିବର୍ତ୍ତନ ପଥରେ ପ୍ରକୃତି କିପରି କେତେକ ବିଶିଷ୍ଟ ଉପାୟ ଅବଲମ୍ବନ କରିଅଛି, ତାହାର ଆଲୋଚନା କରିବା । ଖାଣ୍ଟି ଅଧ୍ୟାତ୍ମ ଜୀବନ କ'ଣ ଏବଂ ତାହା କିପରି ଧର୍ମଗତ ବା ନୈତିକ ଜୀବନଠାରୁ ସମ୍ପୂର୍ଣ୍ଣ ଭିନ୍ନ ତାହାର ଦିଗ୍‌ଦର୍ଶନ କରିବା ।

ଅଧ୍ୟାତ୍ମ ମାନବର ବିବର୍ତ୍ତନ କଥା ଉଠିଲେ ଆମ୍ଭମାନଙ୍କ ସମ୍ମୁଖରେ ସାଧାରଣତଃ ଦୁଇଟି ପ୍ରଶ୍ନ ଦେଖାଯାଏ । ପ୍ରଥମଟି ହେଲା ମନୋମୟ ସତ୍ତାର ଅଧ୍ୟାତ୍ମ ଜୀବନରେ ଉତ୍ଥାନର ପ୍ରଧାନ ଲକ୍ଷଣ କ'ଣ ? ମନୋଜୀବନଠାରୁ ଅଧ୍ୟାତ୍ମ ଜୀବନ କି କି ଭାବରେ ସ୍ୱତନ୍ତ୍ର ? ଦ୍ୱିତୀୟଟି ହେଲା କି କି ଉପାୟରେ ମନୁଷ୍ୟର ଆଧ୍ୟାତ୍ମିକ ଜୀବନର ବିକାଶ ଏପର୍ଯ୍ୟନ୍ତ ଘଟି ଅଛି ? ଅନ୍ୟ କଥାରେ ମନୁଷ୍ୟର ଆଧ୍ୟାତ୍ମିକ ବିବର୍ତ୍ତନ ପଥରେ ପ୍ରକୃତି କି କି ଉପାୟ ଅବଲମ୍ବନ କରିଅଛି, ଯାହାଫଳରେ ଆଧ୍ୟାତ୍ମିକ ପରିଣାମ ପଥରେ ମନୁଷ୍ୟ ଆଗେଇ ପାରିଛି ? ପ୍ରଥମ ପ୍ରଶ୍ନଟି ହେଲା ଅଧ୍ୟାତ୍ମ ଜୀବନ ନିର୍ଣ୍ଣୟର ମାପକାଠି କ'ଣ ? ଦ୍ୱିତୀୟଟି ହେଲା କେଉଁ କେଉଁ ଉପାୟ ଅନୁସରଣ କରି ଆଜି ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ ଜୀବନ ସମ୍ଭବ ହୋଇଅଛି ? ପ୍ରଥମ ପ୍ରଶ୍ନର ଉତ୍ତରରେ ଅନେକ କହନ୍ତି ଆଧ୍ୟାତ୍ମିକତା ବୋଲି ସ୍ୱତନ୍ତ୍ର ବସ୍ତୁ କିଛି ନାହିଁ, ସୁତରାଂ ତାହାର ମାପକାଠି ନିର୍ଣ୍ଣୟ କରିବା ଏକ ଅବାନ୍ତର ପ୍ରଶ୍ନ । ଯାହାକିଛି ଆଧ୍ୟାତ୍ମିକତା ବୋଲି ମନୁଷ୍ୟ ମଧ୍ୟରେ ଦେଖାଯାଏ ସେସବୁ ମନର ଏକ ଏକ ବିଶେଷ ଗୁଣ, ବିଶେଷ

ବୃତ୍ତି ଓ ପରିଣାମ । ମନର ଗୋଟାଏ ଉତ୍କୃଷ୍ଟ ପ୍ରକାଶହିଁ ଆଧ୍ୟାତ୍ମିକତା । ପୁଣି ଆମ୍ଭମାନଙ୍କର ପ୍ରାଣ ଯେପରି ଜଡ଼ ଦ୍ୱାରା ଆବଦ୍ଧ ଏବଂ ମନ ଯେପରି ଦେହ, ପ୍ରାଣ ଦ୍ୱାରା ପ୍ରଭାବିତ ଓ ସୀମିତ, ଅଧ୍ୟାତ୍ମ ଜୀବନ ମନୋଭୂମିର ଏକ ସମୁଜ୍ଜ୍ୱଳ ପୁଷ୍ପ । କେତେକଙ୍କ ମଧ୍ୟରେ ଯେପରି ଆମ୍ଭେମାନେ ଗୋଟାଏ ବିଶେଷ ସୌନ୍ଦର୍ଯ୍ୟବୋଧର ଗୁଣ ଦେଖୁ, ସେହିପରି ଆଧ୍ୟାତ୍ମିକ ବୋଧ କେତେକଙ୍କ ମଧ୍ୟରେ ଗୋଟାଏ ବିଶେଷ ଗୁଣ । ସୁତରାଂ ଯଥାର୍ଥରେ କହିବାକୁ ଗଲେ ମନୋଭୂମିର ଏକ ବିଶିଷ୍ଟ ଗୁଣହିଁ ଆଧ୍ୟାତ୍ମିକତା, ଆଉ ସ୍ୱତନ୍ତ୍ର ଅଧ୍ୟାତ୍ମ ସତ୍ତାର କ୍ରମବିକାଶର ପ୍ରଶ୍ନ ଉଠୁ ନାହିଁ । ଯେପରି ମେଘ ଓ ଜଳ ମଧ୍ୟରୁ ବିଦ୍ୟୁତ୍‌ର ଉତ୍ପତ୍ତି ହୁଏ, ସେହିପରି ମନୋଭୂମିରୁ ସୂକ୍ଷ୍ମାତିସୂକ୍ଷ୍ମ ଅଧ୍ୟାତ୍ମ ବୃତ୍ତି ଜାତ ହୁଏ । କିନ୍ତୁ ଏପରି ବିଚାର ଏକେବାରେ ଭ୍ରାନ୍ତିମୂଳକ । ଅଧ୍ୟାତ୍ମ ଜୀବନର ମୂଳଭିତ୍ତି ହେଲା ମନୁଷ୍ୟ ମଧ୍ୟସ୍ଥ ଅଧ୍ୟାତ୍ମ ସତ୍ତା, ଦିବ୍ୟ ଚେତନା, ଦିବ୍ୟ ଜ୍ୟୋତିଃ ଓ ଭଗବାନଙ୍କର ସନାତନ ଅଂଶ । ଜନ୍ମଜନ୍ମାନ୍ତରରେ ଯେଉଁ ଶାଶ୍ୱତ ସତ୍ତା ମନୁଷ୍ୟକୁ ବହନ କରି ଏକ ପୂର୍ଣ୍ଣାବୟବ ଅଧ୍ୟାତ୍ମ ମାନବ ଗଠନ ପଥରେ ଚାଲିଛି ତାହା ଏକ ସ୍ୱତନ୍ତ୍ର ବସ୍ତୁ; ତାହା ମନ ନୁହେଁ, ପ୍ରାଣ ନୁହେଁ, ଶରୀର ନୁହେଁ; ଏ ସମସ୍ତେହିଁ ନାଶବାନ୍, ଏକମାତ୍ର ଆତ୍ମାହିଁ ଅବିନଶ୍ୱର । ଶରୀର, ପ୍ରାଣ ଓ ମନ ଆତ୍ମାର ପରିହିତ ବସ୍ତୁ ତୁଲ୍ୟ, ବିଭିନ୍ନ କୋଷଚୟ । ଏସବୁ ତାହାର ସଂସାର ପଥଯାତ୍ରାର ଅବଲମ୍ବନ, ଉପକରଣ, ଉପାୟ ବା ଯନ୍ତ୍ର ମାତ୍ର । ଏହି ଅଧ୍ୟାତ୍ମ-ସତ୍ତାର ଦେହ-ପ୍ରାଣ-ମନର ପରିପୂର୍ଣ୍ଣ ବିକାଶ ଏହି ଅଧ୍ୟାତ୍ମ ପୁରୁଷଙ୍କର ଉନ୍ମୀଳନ ଉପରେ ନିର୍ଭର କରେ ।... ଅଧ୍ୟାତ୍ମ ଜୀବନର ନିର୍ଣ୍ଣୟର ମାପକାଠି ହେଲା ମନୁଷ୍ୟର ଏହି ସ୍ୱତନ୍ତ୍ର ଅଧ୍ୟାତ୍ମ ଚେତନାରେ ବାସ, ତାହାର ନିୟମନ, ଶୃଙ୍ଖଳା ଓ ବିଧାନାନୁସାରେ ଜୀବନଯାପନ । ଅଧ୍ୟାତ୍ମ ଜୀବନ ମନୋଜୀବନ ନୁହେଁ; ମନୋତ୍ତର ତଥା ମନୁଷ୍ୟୋତ୍ତର ଭାଗବତ ଜୀବନ ।

ପ୍ରଧାନତଃ ଚାରୋଟି ଉପାୟ ଦ୍ୱାରା ପ୍ରକୃତି ମନୁଷ୍ୟର ଅଧ୍ୟାତ୍ମ ଉନ୍ମୀଳନର ପଥ ପ୍ରସ୍ତୁତ କରିଅଛି । ଧର୍ମ (Religion), ଗୁପ୍ତବିଦ୍ୟା (Occultism), ଅଧ୍ୟାତ୍ମ ଦର୍ଶନ (Spiritual Philosophy), ଅଧ୍ୟାତ୍ମ ଅନୁଭୂତି (Spiritual Experience) – ଏହି ଚାରୋଟି ବସ୍ତୁ ପରସ୍ପର ସଂଶ୍ଳିଷ୍ଟ ଓ ଘନିଷ୍ଠଭାବେ ଯୁକ୍ତ । ପ୍ରତ୍ୟେକ ଧର୍ମ କେତେକ ସୁସ୍ପଷ୍ଟ ଅଧ୍ୟାତ୍ମ ଅନୁଭୂତି ଉପରେ ପ୍ରତିଷ୍ଠିତ ଏବଂ ପ୍ରତ୍ୟେକ ଧର୍ମର ଅଧ୍ୟାତ୍ମ-ଶାସ୍ତ୍ର ରହିଛି । ପୁଣି ଗୁପ୍ତ ବିଦ୍ୟା ଧର୍ମ ଓ ଅଧ୍ୟାତ୍ମବାଦ ସଙ୍ଗେ ବହୁ ଭାବରେ ସମ୍ବନ୍ଧିତ । ଅନେକ ଧର୍ମ ବିଶେଷ ଏକ ଗୁପ୍ତ ବିଦ୍ୟା ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୁଏ । ଅନେକ ବ୍ୟକ୍ତି ଅଧ୍ୟାତ୍ମ ଅନୁଭୂତିକୁ ଗୋଟାଏ ଗୁପ୍ତ ବିଦ୍ୟା ବୋଲି ଧରି ନିଅନ୍ତି, ଯଦିଓ ତାହା ସତ୍ୟ ନୁହେଁ । ଅଧ୍ୟାତ୍ମ ଶକ୍ତି-ସିଦ୍ଧ ବ୍ୟକ୍ତି ଗୁପ୍ତ ବିଦ୍ୟା ଓ ଗୁପ୍ତ ଶକ୍ତିର ଅଧିକାରୀ ହୋଇ ପାରନ୍ତି, କିନ୍ତୁ ଗୁପ୍ତ ବିଦ୍ୟାର ସାଧକ ଅବଶ୍ୟହିଁ ଅଧ୍ୟାତ୍ମବାଦୀ ହେବେ, ଏପରି କୌଣସି କାରଣ ନାହିଁ । ଯାହାହେଉ, ଏହି ଚାରୋଟି ପଦ୍ଧତିକୁ ଉପାୟ ରୂପେ ଗ୍ରହଣ କରି ପ୍ରକୃତି ମାନବକୁ ଅଧ୍ୟାତ୍ମ ପଥରେ ଆଗେଇ ନେଇ ଯାଇଅଛି । ଏହି ଚାରୋଟି ଉପାୟ ମଧ୍ୟ ମନୁଷ୍ୟ ପ୍ରକୃତି ଏବଂ ବ୍ୟକ୍ତିତ୍ୱର କୌଣସି ନା କୌଣସି ଅଙ୍ଗ ସଙ୍ଗେ ଘନିଷ୍ଠ ଭାବେ ସମ୍ବନ୍ଧିତ । ମାନବ ପ୍ରକୃତି ସକାଶେ ପ୍ରତ୍ୟେକର ଗୋଟାଏ ସ୍ୱତନ୍ତ୍ର ଆବଶ୍ୟକତା ଅଛି । କ୍ରମୋନ୍ନତ ଜୀବନ ପଥରେ ଧର୍ମ ଏକ ବିଶେଷ ପରିଣାମ । ଧର୍ମହିଁ ବ୍ୟକ୍ତିଗତ ଆତ୍ମା ଓ ଅଦୃଶ୍ୟ ଭଗବାନଙ୍କ ମଧ୍ୟରେ ଜୀବନ୍ତ ଏବଂ ଅଚ୍ଛେଦ୍ୟ ସମ୍ପର୍କ ସ୍ଥାପନ କରେ । ଗୁପ୍ତ ବିଦ୍ୟା ମନୁଷ୍ୟକୁ ତାହା ନିଜ ମଧ୍ୟସ୍ଥ ଏବଂ ବିଶ୍ୱ ମଧ୍ୟସ୍ଥ ବହୁ ଗୁପ୍ତ ଶକ୍ତି ସହିତ ପରିଚୟ କରାଇ ଦିଏ । ମନୁଷ୍ୟର ବାହ୍ୟ ବ୍ୟକ୍ତିତ୍ୱ କିପରି ଏହି ଗୁପ୍ତ ଶକ୍ତି ଦ୍ୱାରା ନିୟନ୍ତ୍ରିତ ତାହା ମଧ୍ୟ ଗୁପ୍ତ ବିଦ୍ୟା ବଳରେ ଉପଲବ୍ଧି କରାଯାଏ । ଧର୍ମଶାସ୍ତ୍ର ବା ଅଧ୍ୟାତ୍ମଶାସ୍ତ୍ର ମନୋଜୀବନକୁ ଆଲୋକିତ, ଦୀପ୍ତ ଓ ପ୍ରଶସ୍ତ କରେ । କିନ୍ତୁ ଏସବୁ ସତ୍ତ୍ୱେ ଅଧ୍ୟାତ୍ମ ଅନୁଭୂତି ଅଧ୍ୟାତ୍ମ ଜୀବନର ଶ୍ରେଷ୍ଠ ଭିତ୍ତି ଏବଂ ବ୍ୟକ୍ତି ଜୀବନରେ ସେତେବେଳେ ଯଥାର୍ଥ ସୁଖ, ଶାନ୍ତି ଓ ଆନନ୍ଦ ମିଳେ ଯେତେବେଳେ ଏହି ଅଧ୍ୟାତ୍ମ ଅନୁଭୂତି ପ୍ରାପ୍ତ ହୁଏ । କୌଣସି ଅଧ୍ୟାତ୍ମ ଅନୁଭୂତି ନଥାଇ କେହି ବି ଅଧ୍ୟାତ୍ମ ମାର୍ଗର ଯାତ୍ରୀ ହୁଏ ନାହିଁ । ସୁତରାଂ ପ୍ରତ୍ୟେକଟି ଉପାୟ ନିଜର ନିଜସ୍ୱ ପ୍ରଣାଳୀରେ ଅଧ୍ୟାତ୍ମ ଉନ୍ମୀଳନ ଘଟାଏ । ଆଧ୍ୟାତ୍ମିକ ମାନବର ଅଭ୍ୟୁତ୍ଥାନ ପଥରେ ଏହି ପ୍ରତ୍ୟେକ ଉପାୟର ଉତ୍ପତ୍ତି, ସମୃଦ୍ଧି ଓ ଦାନର ରହସ୍ୟ ଏହି କ୍ଷୁଦ୍ର ପ୍ରବନ୍ଧରେ ଆଲୋଚନା କରିବା ସମ୍ଭବ ନୁହେଁ । ଅନିସନ୍ଧିତ୍ସୁ ପାଠକ ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ‘ଦିବ୍ୟ ଜୀବନ’ ଗ୍ରନ୍ଥର ଦ୍ୱିତୀୟ ଖଣ୍ଡର ଚତୁର୍ବିଂଶ ଅଧ୍ୟାୟ ପାଠ କରି ପାରନ୍ତି । ଏଠାରେ କେବଳ ଧର୍ମ-ଜୀବନ ଏବଂ ଅଧ୍ୟାତ୍ମ ଜୀବନ ମଧ୍ୟରେ ଯେଉଁ ବିଶେଷ ତାରତମ୍ୟ ଅଛି, ତାହାହିଁ ଆଲୋଚନା କରିବା । ଏକ ଦିଗରେ ଏହାହିଁ ସ୍ପଷ୍ଟ କରିବାକୁ ହେବ ଯେ ଧର୍ମ ଜୀବନ ବା ମନୋମୟ ଆଦର୍ଶ ଜୀବନ ବା

ନୈତିକ ଜୀବନ ଅଧ୍ୟାତ୍ମ ଜୀବନ ନୁହେଁ, ଅନ୍ୟ ଦିଗରେ ଦେଖାଇବାକୁ ହେବ ନିର୍ମଳ ଅଧ୍ୟାତ୍ମ ଜୀବନ କ'ଣ ?

ଜୀବନ ଅଭିବ୍ୟକ୍ତିର ତିନୋଟି ପର୍ବ ଅଛି । ପ୍ରଥମ ପର୍ବ ଦେହାଶ୍ରିତ, ଦ୍ୱିତୀୟ ପର୍ବ ମନଃ ଆଶ୍ରିତ, ତୃତୀୟ ପର୍ବ ଚିତ୍-ଶକ୍ତି (ଅଧ୍ୟାତ୍ମ ଶକ୍ତି) ଆଶ୍ରିତ । ଏହି ପ୍ରତ୍ୟେକ ପର୍ବର ବିଧାନାନୁସାରେ ବସ୍ତୁତଃ ତିନି ପ୍ରକାର ଜୀବନ ପ୍ରଣାଳୀ ଦେଖିବାକୁ ମିଳେ – ଦୈହିକ ଜୀବନ, ମନୋଜୀବନ, ଅଧ୍ୟାତ୍ମ ଜୀବନ । ଦୈହିକ ଜୀବନର ଭିତ୍ତି ହେଲା ଜଡ଼ଶକ୍ତି, ମନୋଜୀବନର ଭିତ୍ତି ହେଲା ମନଃଶକ୍ତି ଏବଂ ଅଧ୍ୟାତ୍ମ-ଜୀବନର ଭିତ୍ତି ହେଲା ଚିତ୍-ଶକ୍ତି । ଏହି ତିନୋଟି ଶକ୍ତିର ପରିଣାମରେ ଯେ ବୈଶିଷ୍ଟ୍ୟ ଅଛି, ଏହା କହିବା ବାହୁଲ୍ୟ ମାତ୍ର । ଏହି ତ୍ରିବିଧ ଜୀବନ ଧାରାକୁ ଭାରତୀୟ ଦାର୍ଶନିକ ଭାଷାରେ ଜୀବନର ତ୍ରିପୁଟି କୁହାଯାଇପାରେ ।

ଦୈହିକ ଜୀବନ ପଶୁଧର୍ମ, କାରଣ ତାହାର ଭିତ୍ତିହିଁ ଜଡ଼ଶକ୍ତି । ସାଂଖ୍ୟର ଭାଷାରେ ଦୈହିକ ଜୀବନ ତମୋଗ୍ରସ୍ତ, ଅନ୍ଧକାରମୟ ଓ ଘୋର ଅଜ୍ଞାନାଚ୍ଛନ୍ନ । ତମୋବୃତ୍ତିର ବିଶିଷ୍ଟ ଧର୍ମ ହେଲା ଅପରିବର୍ତ୍ତନୀୟତା ଓ ପୌନଃପୁନିକତା । ପଶୁଧର୍ମୀ ମାନବ ଯାହାକୁ ଜାବୁଡ଼ି ଧରେ ତାକୁ ସହଜରେ ଛାଡ଼େ ନାହିଁ । ଅବଶ୍ୟ ଏହି ତମୋଗ୍ରସ୍ତ ଜୀବନ ଧାରାରେ ଗୋଟାଏ ଆବର୍ତ୍ତଗତି ଅଛି । ଦୈହିକ ଜୀବନର ଅଭ୍ୟାସରାଜି ଯାନ୍ତ୍ରିକ । ଏମାନେ କୌଣସି ନୀତି-ନିୟମ ବା ଶୃଙ୍ଖଳାକୁ ମାନନ୍ତି ନାହିଁ । ଆମ୍ଭମାନଙ୍କର ଦେହଗତ କ୍ରିୟା ଠିକ୍ ଏହି ଶ୍ରେଣୀର । ଏସବୁ ସତ୍ତ୍ୱେ ଆମ ଦୈହିକ ଜୀବନରେ ଗୋଟାଏ ମୂଢ଼-ସ୍ୱାଚ୍ଛନ୍ଦ୍ୟ ବୋଧ ଥାଏ । ଦୈହିକ ଜୀବନର ଦର୍ଶନ ହେଲା ଜଡ଼ବାଦ ଏବଂ ସମାଜର ଅଧିକାଂଶ ବ୍ୟକ୍ତିହିଁ ଜଡ଼ବାଦୀ । ଜଡ଼ବାଦୀ ଜୀବନରେ ଜୀବନର ଏପାଖ ବା ସେପାଖ ବୋଲି କିଛି ନାହିଁ । ଦେହର ସୁଖ-ସମ୍ଭୋଗ, କାମନା-ବାସନାର ତୃପ୍ତିରେ ଜୀବନ ଶେଷ ହୁଏ । ଦୈହିକ ଜୀବନ ଏକାନ୍ତ ପ୍ରବୃତ୍ତି ପରିଚାଳିତ, ସୁତରାଂ ଏଠାରେ କୌଣସି ଧର୍ମ ବା ନୈତିକତା ବା ଶୃଙ୍ଖଳା କାର୍ଯ୍ୟକାରୀ ହୋଇପାରେ ନାହିଁ । ଇନ୍ଦ୍ରିୟବୋଧ, ଇନ୍ଦ୍ରିୟ ଚର୍ଚ୍ଚା, ଇନ୍ଦ୍ରିୟ ତୃପ୍ତିହିଁ ଏଠାରେ ପୁରୁଷାର୍ଥ ।

ଜୀବନ ଅଭିବ୍ୟକ୍ତିର ପରବର୍ତ୍ତୀ ଉଚ୍ଚତର ପାବଚ୍ଛଟି ହେଲା ମନୋଜୀବନ । ମନୋଜୀବନର ବୁନିଆଦ ହେଲା ମନନଶୀଳତା ଓ ଆଦର୍ଶ ରଚନା । ଏହି ମନୋଭୂମିରେହିଁ ନ୍ୟାୟ, ନୀତି, ଶୃଙ୍ଖଳା, ସାମ୍ୟ, ମୈତ୍ରୀ, ଐକ୍ୟ ପ୍ରଭୃତି ସକଳ ଆଦର୍ଶର ଅୟମାରମ୍ଭ । ମନସ୍ୱୀ ବ୍ୟକ୍ତି ଆଦର୍ଶବାଦୀ, ଭାବ-ବିଳାସୀ, ଅନୁସନ୍ଧାନୀ, ଜିଜ୍ଞାସୁ । ଧର୍ମର ସୃଷ୍ଟି ମଧ୍ୟ ଏହି ମନୋଭୂମିରେ । ଇଷ୍ଟାର୍ଥବୋଧ (Sense of values), ଆନନ୍ତ୍ୟବୋଧ (Sense of Infinite) ଏବଂ ଆଦର୍ଶବୋଧରୁ ଧର୍ମର ଉତ୍ପତ୍ତି । ବିଖ୍ୟାତ ଦାର୍ଶନିକ ମାକ୍ସମୁଲାର ଧର୍ମକୁ 'an apprehension and perception of the Infinite' ଅର୍ଥାତ୍, 'ଅନନ୍ତଙ୍କର ଉପଲବ୍ଧି ଏବଂ ବୋଧ' ବୋଲି ଗ୍ରହଣ କରି ଅଛନ୍ତି । କେହି କେହି ଧର୍ମକୁ 'faith in the conservation of values', ଅର୍ଥାତ୍ 'ଇଷ୍ଟାର୍ଥ ସଂରକ୍ଷଣରେ ବିଶ୍ୱାସ' ବୋଲି ଗ୍ରହଣ କରନ୍ତି । ରବୀନ୍ଦ୍ରନାଥଙ୍କ ଭାଷାରେ ଧର୍ମହିଁ ହେଲା ''ସୁଦୂରର ପିପାସା'' । ବାସ୍ତବରେ ଧର୍ମ ଜୀବନରେହିଁ ସର୍ବ ପ୍ରଥମେ ମିଳେ ଅନିର୍ଦ୍ଦେଶଙ୍କର ସୂଚନା, ଇଙ୍ଗିତ, ଏକ ରହସ୍ୟମୟ ଅଦୃଶ୍ୟ ସତ୍ତାର ସାନ୍ନିଧ୍ୟ ଓ ସାମୀପ୍ୟ । ଧର୍ମ ଜୀବନରେହିଁ ପ୍ରଥମେ ମୁକ୍ତିର ଆସ୍ୱାଦ ମିଳେ କିନ୍ତୁ ମୁକ୍ତି ମିଳେ ନାହିଁ । ଏଥିରେ ମନୁଷ୍ୟ ଜ୍ୟୋତିର ସନ୍ଧାନ ପାଏ, ମାତ୍ର ନିଜେ ଜ୍ୟୋତିର୍ମୟ ହୋଇପାରେ ନାହିଁ । ଏହାର କାରଣ କ'ଣ ? ଯେଉଁ ଭୂମିରେ ଧର୍ମ ଜୀବନ ପ୍ରତିଷ୍ଠିତ ସେ ଭୂମି, ଅର୍ଥାତ୍ ମନୋଭୂମି ଏକ ତଟସ୍ଥଭୂମି; ତାହାର ପଛରେ ଅନ୍ଧକାର, ଆଗରେ ଆଲୋକ । ମାନସୋର୍ଦ୍ଧ୍ୱ ଭୂମିରେ ପୂର୍ଣ୍ଣ ଜ୍ୟୋତିର ସନ୍ଧାନ ମିଳେ । ଦ୍ୱିତୀୟତଃ ମନ ନିରାସକ୍ତ ନୁହେଁ, ଏହା ଅନ୍ୟ ଦ୍ୱାରା ଚାଳିତ ଓ ନିୟନ୍ତ୍ରିତ । ଏହାକୁ ହୁଏତ ଉପରର ଆଲୋକ ଚାଳିତ କରେ, ନଚେତ୍ ନିମ୍ନଭୂମିର ପ୍ରାଣଜ କାମନାବାସନା ଚାଳିତ କରନ୍ତି । ସେନେଇ ବହୁତ ଧାର୍ମିକ ବ୍ୟକ୍ତିଙ୍କର ଏକ ଦିଗରେ ଜୀବନ ଉନ୍ନତ ହେଲେ ଅନ୍ୟ ଦିଗରେ ଅବନତ, ଭାରଗ୍ରସ୍ତ । ତୃତୀୟତଃ, ମନୋଭୂମିରେ ସତ୍ୟର ଅବିସମ୍ବାଦୀ ରୂପ ଉପଲବ୍ଧି କରିବା ଅସମ୍ଭବ, ଯେହେତୁ ଏହା ଖଣ୍ଡିତ ଏବଂ ଅର୍ଦ୍ଧ-ଜାଗ୍ରତ୍ । ସେନେଇ କୌଣସି ପ୍ରକାର ଆଦର୍ଶ, ନୀତି, ନିୟମ, ବିଧାନ ବା ଶୃଙ୍ଖଳା ଅନୁଗତ ଜୀବନ ଅଥବା ସର୍ବଶ୍ରେଷ୍ଠ ଧର୍ମ-ଜୀବନ ଅଧ୍ୟାତ୍ମ-ଜୀବନ ନୁହେଁ । ଧର୍ମ ଜୀବନ ଅଧ୍ୟାତ୍ମ ଜୀବନର ପଥ ପରିଷ୍କାର କରେ ଏବଂ ଏକ ବୃହତ୍ତର, ବିଶାଳତର ସତ୍ତାର ପୂର୍ଣ୍ଣ ଉପଲବ୍ଧି ଆଡ଼କୁ ନେଇଯାଏ । ଶ୍ରୀଅରବିନ୍ଦ କହୁଅଛନ୍ତି, ''... ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟାଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ, ମନର ନୈତିକ ଦୃଷ୍ଟି ଅଥବା ନୈତିକ ଶୁଦ୍ଧି ବା ତପସ୍ୟା ନୁହେଁ, ଧାର୍ମିକତା ଅଥବା ଗୋଟାଏ ତୀବ୍ର ସମୁନ୍ନତ ଭାବମୟ ପ୍ରେରଣା

ନୁହେଁ; ଏପରି କି ଏହି ମହାନ୍-ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ  ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଭାଗବତ ପ୍ରେରଣା କିଂବା ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟନ୍ତ୍ରଣ ବା ନିର୍ଦ୍ଧାରଣ – ଏହିସବୁ ଆଧାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ମନ ଓ ପ୍ରାଣ ସକାଶେ ଏହିସବୁ ବସ୍ତୁର କରଣରେ ପ୍ରକୃତିକୁ ଶୃଙ୍ଖଳିତ, ବିଶୁଦ୍ଧ ଓ ଯଥାଯଥ ରୂପ ପ୍ରଦାନ କରିବାରେ ଏସବୁର ଉପଯୋଗିତା ଅଛି । ତଥାପି ଏସବୁ ମାନସିକ ବିବର୍ତ୍ତନର ଅନ୍ତର୍ଗତ; ଆଧାତ୍ମିକ ଉପଲବ୍ଧି, ଅନୁଭୂତି ବା ରୂପାନ୍ତର ଏଥିରେ ନାହିଁ । ଆମ୍ଭମାନଙ୍କର ଆନ୍ତର ସତ୍ୟରେ ଜାଗ୍ରତ୍ ହେବା, ଆତ୍ମାରେ, ଆତ୍ମ-ପୁରୁଷରେ, ଚୈତ୍ୟ-ସତ୍ତାରେ ଜାଗ୍ରତ୍ ହେବା ଯାହାକି ଆମ୍ଭର ଦେହ-ପ୍ରାଣ-ମନଠାରୁ ପୃଥକ୍ ବସ୍ତୁ; ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଗୋଟିଏ ଆନ୍ତର ଅଭୀପ୍ସା କରିବା, ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱବ୍ୟାପୀ ଏବଂ ଆମ୍ଭମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ ତାହା ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ସେହି ସଂସ୍ପର୍ଶ, ଏକତ୍ୱ, ଗୋଟିଏ ନବଜନ୍ମରେ, ନୂତନ ସତ୍ତାରେ, ନୂତନ ଆତ୍ମ-ପୁରୁଷରେ, ନୂତନ ପ୍ରକୃତିରେ ବୃଦ୍ଧି ଓ ଜାଗରଣ – ଏହିସବୁ ଆଧାତ୍ମିକତାର ସାରତତ୍ତ୍ୱ ।'' (ଦିବ୍ୟଜୀବନ)

ଶ୍ରୀଅରବିନ୍ଦଙ୍କ ଆଧାତ୍ମିକ ଜୀବନର ଏହି ବ୍ୟାଖ୍ୟାନରୁ ସ୍ପଷ୍ଟ ବୁଝାଯିବ ଯେ ଆମ୍ଭେମାନେ ସାଧାରଣତଃ ଅଧ୍ୟାତ୍ମ ଜୀବନ ବୋଲି ଯାହାକୁ ମନେ କରୁ, ତାହା ଆଧାତ୍ମିକ ଜୀବନ ନୁହେଁ । କହିବା ବାହୁଲ୍ୟ, ଆଜିକାଲି ଅଧିକାଂଶ ହିଁ ଆଧାତ୍ମିକ ଜୀବନର ଅର୍ଥ ଗୋଟାଏ ସୁଶୃଙ୍ଖଳିତ, ଉଚ୍ଚ ନୈତିକ ଜୀବନକୁ ବୁଝନ୍ତି । ସାଧାରଣ ସମାଜର ନିୟମକାନୁନ ମାନି, ନୈତିକ ସ୍ତରରେ ରହି ଭଲ ମଣିଷ (good-man) ହେବା ଓ ଅଧ୍ୟାତ୍ମ ଜୀବନ ଯାତ୍ରାର ପଥ ଗ୍ରହଣ କରିବା ଏକେବାରେ ବିପରୀତ କଥା । ନୈତିକ ଓ ଧର୍ମ-ଜୀବନର ଯଥାର୍ଥତା ମନୋଜୀବନରେ – କିନ୍ତୁ ଅଧ୍ୟାତ୍ମ ଜୀବନରେ ନୈତିକ ବା ଧର୍ମ-ଜୀବନର ଶୃଙ୍ଖଳା ଆଧାତ୍ମିକ ଉନ୍ନତି ପଥରେ ପ୍ରତିବନ୍ଧକ ହୋଇ ଛିଡ଼ା ହୁଏ । ଅବଶ୍ୟ ଏ କଥା ନିଶ୍ଚିତ ଯେ ଯେପର୍ଯ୍ୟନ୍ତ ମନୁଷ୍ୟ ଅନିବାର୍ଯ୍ୟ ଆନ୍ତର ଶୃଙ୍ଖଳାରେ ପ୍ରତିଷ୍ଠିତ ନ ହୋଇଛି ସେପର୍ଯ୍ୟନ୍ତ ତାହାକୁ ଯଥାସମ୍ଭବ ମାନସିକ ନୀତି ଓ ନିୟମର ଅଧୀନରେ ରହିବାକୁ ପଡ଼ିବ ।

ଅଧ୍ୟାତ୍ମ-ଜୀବନ ଏକ ନବଜନ୍ମ । ଏହା କ୍ଷୁଦ୍ର, ସୀମିତ, ଅଜ୍ଞାନାଚ୍ଛନ୍ନ ଚେତନାରୁ ବୃହତ୍ତର, ଅସୀମ ଓ ଜ୍ୟୋତିର୍ମୟ ଚେତନାରେ ପ୍ରବେଶ । ଯେତେବେଳେ ଆମ୍ଭେମାନେ ନିମ୍ନଭୂମିର ତୁଚ୍ଛତାକୁ ବର୍ଜନ କରି ଊର୍ଦ୍ଧ୍ୱକୁ ଉଠିଯାଉ ସେତେବେଳେ ଆମ୍ଭେମାନେ ଆମର ବିକ୍ଷିପ୍ତ ଓ ଖଣ୍ଡିତ ମାନସ-ଚେତନାର ପଶ୍ଚାତରେ ଏକ ବିଶାଳ ପ୍ରଶାନ୍ତ, ଗଭୀର ଚୈତନ୍ୟର ଆବିଷ୍କାର କରୁ । ଏହି 'ଭୂମା' ଚେତନା ମଧ୍ୟରେ କ୍ଷୁଦ୍ରର ବିନ୍ୟାସରେ ଜୀବନ ହୋଇଉଠେ ସୁଶୃଙ୍ଖଳ, ସୁସମଞ୍ଜସ, ଜୀବନର ଅମୃତ ମଧ୍ୟରେ ଆବିର୍ଭୂତ ହୁଏ ଋତଚ୍ଛନ୍ଦ । ଧର୍ମ-ଜୀବନ କିନ୍ତୁ ଅତ୍ୟନ୍ତ ସୀମାବଦ୍ଧ, ମିଶ୍ରିତ ଓ ଅର୍ଦ୍ଧ-ଜାଗରିତ । ଦ୍ୱିତୀୟତଃ, ଧର୍ମଜୀବନରେ ଅହଂକାରର ବିଲୋପ ଘଟେ ନାହିଁ, ଜୀବନର ରୂପାନ୍ତର ହୁଏ ନାହିଁ । କେବଳ ଜୀବନରେ ଏକ ବିଶେଷ ଶୃଙ୍ଖଳା ଓ ନିୟମନ ଆସେ । ତୃତୀୟତଃ, ଧର୍ମ ଜୀବନରେ ବୈଚିତ୍ର୍ୟର ଏକାନ୍ତ ଅଭାବ କିନ୍ତୁ ଅଧ୍ୟାତ୍ମଜୀବନ ସ୍ୱନିର୍ଦ୍ଦିଷ୍ଟ, ଭାଗବତ ଶକ୍ତି ଚାଳିତ, ମୁକ୍ତ ଜୀବନ । ଧର୍ମ ଜୀବନରେ ନାନା ପ୍ରକାର ପଦ୍ଧତି, ଯାନ୍ତ୍ରିକ ନିୟମାବଳୀ ପାଳନର ଆବଶ୍ୟକତା ଥାଏ, ମାତ୍ର ଅଧ୍ୟାତ୍ମ ଜୀବନରେ ସେସବୁର କୌଣସି ଆବଶ୍ୟକତା ନାହିଁ । କୌଣସି ଆଦର୍ଶମୂଳକ ନୈତିକ ଜୀବନ ମଧ୍ୟ ଅଧ୍ୟାତ୍ମ ଜୀବନ ନୁହେଁ । ତେବେ ଧର୍ମ ଓ ନୈତିକ ଜୀବନ ମନୁଷ୍ୟର ଅଧ୍ୟାତ୍ମ ଜୀବନରେ ପ୍ରବେଶ ପଥ ଉନ୍ମୁକ୍ତ କରେ, ସୁତରାଂ ଅଧ୍ୟାତ୍ମ ଉନ୍ମୀଳନ ପଥରେ ଏହାର ଦାନ କମ୍ ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ,
ପୃ. ୩୭୩ - ୩୭୮) ❑

ତୁମେ ଯଦି ତୁମ ଚେତନାକୁ ପରିବର୍ତ୍ତନ କର, ତେବେ ଜଗତ୍ ତୁମ ଲାଗି ନିଜକୁ ପରିବର୍ତ୍ତନ କରିଦେଇ ପାରେ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୯)


## ମହେନ୍ଦ୍ରନାଥ ସ୍ୱାଇଁ


**ଆର୍ଶୀବାଦ :**

ମାର୍ଚ୍ଚ ମାସ ୧୯, ୧୯୧୪ ମସିହାରେ ଦିବ୍ୟ ଜନନୀ ଶ୍ରୀମା ଲେଖନ୍ତି –

"O LORD, eternal Teacher, Thou whom we can neither name nor understand, but whom we want to realise more and more at every moment, enlighten our intelligence, illumine our hearts, transfigure our consciousness; may everyone awaken to the true life, flee from egoism and its train of sorrow and anguish, and take refuge in Thy divine and pure Love, source of all peace and all happiness. My heart so full of Thee seems to expand into infinity and my intelligence, all illumined with Thy Presence, shines like the purest diamond. Thou art the wonderful magician, he who transfigures all things, from ugliness brings forth beauty, from darkness light, from the mud clear water, from ignorance knowledge and from egoism goodness.

"In Thee, by Thee, for Thee we live and Thy law is the supreme master of our life.

"May Thy will be done in every place, may Thy peace reign upon all the earth."

(Prayers and Meditations, page. 103)

''ହେ ପ୍ରଭୁ, ଚିରନ୍ତନ ଗୁରୁ, ତୁମକୁ ଯାହାଙ୍କୁ ଆମ୍ଭେମାନେ କୌଣସି ନାମରେ ନାମିତ କରିପାରିବୁ ନାହିଁ କି ବୁଝି ପାରିବୁ ନାହିଁ; କିନ୍ତୁ ଯାହାଙ୍କୁ ପ୍ରତି ମୁହୂର୍ତ୍ତରେ ଆମେ ଅଧିକରୁ ଅଧିକ ଉପଲବ୍ଧି କରିବାକୁ ଚାହୁଁ, ଆମର ବୁଦ୍ଧିକୁ ତୁମେ ଆଲୋକିତ କର, ହୃଦୟକୁ ଜ୍ୟୋତିର୍ମୟ କର, ଆମ ଚେତନାକୁ ରୂପାନ୍ତରିତ କରିଦିଅ; ପ୍ରତ୍ୟେକ ବ୍ୟକ୍ତି ହୋଇ ଉଠନ୍ତୁ ଯାଥାର୍ଥ୍ୟ ଜୀବନ ପ୍ରତି ସଚେତନ, ଅହଂକାର ଏବଂ ଏହାର ଦୁଃଖ ଓ ଅବସାଦର ଅବାରିତ ଧାରା ପ୍ରବାହରୁ ମୁକ୍ତ ହୋଇ ଉଠନ୍ତୁ, ଏବଂ ତୁମ ନିକଟରେ, ତୁମର ଦିବ୍ୟ ପ୍ରେମ, ଶାନ୍ତିର ସମସ୍ତ ବିଭାବ ଓ ଆନନ୍ଦ ନିକଟରେ ଶରଣାର୍ଥୀ ହୋଇ ଉଠନ୍ତୁ । ମୋ ହୃଦୟ ତୁମ ଉପସ୍ଥିତିରେ ଏତେ ପରିମାଣରେ ପୂର୍ଣ୍ଣ ହୋଇ ଯାଇଛି ଯେ ମନେ ହେଉଛି ତାହା ଅସୀମଙ୍କ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ଯାଉଛି ଏବଂ ମୋର ପ୍ରଜ୍ଞା ଓ ଅନ୍ୟ ସକଳ ସତ୍ତା ତୁମର ଦିବ୍ୟ ଉପସ୍ଥିତି ଦ୍ୱାରା ପରିପୂର୍ଣ୍ଣ ହୋଇ ଯାଇଛି, ଏକ ବିଶୁଦ୍ଧତମ ହୀରକ ଖଣ୍ଡ ସଦୃଶ ଉଜ୍ଜ୍ୱଳ ଜ୍ୟୋତିଃ ବିଚ୍ଛୁରିତ କରିବାରେ ଲାଗିଛି । ତୁମେ ହିଁ ସେ ଅଦ୍ଭୁତ ଯାଦୁକର, ଯିଏ ସବୁକିଛିକୁ ରୂପାନ୍ତରିତ କରି ଦେଇଥାଅ, କୁରୂପ ଭିତରୁ ବିକଶିତ କର ସୌନ୍ଦର୍ଯ୍ୟ, ଅନ୍ଧକାର ଭିତରୁ ଆଲୋକ, ପଙ୍କ ମଧ୍ୟରୁ ନିର୍ମଳ ନୀର, ଅଜ୍ଞାନରୁ ଜ୍ଞାନ ଏବଂ ଅହଂଭାବ ଭିତରୁ ଉତ୍କର୍ଷ ।

''ତୁମ ଭିତରେ, ତୁମ ଦ୍ୱାରା, ତୁମ ପାଇଁ ଆମେ ଜୀବନଧାରଣ କରୁ ଏବଂ ତୁମ ବିଧାନ ହିଁ ଆମ ଜୀବନର ପରମ ବିଧାତା ହେଉ ।

''ତୁମ ଭିତରେ, ତୁମ ଦ୍ୱାରା, ତୁମ ପାଇଁ ଆମେ ବଞ୍ଚି ରହିଛୁ ଏବଂ ତୁମର ବିଧାନ ହେଉଛି ଆମ ଜୀବନର ସର୍ବୋତ୍ତମ ଗୁରୁ ।

''ତୁମ ଇଚ୍ଛା ହିଁ ସର୍ବତ୍ର କାର୍ଯ୍ୟକାରୀ ହେଉ, ତୁମ ଶାନ୍ତି ହିଁ ସମଗ୍ର ଧରିତ୍ରୀ ଉପରେ ରାଜୁତି କରୁ ।''

ଏହି ପୃଥିବୀରେ ମନୁଷ୍ୟ ହେଉଛି ସବୁଠାରୁ ଅଧିକ ଅସନ୍ତୁଷ୍ଟ ଜୀବସତ୍ତା । ମନୁଷ୍ୟ ସତ୍ତା ଯେତେ ଉପରକୁ ଉଠୁଥାଏ ତାହା ସହିତ ତାଳଦେଇ ଅସନ୍ତୋଷ ଭାବ ମଧ୍ୟ ବଢ଼ି ଚାଲିଥାଏ । ଏହି ଅସନ୍ତୋଷର କାରଣକୁ ବ୍ୟକ୍ତି ନିଜ ଉପରେ ଅଥବା ଅନ୍ୟମାନଙ୍କ ଉପରେ ଆରୋପ କରୁଥାଏ । ତା'ର ଏହି ଅତୃପ୍ତ ତୃଷ୍ଣା ନିବାରଣ ନିମନ୍ତେ ସେ ଗୋଟିଏ ଆଦର୍ଶରୁ ଅନ୍ୟ ଏକ

ଆଦର୍ଶ ଆଡ଼କୁ ଧାବମାନ ହୋଇ ଚାଲିଥାଏ । ତଥାକଥିତ ଆଦର୍ଶ ବେଳେବେଳେ କୌଣସି କାମରେ ଆସେ ନାହିଁ । ଏହା ଦ୍ୱାରା କୌଣସି ଚିରନ୍ତନ ଶାଶ୍ୱତ ବସ୍ତୁକୁ ପ୍ରାପ୍ତ ହେବା କଷ୍ଟକର ବ୍ୟାପାର ହୋଇ ଯାଇଥାଏ । ଆମେ ସର୍ବଦା ଚିନ୍ତା କରିଥାଉ ଯେ ଆମ ସମାଜ କିପରି ସ୍ୱଚ୍ଛ, ପରିଚ୍ଛନ୍ନ ରହିବ; ଦରିଦ୍ରତା ଲୋପ ପାଇବ; ନିରକ୍ଷରତା ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ ହେବ — ଏତାଦୃଶ ଚିନ୍ତାଧାରା ଏହି ସୃଷ୍ଟିର କିଛି ନା କିଛି ଉଦ୍ଦେଶ୍ୟ ସାଧନ କରିଥାଏ । କିନ୍ତୁ ଯେତେବେଳେ ଜୀବାତ୍ମାର ଉତ୍ତରଣ ଘଟେ ସେତେବେଳେ ଏହି ସମସ୍ତ ସାମାଜିକ ଉନ୍ନତିକରଣର ଆଦର୍ଶର ରଙ୍ଗ ଫିକା ପଡ଼ିଯାଏ । ସର୍ବଦା କିଛି କଥା ଅବୁଝା ରହିଯାଏ; ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ନାହିଁ । ବେଳେବେଳେ ବହୁ ଦୂରରୁ ଭାସି ଆସୁଥିବା ସୁମଧୁର ବଂଶୀସ୍ୱନର ପ୍ରତିଧ୍ୱନୀ କର୍ଣ୍ଣ କୁହରରେ ପ୍ରବେଶ କରି ଆତ୍ମାକୁ ସ୍ପର୍ଶ କରେ ଏବଂ ସମଗ୍ର ସତ୍ତାକୁ ଆନନ୍ଦ ସିକ୍ତ କରିଦିଏ । ସେହି ମୁହୂର୍ତ୍ତରେ ଯେ କେହି ବ୍ୟକ୍ତି ଯଦି ତୁମ ମାନବୀୟ ପ୍ରେମର ମୂଳ ଉତ୍ସକୁ ଚିହ୍ନିପାରେ, ସେ ଅନ୍ୟର ହିତ ନିମନ୍ତେ ଆତ୍ମୋତ୍ସର୍ଗ କରି ଦେଇପାରେ । ନିଜ ଜୀବନକୁ ପାଖ ପଡ଼ୋଶୀ, ଗ୍ରାମ, ସହର, ଦେଶ ବା ସମଗ୍ର ମାନବଜାତି ନିମନ୍ତେ ମଧ ଉତ୍ସର୍ଗ କରିଦିଏ । ଏହାକୁ ଆମେ 'altruism' ବା 'ନିଃସ୍ୱାର୍ଥପରତା' ବୋଲି କହିଥାଉ । କିନ୍ତୁ ଆମେ ଯେଉଁ ତୃଷ୍ଣା ନିବାରଣ ପାଇଁ ଚେଷ୍ଟା କରିଥାଉ ତାହା ନିଃସ୍ୱାର୍ଥପରତା ଦ୍ୱାରା ସନ୍ତୁଷ୍ଟ ହୁଏ ନାହିଁ । ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ରେ 'The Book of Yoga' ର 'The Triple Soul Forces'ରେ 'ନିଃସ୍ୱାର୍ଥପରତା' ('altruism')ର କଥା ଅପରୂପ ଭାଷାରେ ଉଲ୍ଲେଖ କରିଛନ୍ତି । ତାହା ହେଉଛି — "His altruism is ego's other face." ''ମଣିଷର ନିଃସ୍ୱାର୍ଥପରତା ହେଉଛି ଅହଂକାରର ଅନ୍ୟ ଏକ ମୁଖା ।'' ମା' ଭଗବତୀ ସାବିତ୍ରୀଙ୍କ ସମ୍ମୁଖରେ, "Madona of Sorrow" ''ଦୁଃଖର ପ୍ରତିମୂର୍ତ୍ତି ଦେବୀ'' ନିଜର ଦୁଃଖଯନ୍ତ୍ରଣା କଥା ପ୍ରକାଶ କରି ସାରିବା ପରେ ମଣିଷ ବା ଆମ ଭିତରେ ଥିବା ଅହଂକାର ରୂପକ ରାକ୍ଷସଟି ବାହାରକୁ ଆସି ପ୍ରତିବାଦ କରି ଏହି ବାକ୍ୟଟି ଉଚ୍ଚାରଣ କରିଛି । କେବଳ ଏତିକି ନୁହେଁ, ସେହି ଅହଂକାରୀ ରାକ୍ଷସ ମଣିଷ ଭିତରେ ଲୁକ୍କାୟିତ ରହି କିପରି ଜଗତରେ ପ୍ରାଧାନ୍ୟ ବିସ୍ତାର କରି ଚାଲିଛି ଏବଂ ଅନ୍ୟର ଦୁଃଖରେ ଭାଗି ହେବାର ସ୍ୱଭାବ, ମଙ୍ଗଳମୟ ଭାବ, ଦୟା ଏବଂ ସେବା ଭାବ ସମ୍ପର୍କରେ ମଧ ମନ୍ତବ୍ୟ ପ୍ରକାଶ କରିଛି । ତାହା ଏହିପରି —

"Only by force and ruse can man survive:
For pity is a weakness in his breast,
His goodness is a laxity in the nerves,
His kindness an investment for return,
His altruism is ego's other face:
He serves the world that him the
world may serve."

(Savitri, p. 506-507)

ପଦ୍ୟ ରୂପର ପ୍ରୟାସ —

''କେବଳ ଶକତି ଓ କୌଶଳକୁ ଧରି ମଣିଷ ଏଠି ବଞ୍ଚିଛି :
ଦୟାଭାବ ଗୋଟିକ ଦୁର୍ବଳତା ରୂପେ ତା' ହୃଦେ ରଖିଛି ସଞ୍ଚି,
ସ୍ନାୟୁ ମଧ୍ୟେ ସ୍ଥିତ କୋହଳ ଭାବଟି ସହଜିଆ ଚିନ୍ତା ଆଣେ,
ଅନୁକମ୍ପା ଅଟେ ନିବେଶର ଅର୍ଥ ବଦଳ କରିବା ଜାଣେ,
ନିଃସ୍ୱାର୍ଥପରତା କେବଳ ଅଟଇ ଅହଂକାର ଅନ୍ୟ ମୁଖ :
ଜଗତର ସିଏ ସେବା କରୁଅଛି ବଦଳରେ
ଚାହେଁ ସେ ସେବାର ସୁଖ ।''

ମଣିଷ ବା ଆମ୍ଭେମାନେ ଏହି ସଂସାରରେ ଯାହା କରୁ ତା'ର ପଶ୍ଚାତରେ ଲାଭକ୍ଷତିର ହିସାବ ରହିଥାଏ । ଆମ୍ଭେମାନେ ଭଗବାନଙ୍କ ନିମନ୍ତେ, ତାଙ୍କ ଭିତରେ, ତାଙ୍କ ଦ୍ୱାରା ଏହି ଜଗତରେ ବଞ୍ଚି ରହିଛୁ; ଏହି ସତ୍ୟକୁ ହୃଦୟଙ୍ଗମ କରି ପାରିଲେ, ଅନ୍ୟକୁ ସାହାଯ୍ୟ କଲାବେଳେ ସିଏ ଯେ ପ୍ରତିବଦଳରେ ଆମକୁ ସାହାଯ୍ୟ କରିବ — ଏହି ଧାରଣାରୁ ମୁକ୍ତ ହେବାକୁ ହେବ । ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଷୟଟି ଆଲୋଚନା କଲେ ଆମେ ସ୍ପଷ୍ଟ ଭାବରେ ବୁଝିପାରିବା ଯେ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମାଙ୍କ ଉପରେ ଗଭୀର ଆସ୍ଥା ସ୍ଥାପନପୂର୍ବକ ଯଦି ଆମେ ଆଗକୁ ବଢ଼ି ପାରିଲେ ତେବେ ଆମ ଜୀବନ ସାର୍ଥକ ହେବ ।

'ଏନ୍' ନାମକ ଜନୈକ ସାଧକ-ଭକ୍ତ ପଶ୍ଚିମବଙ୍ଗ ପ୍ରଦେଶର କଲିକତା ସହରରେ ବାସ କରୁଥିଲେ । ସେ ୧୯୬୦ ମସିହା ଜାନୁଆରୀ ପହିଲାରେ କଲିକତାସ୍ଥିତ ଶ୍ରୀଅରବିନ୍ଦ ପାଠ ମନ୍ଦିରକୁ ଯାଇଥିଲେ । ସମୟ ସକାଳ ନ'ଟା, ଧ୍ୟାନ ଆରମ୍ଭ ହୋଇ ଯାଇଥାଏ ଏବଂ ମା'ଙ୍କର ଅର୍ଗାନ୍ ମ୍ୟୁଜିକ୍ ବାଜୁଥାଏ । ମ୍ୟୁଜିକ୍ 'ଏନ୍'ଙ୍କ ଉପରେ ଏକ ଯାଦୁକରୀ ପ୍ରଭାବ ପକାଇଲା ଏବଂ ସେ ସେହି ମ୍ୟୁଜିକ୍ ସହିତ ସମ୍ପୂର୍ଣ୍ଣ ହଜିଗଲେ ।

ତାଙ୍କ ହୃଦୟର ଗହ୍ୱରରେ ସଙ୍ଗତିର ଏକପ୍ରକାର କୁହୁକ ଶକ୍ତି ସଞ୍ଚାର ହୋଇଗଲା । ସେହି ସ୍ଥାନରେ ସେ ସେତିକିବେଳେ ପଣ୍ଡିଚେରୀ ଆଶ୍ରମ ପରିଦର୍ଶନ କରିବାକୁ ସ୍ଥିର କରିନେଲେ ।

'ଏନ୍' ପାଠମନ୍ଦିରରୁ ନବବର୍ଷର କ୍ୟାଲେଣ୍ଡରଟିଏ କିଣିଲେ । ମା'ଙ୍କର ଦିବ୍ୟ ଫଟୋଟିର ନିମ୍ନ ଭାଗରେ ଲିଖିତ ବାଣୀଟିକୁ ବାରଂବାର ପାଠ କରିବାକୁ ଲାଗିଲେ । ବାଣୀଟି ଥିଲା –

"To know is good.
To live is better.
To be that is perfect."

''ଜାଣିବା ଭଲ ।
ଆଚରଣ କରିବା ତା'ଠାରୁ ଭଲ ।
ସମ୍ପୂର୍ଣ୍ଣରୂପେ ତାହା ହୋଇ ଉଠିବା
ସବୁଠାରୁ ଭଲ ।''

ବାଣୀଟି ତାଙ୍କ ହୃଦୟର ଗଭୀରତାକୁ ସ୍ପର୍ଶ କଲା । 'ସୁନ୍ଦରମ୍' ନାମକ ଜନୈକ ଆଶ୍ରମବାସୀ ସାଧକଙ୍କ ସହିତ 'ଏନ୍'ଙ୍କର ପରିଚୟ ଥିଲା । ସେ ତାଙ୍କୁ ସବୁକଥା ଲେଖି ଜଣାଇ ଦେଲେ । ସୁନ୍ଦରମ୍ ତାଙ୍କ ପାଖକୁ ଚିଠି ସହିତ ମା'ଙ୍କର ଆଶୀର୍ବାଦ ପୁଷ୍ପ ପଠାଇଲେ । ତାହା ସ୍ପର୍ଶ କଲା ପରେ 'ଏନ୍'ଙ୍କର ମନ, ପ୍ରାଣ, ଶରୀର ପୁଲକିତ ହୋଇଉଠିଲା । ମନେ ହେଲା ତାଙ୍କର ପଣ୍ଡିଚେରୀ ଯାତ୍ରା ନିମନ୍ତେ ଯେପରି ମା' ସମସ୍ତ ବ୍ୟବସ୍ଥା କରି ଦେଉଛନ୍ତି । ବେଳେବେଳେ ତାଙ୍କୁ ଦେଖାଯାଉଥିଲା ଯେ, ମା' ତାଙ୍କୁ ହାତଠାରି ଡାକୁଛନ୍ତି ଏବଂ କହୁଛନ୍ତି, ''ଶୀଘ୍ର ଚାଲିଆସ, ମୁଁ ତୁମକୁ ଅପେକ୍ଷା କରିଛି ।''

ଏପ୍ରିଲ ୧୯, ୧୯୬୦ ମସିହାରେ 'ଏନ୍' ପଣ୍ଡିଚେରୀରେ ପହଞ୍ଚିଲେ ଏବଂ 'ପାର୍କ ଗେଷ୍ଟହାଉସ୍'ରେ ଅବସ୍ଥାନ କଲେ । ସଙ୍ଗେ ସଙ୍ଗେ ସ୍ନାନାଦି ନିତ୍ୟକର୍ମ ସମାପ୍ତ-ପୂର୍ବକ ଆଶ୍ରମକୁ ଯାଇ ପବିତ୍ର ସମାଧି ଦର୍ଶନ କଲେ । ତାଙ୍କର ଅନୁଭବ ହେଲା ଯେପରି ତାଙ୍କୁ ଏକ ପ୍ରଶାନ୍ତିବଳୟ ଘେରି ରହିଛି । ତା' ପରଦିନ ପ୍ରଭାତରେ 'ବାଲ୍‌କୋନି' ଉପରେ ଦିବ୍ୟ ଜନନୀଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କଲେ । ସେ ଦେଖିଲେ ମା'ଙ୍କୁ ସେ ଯେତେ ପରିମାଣରେ ଜ୍ୟୋତିର୍ମୟୀ ବୋଲି ଭାବୁଥିଲେ, ତା'ଠାରୁ ଯଥେଷ୍ଟ ଅଧିକ ଦିବ୍ୟଜ୍ୟୋତି ମା'ଙ୍କ ଦିବ୍ୟ ଶରୀରରୁ ବିଚ୍ଛୁରିତ ହେଉଛି । ଦିବ୍ୟ ଜନନୀ 'ଏନ୍'ଙ୍କର ଆଖିକୁ ଚାହିଁଲେ, ତାଙ୍କର ସମଗ୍ର ଶରୀରରେ ରୋମାଞ୍ଚ ସୃଷ୍ଟି ହେଲା ଏବଂ ଚକ୍ଷୁଦ୍ୱୟ ସ୍ୱତଃ ମୁଦ୍ରିତ ହୋଇଗଲା, ସେ ବାହ୍ୟ-ଜ୍ଞାନ ହରାଇ ଅନ୍ତରର ଗଭୀରତାକୁ ପ୍ରବେଶ କଲେ ।

ତତ୍ପରେ ସେହିଦିନ 'ଏନ୍' 'ମେଡିଟେସନ୍ ହଲ୍'ରେ ବସିଛନ୍ତି, ଦେଖିଲେ ସୁନ୍ଦର ଚୌକିଟିଏ ସାଧକମାନେ ଉପର ମହଲାରୁ ଆଣିଲେ ଏବଂ ହଲ୍‌ର ଗୋଟିଏ ପାର୍ଶ୍ୱରେ ସ୍ଥାପନ କଲେ । ଦିବ୍ୟ ଜନନୀ ଶ୍ରୀମା ଅପୂର୍ବ ଦିବ୍ୟ ରାଜକୀୟ ଠାଣିରେ ଉପର ପାବଚ୍ଛ ଶ୍ରେଣୀ ମଧ୍ୟରେ ପଦ୍ମପାଦ ସ୍ପର୍ଶପୂର୍ବକ ନିମ୍ନକୁ ଅବତରଣ କଲେ । ସେହି ଅପୂର୍ବ ଦିବ୍ୟ ଦୃଶ୍ୟ ଦର୍ଶନ କରି 'ଏନ୍'ଙ୍କର ହୃଦୟ ଆନନ୍ଦ ଉଚ୍ଛ୍ୱାସରେ ପୂର୍ଣ୍ଣ ହୋଇଗଲା । ମା' ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ସୁସଜ୍ଜିତ ଚୌକିରେ ଉପବେଶନପୂର୍ବକ ସାଧକ ସାଧିକାମାନଙ୍କୁ 'ଦର୍ଶନ-ଧୋତି ଏବଂ ଶାଢ଼ୀ' ବଣ୍ଟନ କଲେ । 'ଏନ୍' ଅନ୍ୟ କିଛି ଚିନ୍ତା ନକରି ସେମାନଙ୍କ ଧାଡ଼ିରେ ଆସି ଠିଆ ହୋଇଗଲେ । ଯେତେବେଳେ ସେ ମା'ଙ୍କ ପାଖରେ ପହଞ୍ଚି ଗଲେ ସେତେବେଳେ ନଳିନୀଦା' ମା'ଙ୍କୁ କହିଲେ, 'Guest' ଅର୍ଥାତ୍ 'ଅତିଥି' । ଦିବ୍ୟ ଜନନୀ ତାଙ୍କୁ ଗୋଟିଏ ସୁନ୍ଦର ରୁମାଲ ପ୍ରଦାନ କଲେ ଏବଂ ତାଙ୍କ ହାତକୁ ଟିକିଏ ସ୍ପର୍ଶ କଲେ । ମା'ଙ୍କର ଦିବ୍ୟ କୃପା ଓ ସ୍ପର୍ଶ ଲାଭ କରି, ଏତେ ନିକଟରୁ ପ୍ରଥମ ଥର ନିମନ୍ତେ ମା'ଙ୍କୁ ଦର୍ଶନ କରି ସେ କୃତଜ୍ଞତା ଏବଂ ଦିବ୍ୟାନନ୍ଦର ସ୍ରୋତରେ ଉବୁଟୁବୁ ହେବାକୁ ଲାଗିଲେ ।

ଯେତେବେଳେ 'ଏନ୍'ଙ୍କର କିଛି ଅସୁବିଧା ହୁଏ, ଆଗକୁ ବଢ଼ିବାରେ ଯଦି ପ୍ରତିବନ୍ଧକ ସୃଷ୍ଟି ହୁଏ ସେ ସେହି ରୁମାଲଟିକୁ ହାତରେ ଧରି ମା'ଙ୍କୁ ଡାକନ୍ତି ଏବଂ ତାଙ୍କର ସମସ୍ତ ପ୍ରକାର ଅସୁବିଧା ତତ୍‌କ୍ଷଣାତ୍ ଦୂର ହୋଇ ଯାଇଥାଏ । ଏକଦା ତାଙ୍କର ଜନୈକ ଶିଳ୍ପପତି ବନ୍ଧୁ ଅସୁବିଧାରେ ପଡ଼ିଥା'ନ୍ତି । ତାଙ୍କ କାରଖାନାର ଶ୍ରମିକମାନେ ହରତାଳ (strike) ଘୋଷଣା କରି ଦେଇଥା'ନ୍ତି । ଏହିସବୁ କଥା ଚିନ୍ତା କରି ତାଙ୍କ ବନ୍ଧୁଙ୍କର 'ହୃତ୍‌ଘାତ' ଆରମ୍ଭ ହୋଇଗଲା । ତତ୍‌କ୍ଷଣାତ୍ 'ଏନ୍' ତାଙ୍କ ବନ୍ଧୁଙ୍କ ମସ୍ତକରେ ମା'ଙ୍କ ଠାରୁ ପ୍ରାପ୍ତ ହୋଇଥିବା ରୁମାଲଟିକୁ ସ୍ପର୍ଶ କରିଦେଲେ ଏବଂ ଏକ ପ୍ଲାଷ୍ଟିକ୍ ଲଫାପାରେ ତାକୁ ସୁରକ୍ଷିତ ଭାବରେ ରଖି ବନ୍ଧୁଙ୍କର ତକିଆ ପାଖରେ ରଖିଦେଲେ । ଯେହେତୁ ତାଙ୍କର ପଣ୍ଡିଚେରୀ ଯାତ୍ରା ନିମନ୍ତେ ଟ୍ରେନ ଟିକଟ ହୋଇ ସାରିଥିଲା, ତାଙ୍କ ବନ୍ଧୁ ତାଙ୍କୁ ୧୦୧ଟଙ୍କା ପ୍ରଦାନ କରି କହିଲେ, ''ଭାଇ, ମୋର ଏହି ପ୍ରଣାମୀ ଦିବ୍ୟ ଜନନୀଙ୍କ ପାଦପଦ୍ମରେ ନିବେଦନ କରିଦେବ ।'' ପଣ୍ଡିଚେରୀରୁ ଫେରିଲା ପରେ ସେ ତାଙ୍କ ବନ୍ଧୁଙ୍କ ଘରକୁ ଯାଇ ଯାହା ଦେଖିଲେ

ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବନ୍ଧୁଙ୍କର ହୃତ୍‌ରୋଗ ସମ୍ପୂର୍ଣ୍ଣରୂପେ ଭଲ ହୋଇ ଯାଇଥିଲା । ଶ୍ରମିକମାନେ ହରତାଳ ବନ୍ଦ କରି ଦେଇ ସାରିଥିଲେ; ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ ପରସ୍ପର ବୁଝାମଣା ଭିତରେ ହୋଇ ସାରିଥିଲା ।

'ଏନ୍' ସ୍ୱପ୍ନରେ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ମା'ଙ୍କୁ ବାରଂବାର ଦେଖୁଥିଲେ । ତାଙ୍କର ଅନେକ ଅସୁବିଧାର ସମାଧାନ ସେ ମା'ଙ୍କୁ ଆହ୍ୱାନ କରି ଦୂରେଇ ଦେଉଥିଲେ । ସେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ମା' କିପରି ଏତେ ଶୀଘ୍ର ଅନେକଙ୍କର ଜୀବନ-ସମସ୍ୟାର ସମାଧାନ କରି ଦେଉଛନ୍ତି । ସେ ଅନୁଭବ କରି ସାରିଥିଲେ ଯେ ତାଙ୍କର ଅନେକ ଜନ୍ମର ତପସ୍ୟା ଏହି ଜନ୍ମରେ ସାର୍ଥକ ହୋଇଛି । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ମା' ଯେଉଁ ହୃଦୟରେ ଦୀପଟିଏ ଜଳାଇ ଦେଇଛନ୍ତି, ସେହି ପ୍ରଦୀପ ଅନେକଙ୍କ ହୃଦୟକୁ ପ୍ରଜ୍ୱଳିତ କରି ଦେଇପାରିବ । 'ଏନ୍' ଯେଉଁମାନଙ୍କ ହୃଦୟରେ ଅନ୍ଧକାର ଏବଂ ହତୋତ୍ସାହ ଭାବ ଦେଖୁଥିଲେ ସେଠାରେ ମାତୃ-ପ୍ରଦୀପ ପ୍ରଜ୍ୱଳନ କରି ଦେଉଥିଲେ । ସେ ଅକ୍ଷମ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଏକ ବିଦ୍ୟାଳୟ ପ୍ରତିଷ୍ଠା ଓ ପରିଚାଳନା କରୁଥିଲେ । ସେହି ପିଲାମାନଙ୍କ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସ୍କୁଲ ଦେୟ ନଥିଲା, ଯିଏ ଯାହା ଦେଉଥିଲେ ତାକୁ ମା'ଙ୍କ ପାଦପଦ୍ମରେ ଅର୍ପଣ କରି ଦେଉଥିଲେ । କାରଣ 'ଏନ୍'ଙ୍କ ହୃଦୟ ଭିତରେ ଲେଖି ହୋଇ ଯାଇଥିଲା ଦିବ୍ୟ ଜନନୀ ଶ୍ରୀମାଙ୍କର ସେହି ବାଣୀ – "I will not sale education" – ''ମୁଁ ଶିକ୍ଷା ବିକ୍ରି କରିବି ନାହିଁ ।''

'ଏନ୍'ଙ୍କର ନିଜ ପୁଅ ଦିବ୍ୟାଙ୍ଗ ଥିଲା । ସେ ଶୁଣି ପାରୁ ନଥିଲା କି କଥା କହି ପାରୁ ନଥିଲା । ଶ୍ରୀମା'ଙ୍କ ପାଖକୁ ପିଲାଟିର ଫଟୋଗ୍ରାଫ୍ ପଠାଇ ସେ ତାଙ୍କର ଆଶୀର୍ବାଦ ପାଇଁ ନିବେଦନ କଲେ । ଆଶୀର୍ବାଦ ପୁଷ୍ପ ପାଇଲା ପରେ ପିଲାଟି କଥା କହିବା ଆରମ୍ଭ କଲା ଏବଂ ଖୁବ୍ ଶୀଘ୍ର ସାଧାରଣ ପିଲାଙ୍କ ପରି କଥାବାର୍ତ୍ତା କରିପାରିଲା । ଏହି ଘଟଣା ପରେ ସେ ଦୃଢ଼ ଭାବରେ ଅନୁଭବ କଲେ ଯେ ମା'ଙ୍କର ଆଶୀର୍ବାଦ ସବୁ ସମସ୍ୟାର ସମାଧାନ କରି ଦେଇପାରେ ।

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


(୧) Prayers and Meditations – The Mother

(୨) How they came to Sri Aurobindo and the Mother – Vol. II by Shyam Kumari


**ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ :**

*ଅନେକ ବର୍ଷ ପରେ ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଆପଣଙ୍କୁ ଦେଖିବା ପରେ ମା' ଯାହା ଅନୁଭବ କରିଥିଲେ ତାହା ସେ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା'ରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଆପଣ ମା'ଙ୍କୁ ଦେଖିବା ପରେ ଆପଣଙ୍କ ଭିତରେ କେଉଁ ଭାବର ଉଦ୍ରେକ ହୋଇଥିଲା ?''*

**ଶ୍ରୀଅରବିନ୍ଦ** : ପ୍ରଥମଥର ପାଇଁ ମୁଁ ଜାଣି ପାରିଲି ଯେ ଶେଷ ଦେହକୋଷଟି ପର୍ଯ୍ୟନ୍ତ ମାନୁଷୀ ଭାବରେ ପୂର୍ଣ୍ଣ ସମର୍ପଣ ସମ୍ଭବପର । ଯେତେବେଳେ ମା' ଆସିଲେ ଓ ମସ୍ତକ ଅବନତ କରି ପ୍ରଣାମ କଲେ, ମୁଁ ଦେଖି ପାରିଲି କର୍ମ ଭିତର ଦେଇ କିପରି ପୂର୍ଣ୍ଣ ଓ ନିଃଶେଷ ସମର୍ପଣ କରିବାକୁ ହୁଏ ।

# କାରା-ଜୀବନୀ

## (୧୪)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଆନୁମାନିକ ଏଇ ସମୟରେହିଁ ଆମର ପୁରାତନ ସୁପରିନ୍‌ଟେଣ୍ଡେଣ୍ଟଙ୍କର ବଦଳି ହେବାରୁ ତାଙ୍କ ସ୍ଥାନରେ ମେଜର ଲୀଟ୍‌ପକ୍ ନାମକ ଏକ ବିଶାଳବପୁ ସୁପରିନ୍‌ଟେଣ୍ଡେଣ୍ଟ୍ ଆମ ଗାରଦର କର୍ତ୍ତୃତ୍ୱ ଗ୍ରହଣ କରନ୍ତି । ଉକ୍ତ ଭଦ୍ରବ୍ୟକ୍ତି କାମରେ ଯୋଗ ଦେବାର ପ୍ରଥମ ଦିନହିଁ, କାହିଁକି ଜାଣେନା ତାଙ୍କର କ'ଣ ଖିଆଲ ହେଲା ଅପରାହ୍ଣରେ ଆଉ ଜଣେ ସାହେବ ୱାର୍ଡ଼ରଙ୍କ ସହ ମୋ କୋଠରି ସାମନାରେ ଆସି ହାଜର । ମୁଁ ସେତେବେଳକୁ ପୂର୍ବ ସୁପରିନ୍‌ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସାହେବ-ରୋଗୀମାନଙ୍କ ସହ ରହିଥାଏ ଏବଂ କଏଦୀମାନଙ୍କର ପୋଷାକ ନପିନ୍ଧି ଘରୋଇ ପୋଷାକ ପିନ୍ଧିଥାଏ । ଆମର ଏଇ ନୂଆ ସୁପରିନ୍‌ଟେଣ୍ଡେଣ୍ଟ୍ ମୋର କୋଠରି ସାମନାକୁ ଆସି ମୋତେ ଦେଖି ବିଦ୍ରୁପ କରି "Ah ! you monkey !" କହି ସାଦର ସମ୍ଭାଷଣ କଲେ । ମୁଁ ଦେଖିଲି ଘଟଣା ମନ୍ଦ ନୁହେଁ, ମୋ ସହ ଆଳାପ ନାହିଁ, ପରିଚୟ ନାହିଁ, ଅଥଚ ପ୍ରଥମ ଦର୍ଶନରେହିଁ ଏପରି ସୁମିଷ୍ଟ ସମ୍ଭାଷଣ ! ଘଟଣା କ'ଣ ? ତେଣୁ ମୁଁ ତାଙ୍କର ଏଇ ରହସ୍ୟପୂର୍ଣ୍ଣ ମଧୁର ସମ୍ଭାଷଣଟିକୁ ଏକେବାରେ ତଦ୍ରୂପ ଗଳାଧଃକରଣ କରି ପାରିଲିନି । କହିଲି, ''ଆପଣ କ'ଣ କହିବାକୁ ଚାହାଁନ୍ତି ? ମୋତେ ବାନର କହୁଛନ୍ତି, ଆପଣ ତ ମୋ ଅପେକ୍ଷା କୌଣସି ଗୁଣରେ ଶ୍ରେଷ୍ଠ ବୋଲି ବୋଧ ହେଉ ନାହାଁନ୍ତି ?'' ("What do you mean ? You seem to be no better than what I am ?") ମୋର ଏଇ ପ୍ରତ୍ୟୁତ୍ତରରେ ସାହେବ ମୋ ଉପରେ ରାଗିଯାଇ ତୀବ୍ର ଭର୍ତ୍ସନା ଆରମ୍ଭ କରିଦେଲେ – ''ଓଃ, ତୁମେ ଏତେଟା ସ୍ୱାଧୀନଚେତା ଲୋକ ? ! ଆଚ୍ଛା, ଦେଖାଯାଉ, ତୁମ ପାଇଁ କ'ଣ କରା ଯାଇପାରେ ।'' ଏହା କହିବା ପରେ ତାଙ୍କର ପ୍ରଥମେ ନଜରରେ ପଡ଼ିଲା ଯେ, ମୁଁ ସାହେବମାନଙ୍କର ୱାର୍ଡ଼ରେ ଅଛି । ତତ୍‌କ୍ଷଣାତ୍ କହି ଉଠିଲେ, ''କିଏ ତୁମକୁ ସାହେବମାନଙ୍କର ୱାର୍ଡ଼ରେ ଭର୍ତ୍ତି କରିଛି ? ତୁମେ କ'ଣ ସାହେବ ?'' ମୁଁ କହିଲି, ''ନା, ମୁଁ ଭାରତବାସୀ । ତୁମର ପୂର୍ବ ସୁପରିନ୍‌ଟେଣ୍ଡେଣ୍ଟ୍ ମୋତେ ଏହିଠାରେ ରହିବାର ବ୍ୟବସ୍ଥା କରିଛନ୍ତି ।'' ଏହା ପରେ ତାଙ୍କର ଦୃଷ୍ଟି ପଡ଼ିଲା ମୋର ପିନ୍ଧିବା ଲୁଗା ପ୍ରତି – କଏଦୀର ପୋଷାକ ନ ପିନ୍ଧି ଘର ପୋଷାକ ପିନ୍ଧିଛି, ତେଣୁ ତତ୍‌କ୍ଷଣାତ୍ କହି ଉଠିଲେ, ''ତୁମେ ଯେଉଁ ଘରର ପୋଷାକ ପିନ୍ଧିଛ, ଏଇଟା କ'ଣ ତୁମ ଘର ? ଜାଣ, ତୁମେ କଏଦୀ ? ତୁମକୁ ଏଠାରେ ରହିବାକୁ ହେଲେ କଏଦୀର ପୋଷାକହିଁ ପିନ୍ଧିବାକୁ ହେବ ?'' ଏହା କହି ୱାର୍ଡ଼ରକୁ ହୁକୁମ ଜାରି କଲେ, ''ତା'ର ଘରର ପୋଷାକ ଖୋଲି କଏଦୀର ଲୁଗା ପିନ୍ଧାଇ ଦିଅ ଏବଂ ସାହେବମାନଙ୍କର ୱାର୍ଡ଼ରୁ ବଦଳି କରି ଅନ୍ୟ ସମସ୍ତ ପାଗଳ କଏଦୀଙ୍କ ସହ ଦେଶୀୟମାନଙ୍କ ୱାର୍ଡ଼କୁ ନେଇଯାଅ ।''

ହୁକୁମ ଅନୁସାରେ କଏଦୀର ପୋଷାକ ଆସିବା ଦେଖି ମୁଁ ଭାବିଲି ଏ ପୁଣି କି ଆପଦ୍, ଏତେ ଦିନ ଘରର ପୋଷାକ ପିନ୍ଧି ପୁଣି କଏଦୀର ପୋଷାକ ପିନ୍ଧିବାକୁ ହେବ ! କଥାଟା ମୋତେ ଆଦୌ ଭଲ ଲାଗିଲାନି । ଶେଷରେ ମନେ ମନେ ଚିନ୍ତା କରି ଏକ ବୁଦ୍ଧି ପାଞ୍ଚିଲି ଏବଂ ମୋର ବିଛଣାରୁ ଖଣ୍ଡେ କମ୍ବଳ ଆଣି ସେଇଟିକୁହିଁ ଦେହରେ ଘୋଡ଼େଇ ମୋର ପରିଧାନ ବସ୍ତ୍ର ଖୋଲି ଦେଲି ଏବଂ କହିଲି, ''କିଛି ପରବାୟ ନାହିଁ, ତୁମେମାନେ ଘରର ପୋଷାକ ଏବଂ କଏଦୀର ପୋଷାକ ଉଭୟକୁ ନେଇ ଯାଇପାର, ମୋର ଏସବୁ କିଛିର ଆବଶ୍ୟକ ନାହିଁ ।'' ଏହା କହି ସାଧୁବାବାଙ୍କ ପରି ବାରନ୍ଦାରେ ବସି ପଡ଼ିଲି । କିନ୍ତୁ ୱାର୍ଡ଼ରମାନେ ସମସ୍ତେ ମିଶି ମୋତେ ଯନ୍ତ୍ରଣା ଦେବାକୁ ଆରମ୍ଭ କରିଦେଲେ ଏବଂ ବୁଝାଇବାକୁ ଚେଷ୍ଟା କଲେ ଯେ ଏଇ ସୁପରିନ୍‌ଟେଣ୍ଡେଣ୍ଟ୍ ଟିକିଏ ଜିଦ୍‌ଖୋର ହେଲେ ବି ମୋଟ ଉପରେ ଭଲ ମଣିଷ, କୌଣସି ଛନ୍ଦକପଟର ଧାର ଧରନ୍ତି ନାହିଁ; ସ୍ୱଚ୍ଛ ପ୍ରାଣରେ ଯାହା ମନେ ହୁଏ ତାହା ସେ କହି ପକାନ୍ତି । କିଛି ଦିନ ତାଙ୍କ କଥାରେ ଚଳିଗଲେ ପୁଣି ସବୁ ଠିକ୍ ହୋଇଯିବ । ତା'ଛଡ଼ା ପୋଷାକ ନ ପିନ୍ଧିଲେ ଚଳିବ ନାହିଁ; କାରଣ, ଯେଉଁ କମ୍ବଳ ଘୋଡ଼େଇ ବସିଛି, ସେଇଟା ବି

ସାହେବମାନଙ୍କ ପାଇଁ । ସୁତରାଂ ମୋତେ ଦେଶୀୟମାନଙ୍କ ୱାର୍ଡ୍‌କୁ ବଦଳି କରିଦେଲେ ସେଇଟା ବି ମିଳିବ ନାହିଁ । ଫଳରେ ବାଧ ହୋଇ ପୁନରାୟ ମୋତେ କଏଦୀର ପୋଷାକହିଁ ପିନ୍ଧିବାକୁ ହେଲା । ନଚେତ୍ ଆଉ ଗୋଟିଏ ଉପାୟ ଥିଲା ନିଶ୍ଚୟ; ସେଠାକାର ପାଗଳ-କଏଦୀମାନଙ୍କ ମଧ୍ୟରେ ଏମିତି ଅନେକେ ଅଛନ୍ତି ଯେଉଁମାନେ ବେଶଭୂଷାର କୌଣସି ଧାର ଧରନ୍ତି ନାହିଁ; ଯେଉଁ ନଗ୍ନ ଦେହ ନେଇ ମାତୃକ୍ରୋଡ଼ରେ ଜନ୍ମ ଗ୍ରହଣ କରିଛନ୍ତି, ଜୀବନର ଅବଶିଷ୍ଟ ଅଂଶ ଟିକକ ବି ସେଇ ଦିଗମ୍ବର ମୂର୍ତ୍ତିରେହିଁ କଟାଇ ଦେବେ, ଏଥିରେ କାହାର କ'ଣ କହିବାର ଅଛି ? ଇଚ୍ଛା କଲେ ଏମାନଙ୍କର ଦୃଷ୍ଟାନ୍ତ ଅନୁସରଣ କରି ବେଶଭୂଷାର ଦୌରାତ୍ମ୍ୟ ଠାରୁ ଏକେବାରେ ମୁକ୍ତି ପାଇ ପାରନ୍ତି ନିଶ୍ଚୟ; କିନ୍ତୁ ବୋଧହୁଏ ମୋର ସେତେବେଳ ପର୍ଯ୍ୟନ୍ତ ସେମାନଙ୍କର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାରେ ଆହୁରି ଡେରି ଥିଲା, ତେଣୁ ଆଉ ସେତେବେଳେ ଏପରି ହୋଇ ପାରିଲି ନାହିଁ । ସେ ଯାହାହେଉ, କଏଦୀର ପୋଷାକ ବି ପିନ୍ଧିଲି ଏବଂ ସାହେବମାନଙ୍କ ୱାର୍ଡ୍‌ରୁ ବିତାଡ଼ିତ ହୋଇ ଦେଶୀୟ ୱାର୍ଡ୍‌କୁ ଯିବାକୁ ହେଲା । ସେଠାକୁ ଯାଇ ବାଧ ହୋଇ ମୋତେ ସାହେବପଣିଆସବୁକୁ ପରିତ୍ୟାଗ କରିବାକୁ ହେଲା । ଏବଂ କେବଳମାତ୍ର ରାତ୍ରିରେ ଶୟନ ନିମନ୍ତେ ଖଣ୍ଡିଏ ତାଳପତ୍ରର ମୋଟା ଚଟାଇ, ମୁଣ୍ଡ ତଳେ ଦେବା ପାଇଁ ନଡ଼ାର ତକିଆ ଓ ଦେହରେ ଘୋଡ଼େଇ ହେବାକୁ ଖଣ୍ଡିଏ ମୋଟା ତାଳପତ୍ରର ଚଟି ମୋର ଶୟନ କକ୍ଷର ଶୋଭା ବର୍ଦ୍ଧନ କଲା । ଏଇ ସମସ୍ତ ଲଘୁ ଲାଞ୍ଛନା ଫଳରେ ମୋର ମନୋବଳ କୌଣସି ପ୍ରକାର ହ୍ରାସ ହେବା ଦୂରେ ଥାଉ ବରଂ ଆହୁରି ବୃଦ୍ଧି ପାଇବାକୁ ଲାଗିଲା । କ୍ରମେ ଦେଖିଲି ଏଇ ସୁପରିନ୍‌ଟେଣ୍ଡେଣ୍ଟ୍ ଆଉ କୌଣସି ପ୍ରକାର ଉତ୍ପୀଡ଼ନ ନକରି ସଦ୍‌ବ୍ୟବହାର କରିବାକୁ ଲାଗିଲେ ।

ଉପରୋକ୍ତ ସୁପରିନ୍‌ଟେଣ୍ଡେଣ୍ଟ୍ ଆମର ପାଗଳ ଗାରଦର ଦାୟିତ୍ୱରେ ଥିବାବେଳେ ଆଉ ଏକ ଉନ୍ମାଦ ପାଗଳ ଏକ ଭୀଷଣ କାଣ୍ଡ ଘଟାଇ ବସିଲା । ତା'ର ନାମ ଇଲାଇୟା ଗୌଲ୍‌ଡ୍‌ନ । ସେ ଯେତେବେଳେ ପ୍ରଥମେ ଅନ୍ୟ ଜେଲରୁ ପ୍ରେରିତ ହୋଇ ଏଠାକୁ ଆସେ, ସେତେବେଳେ ତା' ମଧ୍ୟରେ କୌଣସି ଉନ୍ମତ୍ତତାର ଲକ୍ଷଣ ନଥିଲା; ତେବେ ମୋର ଯେପରି କଳାପାଣିରୁ ମାନ୍ଦ୍ରାଜ ଚାଲାଣ ହେବା ସମୟରେ ଏପରି କିଛି କରି ଦିଆଯାଇଥିଲା ? — ଏମିତି ଏକ ଧାରଣା ଯେମିତି ବି ହେଉ ମୋର ଜନ୍ମିଥିଲା, ତା'ର ବି ଦେଖିଲି ସେଇଆ । ସେ ଏଠାକୁ ଆସି କେବଳ ଘରକୁ ଯିବା ପାଇଁ ଅସ୍ଥିର ହେଉଥାଏ । ଏପରିକି ଫାଟକ ପାଖରେ ଯେଉଁ ଜଗୁଆଳିର ଘର ଥିଲା ତାକୁ ରେଲ୍‌ୱେର ଟିକଟ ଅଫିସ ମନେ କରି ବାରଂବାର ଟିକଟ ନେବା ପାଇଁ ସେଠାକୁ ଯାଇ ହାଜିର ହେଉଥାଏ । ଏହିପରି ଭାବରେ କିଛିଦିନ ଯିବା ପରେ ବିଶେଷ କୌଣସି ଉନ୍ମତ୍ତତାର ଲକ୍ଷଣ ଦେଖା ନ ଯିବାରୁ, ତା' ପାଇଁ ବିଶେଷ କିଛି ସତର୍କତା ଅବଲମ୍ବନ କରାହେଲା ନାହିଁ । ସାଧାରଣ କଏଦୀମାନଙ୍କ ସହ ରହିବାକୁ, ଚଲାବୁଲା କରିବାକୁ ଦିଆହେଲା ।

ଅବଶେଷରେ ଦିନେ ଦ୍ୱିପ୍ରହର ଦୁଇଟା ଅବା ଅଢ଼େଇଟା ସମୟରେ ହଠାତ୍ ତା'ର ଏପରି ବୁଦ୍ଧି ବିପର୍ଯ୍ୟୟ ଉପସ୍ଥିତ ହେଲା ଯେ ତା'ର କାଣ୍ଡ ଦେଖି ସେଠାକାର ପ୍ରାୟ ଅଧିକାଂଶ ଲୋକଙ୍କୁ ''କାହା କପାଳରେ କ'ଣ ଯେ ଅଛି, କହି ହେବ ନାହିଁ'' ଏପରି ଭାବେ ପ୍ରାଣ ବଞ୍ଚାଇ ଶଙ୍କିତ ଅବସ୍ଥାରେ ଦଣ୍ଡାୟମାନ ହେବାକୁ ହୋଇଥିଲା । ଆମର ରହିବା ସ୍ଥାନ Criminal enclosureର ଅଧୀନରେ ଗୋଟିଏ ଛୋଟ କମାରଶାଳ ଥିଲା, ସେଠାରେ ବିଭିନ୍ନ ପ୍ରକାରର ଯନ୍ତ୍ରପାତି ଏବଂ ଲୁହାଛଡ଼ ଇତ୍ୟାଦି ପଡ଼ିଥାଏ । ହଠାତ୍ କାହିଁକି ଜାଣେନା, ତା'ର କ'ଣ ଏକ ଦୁର୍ବୁଦ୍ଧି ମୁଣ୍ଡକୁ ଜୁଟିଲା, ସେ ସେହି କମାରଶାଳରୁ ଖଣ୍ଡିଏ ପ୍ରକାଣ୍ଡ ଲୁହାଛଡ଼ ହାତରେ ଧରି ଗୋଟିଏ ଦିଗକୁ ଦୌଡ଼ିବାକୁ ଲାଗିଲା ଓ ରାସ୍ତାରେ ଯାହାକୁ ଦେଖିବାକୁ ପାଇଲା, ତା' ମୁଣ୍ଡରେ ଏଇ ଲୁହାଛଡରେ ଗୋଟାଏ ଗୋଟାଏ ପ୍ରହାର ଦେଇ ମାରି ଚାଲିଲା । ଏହିପରି କ୍ରମାନ୍ୱୟରେ ଜଣେ, ଦୁଇଜଣ, ତିନିଜଣଙ୍କୁ ଯେତେବେଳେ ସେ ଏକେବାରେ ସାଂଘାତିକ ଭାବେ ଜଖମ କରି ପକାଇଲା ସେତେବେଳେ ଚାରିଆଡ଼େ ଏକ ଭୀଷଣ କୋଳାହଳ ପଡ଼ିଗଲା । ଚାରି ପାଞ୍ଚ ଜଣ ସବଳ ସୁସ୍ଥ ଲୋକ ସାହସ କରି ବାଉଁଶ ଦଣ୍ଡ ନେଇ ତାକୁ ଗୋଡ଼ାଇଲେ ଏବଂ ଅଳ୍ପ ସମୟ ମଧ୍ୟରେ ତାକୁ କାବୁ କରି ନେଲେ । ଅବଶ୍ୟ ତାକୁ ଧରିବା ପରେ ଖୁବ୍ ଉତ୍ତମ ମଧ୍ୟମ ଦିଆଗଲା, କିନ୍ତୁ ସେଥିରେ ତା'ର କ'ଣ ହେବ, ଯାହା ଘଟାଇଛି ତା'ର ପ୍ରତିକାର ତାକୁ ଧରି ମାରି ଯମର ଦକ୍ଷିଣ ଦ୍ୱାର ଦେଖାଇ ଆଣିଲେ ବି ଯଥେଷ୍ଟ ନୁହେଁ । ସୌଭାଗ୍ୟକ୍ରମେ ମୁଁ ଏଇ ଉନ୍ମାଦର ଗନ୍ତବ୍ୟ ପଥରୁ କିଛିଟା ଦୂରରେ ମୋର କୋଠରି ପାଖରେ ରହି କୋଳାହଳ ଶୁଣି ଘଟଣାଟା କ'ଣ ଜାଣିବା ପାଇଁ ଅଗ୍ରସର ହେବାରୁ ଯାହା ଦେଖିଲି ସେଥିରେ ଅତି ବଡ଼ ସାହସୀ ବ୍ୟକ୍ତିର ବି ହୃତ୍‌କମ୍ପ ହେବାର କଥା । ଯେଉଁ ଯେଉଁ ସ୍ଥାନରେ ଏଇ ଉନ୍ମାଦକର୍ତ୍ତୃକ ଆହତ ଲୋକ ପଡ଼ି ରହିଥିଲେ, ସେହି

ସେହି ସ୍ଥାନରେ ଏକେବାରେ ରକ୍ତ-ଗଙ୍ଗା ବହି ଯାଉଥିଲା ଏବଂ ଯେଉଁମାନଙ୍କୁ ଆଘାତ କରିଥିଲା ସେମାନଙ୍କୁ ଅନାଇବାକୁ ବୋଧହୁଏ ସାଧାରଣ ଲୋକର ସାହସ କୁଳାଇବ କି ନା ସନ୍ଦେହ; ଏପରିକି ଦୁର୍ବଳ-ଚିତ୍ତ ଲୋକ ଏହି ଦୃଶ୍ୟର ପ୍ରଥମ ଦର୍ଶନରେହିଁ ଯେ ମୂର୍ଚ୍ଛା ହୋଇଯିବେ ସେଥିରେ ବିଶେଷ କୌଣସି ସନ୍ଦେହ ନାହିଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ମା'ଙ୍କ ପାଦ

## ଶରତଚନ୍ଦ୍ର ରଥ

ପାଦ ପରି ପାଦ ସିନା,
ଆଉ ଯେତେ ପାଦ ଅଛି ଏ ମରତେ
ସବୁ ପିତଳ ସେ ସୁନା ।୧।

ପାଦଶୋଭା ମନଲୋଭା,
ସତେକି ଆସିଛି ନନ୍ଦନ କାନନୁଁ
ପାରିଜାତ ରୂପ ଶୋଭା । ।୨।

ସେ ପାଦ ଲାବଣ୍ୟ ଠାଣି,
ବଇକୁଣ୍ଠ ପୁରୁ କଇବଲ୍ୟ ଆଣି
ମରତେ ଦେଉଛି ବୁଣି ।୩।

ପାଦର ଗଠନ ରୀତି,
ତିନି ଭୁବନର ସାରକାନ୍ତି ଆଣି
ଗଢ଼ିଛନ୍ତି ସରସ୍ୱତୀ ।୪।

ନୟନ ରହୁଛି ଲାଖି,
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ
ନିଜ ଆଖି ନିଜ ସାକ୍ଷୀ ।୫।

ସେ ପାଦ ପୂଜନ ଲାଗି,
ସୁର, ନାଗ, ନର, ଗନ୍ଧର୍ବ, କିନ୍ନର
ଅହରହ ଅନୁରାଗୀ ।୬।

ସେ ଅଙ୍ଗୁଳି ମନୋରମ,
ଦେଖିଲେ ଲାଗୁଛି କଳପଲତାର
ସତେ ପଞ୍ଚ ଶାଖା ସମ ।୭।



ସୁନ୍ଦର ସେ ନଖଶିରୀ,
ତହିଁରୁ ପଡୁଛି ତିନି ଭୁବନରୁ
ସୁଧା ସଞ୍ଜୀବନୀ ଝରି ।୮।

ସେ ପାଦ ମହିମାରାଶି,
ଶେଷଦେବ ଶେଷ କରି ନପାରନ୍ତି
ଗାନ କରି ଦିବାନିଶି ।୯।

ମହେଶ୍ୱରୀ ପାଦ ରେଖା,
ଆଲୋକ ବରଷି ତମସାକୁ ନାଶି
ତୋଳେ ସେ ଜ୍ଞାନର ଶିଖା ।୧୦।

ମହାକାଳୀ ପାଦ ସେହି,
ପରଶେ ତାହାର ବିରୋଧୀ ଶକ୍ତିର
ବିରୋଧ ଯାଏ ଉଭାଇ ।୧୧।

ସେ ପାଦ କମଳାଙ୍କର,
ପଡ଼େ ଯେଉଁଠାରେ ଫୁଟି ଉଠେ ତହିଁ
ସୁଷମାର ଶତଦଳ ।୧୨।

ମହାସରସ୍ୱତୀ ପାଦ,
ଅସଜଡ଼ା ଯେତେ ସଜାଡ଼ି ଦିଏ ସେ
ଫୁଟାଇ ସରସ ଛନ୍ଦ ।୧୩।

ଏତିକି ଅଭୀପ୍ସା କରେ,
ଜନମେ ଜନମେ ବନ୍ଧା ରହୁ ମନ
ମା'ଙ୍କ ସେ ପାଦ ତଳେ ।୧୪। ❑

# ବ୍ୟବହାରେଣ ଜାୟନ୍ତେ ମିତ୍ରାଣି ରିପବସ୍ତଥା

## ଗୟାଧର ଦାଶ

ଜ୍ଞାନ ଆହରଣ କରିବାର ଚାରୋଟି ଦିଗ ରହିଛି । ପ୍ରଥମ ଦିଗଟି ହେଉଛି ଶାସ୍ତ୍ର । ବିଭିନ୍ନ ଶାସ୍ତ୍ର ଅଧ୍ୟୟନ କରି ଆମେ ଜ୍ଞାନ ଅର୍ଜନ କରିଥାଉ । ଦ୍ୱିତୀୟ ଦିଗଟି ହେଉଛି ଗୁରୁ । ଗୁରୁଙ୍କ ଠାରୁ ଲାଭ କରିଥିବା ଜ୍ଞାନ ଆମ ଜୀବନ ପଥକୁ ଆଲୋକିତ କରିଥାଏ । ତୃତୀୟ ଦିଗଟି ହେଉଛି ପରିବେଶ । ପରିବେଶ ଏକ ବ୍ୟାପକ ଶବ୍ଦ । ବିଶ୍ୱପ୍ରକୃତିହିଁ ଜ୍ଞାନର ଭଣ୍ଡାର । ଗିରିକାନନ, ନଦନଦୀ, ତରୁଲତା, ପଶୁପକ୍ଷୀ, କୀଟପତଙ୍ଗ, ସୂର୍ଯ୍ୟ, ଚନ୍ଦ୍ର, ମାଟି, ଆକାଶ – ସବୁରି ଭିତରେ ଭରି ରହିଛି ଅନନ୍ତ ଜ୍ଞାନର ସମ୍ଭାର । ଯେଉଁ ପରିବେଶରେ ଆମେ ବାସ କରିଥାଉ, ଯେଉଁ ମେଳ ସଙ୍ଗଠନ, କାର୍ଯ୍ୟକ୍ଷେତ୍ର, ପରିବାର ଭିତରେ ଆମେ ଆମର ଦୈନନ୍ଦିନ ଜୀବନ ବଞ୍ଚୁଥାଉ, ସେସବୁ ପରିବେଶରୁ ଆମେ ଅନେକ କଥା ଶିଖିଥାଉ । ଜ୍ଞାନ ଆହରଣର ଚତୁର୍ଥ ଦିଗଟି ହେଉଛି ଅନୁଭୂତିଲବ୍ଧ ଜ୍ଞାନ । ଜୀବନ ହେଉଛି ଅନୁଭୂତିର ଏକ ସମାହାର । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ନିଜର ଅଭିଜ୍ଞତାରୁ ଯାହା ଶିଖିଥାଏ ତାହା ଦୀର୍ଘସ୍ଥାୟୀ ହୋଇଥାଏ । ଚିନ୍ତା, କଥା ଓ କାର୍ଯ୍ୟର ସୁସଙ୍ଗତ ପରିପ୍ରକାଶରେ ଜୀବନଧାରାଟି ମହନୀୟ ହୋଇଥାଏ ।

ଆମର ଜ୍ଞାନ ସୀମିତ । ସମୟାନୁକ୍ରମେ ଜ୍ଞାନର ପରିଭାଷା, ରୂପରେଖ ବଦଳିଯାଏ । ଶିକ୍ଷା ହେଉଛି ଏକ ନବୀକରଣ ପ୍ରକ୍ରିୟା । ଆମର ଆଚାର-ବ୍ୟବହାର, ଚାଲିଚଳନ, ଭାବ-ଅନୁଭବ, ବେଶଭୂଷା, ଖାଦ୍ୟ-ପାନୀୟ, ଶୟନ, ଦର୍ଶନ, ଶ୍ରବଣ, ବିଚାର କାର୍ଯ୍ୟ ଆଦିରେ ନବୀକରଣକୁ ଆମେ ଶିକ୍ଷା ବୋଲି କହିପାରିବା । ଏହା ମଧ୍ୟ ଚେତନାର ନବୀକରଣକୁ ବୁଝାଏ । ଚେତନାରେ ଲାଗିଥିବା କଳଙ୍କିଗୁଡ଼ିକୁ ଘଷିମାଜି ସଫା କରିବାର ପ୍ରୟୋଜନ ରହିଛି । ସ୍ୱଭାବ ଓ ସ୍ୱଧର୍ମକୁ ଜୀବନ୍ତ ଓ ତେଜୋମୟ କରିବାର ଆବଶ୍ୟକତା ରହିଛି । ମଣିଷ ସର୍ବଦା ନିଜ ଅହଂର ବୋଲକରା ସାଜି ଅପୂର୍ଣ୍ଣ ହୋଇ ରହିଥାଏ । ବାହାରେ ଗୋଟିଏ ଜୀବନ ଓ ଭିତରେ ଆଉ ଏକ ଜୀବନ ବଞ୍ଚୁଥିବାରୁ ଚେତନାରେ ବିଭ୍ରାଟ ବା ଅସଙ୍ଗତି ସୃଷ୍ଟି ହୁଏ । ଏହି କାରଣରୁ ବ୍ୟକ୍ତି ଦୁଃଖ, ଯନ୍ତ୍ରଣା, ଭୟ, ଶୋକ, ରୋଗ, ବାର୍ଦ୍ଧକ୍ୟ, କ୍ଷୟ, ମୃତ୍ୟୁ ଆଦିର ଶିକାର ହୋଇଥାଏ ।

ଚେତନାର ନବୀକରଣ ପ୍ରକ୍ରିୟାରେ ଆମର ଦୈନନ୍ଦିନ ଜୀବନର ଆଚାର-ବ୍ୟବହାରକୁ ଶୁଦ୍ଧ କରିବାକୁ ପଡ଼େ । ଭାବ, କଥା ଓ କାର୍ଯ୍ୟରେ ଫରକ ରହିଲେ ବ୍ୟକ୍ତି ସତ୍ତାରେ ଅସଙ୍ଗତି ସୃଷ୍ଟି ହୁଏ । ତତ୍ପରେ ଆଚାର-ବ୍ୟବହାରରେ ନାନା ତ୍ରୁଟି ପରିଲକ୍ଷିତ ହୁଏ ଏବଂ ବ୍ୟକ୍ତି ଭୟ, ରୋଗ, ଦୁଃଖ, ଆଶଙ୍କା ଓ ହତାଶାର ଶିକାର ହୋଇଥାଏ । ସେଥିପାଇଁ ମନୁସ୍ମୃତିରେ କୁହାଯାଇଛି –

''ଆଚାରଃ ପରମୋ ଧର୍ମ ଆଚାରଃ ପରମଂ ତପଃ ।
ଆଚାରଃ ପରମଂ ଜ୍ଞାନମ୍ ଆଚାରାତ୍ କିଂ ନ ସାଧତେ ॥''

ଅର୍ଥାତ୍, ''ଶୁଦ୍ଧ ଆଚାର-ବ୍ୟବହାର ପରମ ଧର୍ମ, ପରମ ତପଃ, ପରମ ଜ୍ଞାନ ଅଟେ । ଏପରି କିଛି ନାହିଁ ଯାହା ଶୁଦ୍ଧ ଆଚାର ଦ୍ୱାରା ପ୍ରାପ୍ତ ହୋଇ ନପାରେ ।''

ଯିଏ ନିଜ ଜୀବନର ଆଚରଣ-ବିଧିକୁ ଶୁଦ୍ଧ କରିଥାଏ ଏବଂ ଶିକ୍ଷାର୍ଥୀର ଆଚରଣକୁ ଶୁଦ୍ଧ କରିବାରେ ଉପଯୁକ୍ତ ତାଲିମ ପ୍ରଦାନ କରେ ତାଙ୍କୁ ଆଚାର୍ଯ୍ୟ କୁହାଯାଏ । ଆଚାର୍ଯ୍ୟ ନିଜ ପାଇଁ କଠୋର ହୁଅନ୍ତି, ନିଜର ତ୍ରୁଟିରେ ନିଜକୁ ଦଣ୍ଡ ପ୍ରଦାନ କରନ୍ତି; କିନ୍ତୁ ଅନ୍ୟ ପାଇଁ ସର୍ବଦା ଉଦାର ଓ ଦୟାଶୀଳ ହୋଇ ଥାଆନ୍ତି । ତାଙ୍କର ମନ ଓ ହୃଦୟରେ ସ୍ୱଷ୍ଟତା ଓ ସ୍ୱଚ୍ଛତା ଥାଏ, କର୍ମରେ ସଚ୍ଚୋଟତା, ସାଧୁତା ଓ ଅକପଟତା ରହିଥାଏ । ତାଙ୍କର କଥା, ଚିନ୍ତା ଓ କର୍ମରେ ପାର୍ଥକ୍ୟ ନଥାଏ । ତାଙ୍କ ଭିତରଟି ଯାହା ବାହାରଟି ମଧ୍ୟ ତାହା । ନମ୍ରତା ତାଙ୍କର ଭୂଷଣ, କାରଣ ସେ କ୍ରୋଧ ପ୍ରକାଶ କରନ୍ତି ନାହିଁ । ସର୍ବଦା ହସହସ ମୁଖରେ ସମସ୍ତଙ୍କର ମଙ୍ଗଳକାମନା କରନ୍ତି ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ବ୍ୟକ୍ତି ଓ ସମାଜ ପରସ୍ପରର ପରିପୂରକ । ମନୁଷ୍ୟର ଆଚାର-ବ୍ୟବହାରହିଁ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭଲ ଅବା ମନ୍ଦ ସମ୍ପର୍କ ପ୍ରତିଷ୍ଠା କରିଥାଏ । ପ୍ରତି ମୁହୂର୍ତ୍ତରେ ଗୋଡ଼ ଖସି ଯିବାର ଆଶଙ୍କା ଥାଏ । ତଥାପି ଆଗକୁ ବଢ଼ିବାର ଅଭୀପ୍ସା ଓ ପ୍ରୟାସ ଆମକୁ ବାଟ ଦେଖାଏ । ନିଜେ ବଞ୍ଚିବା ଓ ବଢ଼ିବା ସହ ଅନ୍ୟମାନେ ବଞ୍ଚନ୍ତୁ ଓ ବଢ଼ନ୍ତୁ, ଏହି ମନୋଭାବ ରଖିବା ତଥା ପରସ୍ପରକୁ ସୁହୃଦ୍‌ର ହାତ ବଢ଼ାଇ ଦେବା ହେଉଛି ମାନବଧର୍ମ ।

ସାମ୍ପ୍ରତିକ ସମାଜରେ ଜଣେ ବ୍ୟକ୍ତି ବାଲ୍ୟକାଳରୁ ନାନା

ପ୍ରଲୋଭନର ଶିକାର ହେଉଛି । ସମାଜରେ ଅଶାନ୍ତି, ଅନ୍ୟାୟ, ବ୍ୟଭିଚାର, ଅତ୍ୟାଚାର, ହିଂସା ପ୍ରଣୋଦିତ କାର୍ଯ୍ୟ ବଢ଼ି ଚାଲିଛି । ପିଲାଟିର ସ୍ୱଭାବ ଉଗ୍ର ହେବାରେ ଲାଗିଛି । ଆଧିପତ୍ୟ ବିସ୍ତାର କରିବା ପାଇଁ ମନୁଷ୍ୟ ନିଜର କ୍ଷମତା, ପଦବୀ, ବଳ, କୌଶଳ ପ୍ରୟୋଗ କରୁଛି । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଂଘର୍ଷ ଘଟି ଚାଲିଛି । ନାନା ସଂଘର୍ଷ ଭିତରେ ବ୍ୟକ୍ତି ଅଣନିଃଶ୍ୱାସୀ ହୋଇ ପଡୁଛି । ତଥାପି ତିଷ୍ଠି ରହିବା ପାଇଁ ସେ ସଂଗ୍ରାମ କରି ଚାଲିଛି । ବାହାରେ ଯେତିକି ସଂଘର୍ଷ, ଭିତରେ ତା'ଠାରୁ ଅଧିକ ସଂଘର୍ଷ ଚାଲିଛି । ଜୀବନ-ସାଗରରେ ଦେବାସୁର ସଂଗ୍ରାମରୁ ଯେଉଁ ମହାନ୍ ବସ୍ତୁମାନ ଉତ୍ପନ୍ନ ହୁଏ, ମନୁଷ୍ୟ ତାହା ଲାଭ କରିବାର ଯୋଗ୍ୟ ହେବ କି ନାହିଁ, ହଳାହଳ ବିଷର କ୍ରିୟାରୁ ମୁକ୍ତ ହେବ କି ନାହିଁ ତାହା ମାନବ ସମାଜ ପାଇଁ ଏକ ପ୍ରଶ୍ନବାଚୀ ହୋଇ ପଡ଼ିଛି । ତଥାପି ଆଶା ଓ ବିଶ୍ୱାସ ରହିଛି । ଘୋର ଦୁର୍ଯୋଗ ଓ ବିଚ୍ୟୁତି ମଧ୍ୟରେ, ଘନ ତମିସ୍ରାଚ୍ଛନ୍ନ ଘଡ଼ିସନ୍ଧି ମୁହୂର୍ତ୍ତରେ ଏକ ମହାନ୍ ଶକ୍ତି ଯେ ଆଶାର ଆଲୋକ ଦେଖାଇ ଆମକୁ ପଥ କଢ଼ାଇ ନିଏ, ଏହି ବିଶ୍ୱାସଟି ମାନବର ଭବିଷ୍ୟତକୁ ଉଜ୍ଜୀବିତ କରିବା ସହ ଜୀବନ ସଂଗ୍ରାମରେ ହାରି ନଯାଇ ଆହୁରି ଆଗକୁ ବଢ଼ିବାରେ ଶକ୍ତି ଓ ସାହସ ଭରି ଦେଉଛି ।

ଘରେ ହେଉ କି ବାହାରେ ହେଉ, ଆମେ ସମସ୍ତେ ଏକ ଦୂଷିତ ପରିବେଶରେ ବାସ କରିଥାଉ । ପରିବେଶଟି ନାନା କୁତ୍ସିତ ଭାବନା, ମନ୍ଦ କଥା, କୁକର୍ମ ଦ୍ୱାରା ଦୂଷିତ ହୋଇଥାଏ । ବାତାବରଣରୁ ଯେଉଁ ଦୂଷିତ ଭାବନା, କଥାବାର୍ତ୍ତା ଓ କାର୍ଯ୍ୟର ସ୍ପନ୍ଦନମାନ ଆମ ଭିତରକୁ ଅନବରତ ପ୍ରବେଶ କରେ, ତାହାର କୁପ୍ରଭାବ ମନ, ପ୍ରାଣ ଓ ଶରୀର ଉପରେ ପଡ଼ିଥାଏ । ବିଜ୍ଞାନର ଯାଦୁକରୀ ଶକ୍ତି ପ୍ରୟୋଗ କରି ମନୁଷ୍ୟ ମାନବ ସମାଜର ବିକାଶ ସାଧନ କରୁଛି ବୋଲି ଡିଣ୍ଡିମ ପିଟିଲେ ବି ନିଜର ଅହଂ-ବୁଦ୍ଧି ତାକୁ ନିରନ୍ତର ଠକି ଚାଲିଛି । ଏପରିକି ସାମାନ୍ୟ ମନୋମାଳିନ୍ୟ, କୁତ୍ସାରଟନା, କଳହ, କପଟ, ଛଳନା, ପ୍ରତାରଣା, ସନ୍ଦେହ, ଅବିଶ୍ୱାସ, ବଡ଼ ପାଟିରେ କଥା ହେବା, ଅସହିଷ୍ଣୁ ହେବା, ହିଂସା ଆଚରଣ କରିବା, ଗୋଳମାଳ କରିବା, ଅପ୍ରୀତିକର କାର୍ଯ୍ୟ କରିବା, ଘୃଣା କରିବା, ମିଛ କହିବା, ଚୋରି କରିବା, କ୍ରୋଧ ପ୍ରକାଶ କରିବା, ଲୋଭାତୁର ହେବା, ଅଯଥା ଗପସପ କରିବା, ନିଶାଦ୍ରବ୍ୟ ସେବନ କରି ଅଭଦ୍ର ଆଚରଣ ପ୍ରଦର୍ଶନ କରିବା, କଳୁଷିତ ରାଜନୀତିକୁ ପ୍ରଶ୍ରୟ ଦେବା, ଦୃଶ୍ୟ-ଶ୍ରାବ୍ୟ ଉପକରଣ ଦ୍ୱାରା ଅପ୍ରୀତିକର, ବିକୃତ ତରଙ୍ଗମାନ ସୃଷ୍ଟି କରି ଆମେ ବାତାବରଣକୁ ଦୂଷିତ କରିଥାଉ । ଏହି ଦୂଷିତ ବାତାବରଣରେ ଶିଶୁଟିଏ କିପରି ତା'ର ଆଚାର ବ୍ୟବହାରକୁ ଶୁଦ୍ଧ କରି ପାରିବ ତାହା ଆମ ସମସ୍ତଙ୍କ ସକାଶେ ଏକ ଚିନ୍ତାର ବିଷୟ, ସମଗ୍ର ମାନବ ସମାଜ ପାଇଁ ଏକ ଜଟିଳ ସମସ୍ୟା ।

ପ୍ରତ୍ୟେକ ମନୁଷ୍ୟର ପ୍ରକୃତିରେ ସତ୍ତ୍ୱ, ରଜଃ ଓ ତମଃ ଆଦି ତିନି ଗୁଣର ପ୍ରଭାବ ପଡ଼ିଥାଏ । ଯେଉଁ ଗୁଣଟିର ପ୍ରାଧାନ୍ୟ ବେଶୀ ରହେ, ମନୁଷ୍ୟର ସ୍ୱଭାବ ସେହିପରି ଗଠିତ ହୋଇଥାଏ ଏବଂ ତା'ର ବ୍ୟବହାରରେ ତାହା ପ୍ରତିଫଳିତ ହୋଇଥାଏ । ଆମର ଆଚାର-ବ୍ୟବହାରହିଁ ଚରିତ୍ରର ବାହ୍ୟ ପ୍ରକାଶ । ଏହି ବ୍ୟବହାର ଯେତେ ଶୁଦ୍ଧ ଓ ମାର୍ଜିତ ହୁଏ, ସାମାଜିକ ସମ୍ପର୍କଟି ସେତେ ମଧୁର ହୋଇଥାଏ । କଥା, ଚିନ୍ତା ଓ କାର୍ଯ୍ୟରେ ଶୁଦ୍ଧତା ଓ ମଧୁରତା ରହିଲେ ଆତ୍ମୀୟତା ଓ ପାରସ୍ପରିକତା ବୃଦ୍ଧି ପାଏ ଏବଂ ଅନ୍ତରରେ ସୁହୃଦ୍ ଭାବଟି ଜୀବନ୍ତ ହୋଇଉଠେ । ପ୍ରତ୍ୟେକ ଧର୍ମରେ ଶୀଳ ବା ଆଚରଣ ଉପରେ ପ୍ରାଧାନ୍ୟ ଦିଆଯାଇଛି । ମା' କହନ୍ତି – "I insist on the necessity of having good manners. I do not see anything grand in the manners of a gutter-snipe."

(4 March 1960) (MCW, Vol. 12, p. 154)

''ଭଦ୍ର ବ୍ୟବହାରର ପ୍ରୟୋଜନ ବିଷୟରେ ମୁଁ ସର୍ବଦା ଗୁରୁତ୍ୱ ଦେଇଥାଏ । ରାସ୍ତାରେ ବୁଲୁଥିବା ଅପରିଚ୍ଛନ୍ନ ଓ ଅମାର୍ଜିତ ପିଲାଙ୍କ ବ୍ୟବହାର ଦେଖାଇବାରେ ଆଦୌ କିଛି ବାହାଦୁରି ରହିଛି ବୋଲି ମୁଁ ମୋଟେ ବିଚାର କରିପାରୁ ନାହିଁ ।''

(ମାର୍ଚ୍ଚ ୪, ୧୯୬୦)

ପୁନଶ୍ଚ ମା' କହନ୍ତି – "True strength and protection come from the Divine Presence in the heart. If you want to keep this Presence constantly in you, avoid carefully all vulgarity in speech, behaviour and acts.

"Do not mistake liberty for license and freedom for bad manners: the thoughts must be pure and the aspiration ardent."

(26 February, 1965) (MCW, Vol. 12, p. 154)

''ହୃଦୟରେ ଅବସ୍ଥିତ ସେହି ପରମ ଦିବ୍ୟ ସାନ୍ନିଧ୍ୟଟିରୁହିଁ ଯଥାର୍ଥ ବଳ ଓ ସୁରକ୍ଷାର ଉଦ୍‌ଗମ ହୋଇଥାଏ । ଏହି

ସାନ୍ନିଧ୍ୟଟିକୁ ଯଦି ତୁମେ ସର୍ବଦା ନିଜ ମଧ୍ୟରେ ଧରି ରଖିବାକୁ ଇଚ୍ଛା କରୁଥାଅ, ତେବେ କହୁଥିବା କଥା, ବ୍ୟବହାର ଓ କର୍ମରେ ତୁମକୁ ଅତ୍ୟନ୍ତ ଯତ୍ନ ସହକାରେ ସକଳ ଅଶିଷ୍ଟତାକୁ ଏଡ଼ି କରି ରହିବାକୁ ପଡ଼ିବ ।

''ତୁମେମାନେ ସ୍ୱାଧୀନତାକୁ କଦାପି ସ୍ୱେଚ୍ଛାଚାରିତା ସହିତ ଏବଂ ସ୍ୱ-ଇଚ୍ଛାକୁ ମନ୍ଦ ଆଚରଣ ସହିତ ଏକାଠି ଗୋଳାଇ ମିଶାଇ ଦେବ ନାହିଁ । ତୁମର ଭାବନା ଅବଶ୍ୟ ଶୁଦ୍ଧ ଓ ଅଭୀପ୍ସା ଉଦ୍ଦୀପ୍ତ ହୋଇ ରହିଥିବ ।''

(ଫେବୃଆରୀ ୨୬, ୧୯୬୫)

ପିଲାଟି ତା'ର ଚତୁଃପାର୍ଶ୍ୱରେ ଯାହା ଦେଖେ, ଶୁଣେ ଓ ଅନୁଭବ କରେ, ସେସବୁ ତା'ର ଆଚରଣରେ ପ୍ରତିଫଳିତ ହୁଏ । ମାତାପିତା, ଗୁରୁଜନ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଆଚରଣ ଓ ଉଚ୍ଚାରଣର ପ୍ରଭାବ ତା' ଉପରେ ପଡ଼ିଥାଏ । ଶ୍ରୀମଦ୍ ଭଗବଦ୍‌ଗୀତାର ତୃତୀୟ ଅଧ୍ୟାୟ ୨୧ଶ ଶ୍ଳୋକରେ କୁହାଯାଇଛି –

''ଯଦ୍ ଯଦା ଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥''

ଅର୍ଥାତ୍, ଶ୍ରେଷ୍ଠ ମନୁଷ୍ୟ ଯାହା ଆଚରଣ କରନ୍ତି, ଅନ୍ୟ ମଣିଷମାନେ ତାହା ଆଚରଣ କରନ୍ତି । ସେ ଯାହାକିଛି ପ୍ରମାଣ କରି ଦିଅନ୍ତି, ଅନ୍ୟମାନେ ତଦନୁସାରେ ଆଚରଣ କରନ୍ତି । ଏହି ଅର୍ଥରେ ମହାଭାରତର ବନପର୍ବରେ କୁହାଯାଇଛି – ''ମହାଜନୋ ଯେନ ଗତଃ ସ ପନ୍ଥାଃ'' । ଅର୍ଥାତ୍, ମହାପୁରୁଷମାନଙ୍କ ଦ୍ୱାରା ଯେଉଁ ମାର୍ଗ ପ୍ରତିପାଦିତ ହୋଇଥାଏ, ସେହି ମାର୍ଗ ଯଥାର୍ଥ ହୋଇଥାଏ ଏବଂ ତାହାକୁ ଅନୁସରଣ କରିବା ଉଚିତ । ଯଜୁର୍ବେଦ କହେ – ''ଋତସ୍ୟ ପଥା ପ୍ରେତ ।'' ଅର୍ଥାତ୍, ସତ୍ୟ ପଥରେ ଚାଲ । ସତ କଥା କହିବା କେବଳ ସତ୍ୟକୁ ବୁଝାଏ ନାହିଁ । ଏହାର ପରିଭାଷା ଅନନ୍ତ ଓ ବ୍ୟାପକ । ଏପରିକି ଅସ୍ତେୟ, ଅହିଂସା, ଅପରିଗ୍ରହ, ସଚ୍ଚୋଟତା, ନିଷ୍ଠାପରତା, ବିଶ୍ୱସ୍ତତା, ସରଳତା, ନିଃସ୍ୱାର୍ଥପରତା, କୃତଜ୍ଞତା ଆଦି ସତ୍ୟର ଭିନ୍ନ ଭିନ୍ନ ରୂପ ଅଟେ । ବିଦ୍ୱେଷ ଦ୍ୱାରା କେବେ ବି ବିଦ୍ୱେଷ ପ୍ରଶମିତ ହୁଏନା, ବରଂ ବିଦ୍ୱେଷହୀନତା ଦ୍ୱାରାହିଁ ବିଦ୍ୱେଷ ପ୍ରଶମିତ ହୋଇଥାଏ । ଘୃଣା ନୁହେଁ, ପ୍ରେମ ଦ୍ୱାରାହିଁ ହୃଦୟକୁ ଜୟ କରାଯାଇପାରେ । ଯଜୁର୍ବେଦ କହେ – 'ଶ୍ରଦ୍ଧୟା ସତ୍ୟମାପ୍ୟତେ' । ଶ୍ରଦ୍ଧା ଦ୍ୱାରା ସତ୍ୟ ମିଳେ, ନିଜ ପ୍ରତି, ଅନ୍ୟ ପ୍ରତି, ବିଶ୍ୱପ୍ରକୃତି ଓ ସମଗ୍ର ମାନବ ସମାଜ ପ୍ରତି ସମାନ ଆକୁତି ଓ ସମାନ ହୃଦୟାନୁଭବ ରହିଲେ ଦିବ୍ୟସମାଜ ଗଠନର ସ୍ୱପ୍ନଟି ସାକାର ହୋଇପାରିବ ।

ସମାଜରେ ସଚ୍ଚା ମଣିଷଟିଏ ହେବାକୁ ହେଲେ ଆମେ ଆମର ନିତିଦିନିଆ ବ୍ୟବହାର ପ୍ରତି ସତର୍କ ଦୃଷ୍ଟି ରଖିବା ସର୍ବାଦୌ କର୍ତ୍ତବ୍ୟ । ଜାଣିବାରେ ହେଉ ବା ଅଜଣାରେ ହେଉ, ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ କାହା ପ୍ରତି ବିଦ୍ୱେଷ ଭାବ ନ ରଖିବା, କଥା, କାର୍ଯ୍ୟ ଓ ଚିନ୍ତାରେ କାହା ପ୍ରତି ଆଘାତ ନ ଆଣିବାହିଁ ସତ୍ୟର ଅନ୍ୟ ଏକ ରୂପ । ସୁତରାଂ ଯେଉଁ ଆଚରଣ ଅନ୍ତର ଭିତରୁ ଫୁଟି ଉଠେ, ସେହି ଆଚରଣହିଁ ସତ୍ୟ, ଶାନ୍ତି, ପ୍ରଗତି, ସଂଗତି ଓ ପ୍ରେମର ବାହକ ଅଟେ । ସେଥିପାଇଁ କୁହାଯାଇଛି –

''ନ କଶ୍ଚିତ୍ କସ୍ୟଚିନ୍ମିତ୍ରଂ ନ କଶ୍ଚିତ୍ କସ୍ୟଚିଦ୍ ରିପୁଃ ।
ବ୍ୟବହାରେଣ ଜାୟନ୍ତେ ମିତ୍ରାଣି ରିପବସ୍ତଥା ॥''

ଅର୍ଥାତ୍, ଜନ୍ମରୁ କେହି କାହାର ଶତ୍ରୁ ବା ମିତ୍ର ନଥା'ନ୍ତି । ବ୍ୟବହାର ଦ୍ୱାରା ଜଣେ ଅନ୍ୟର ଶତ୍ରୁ ବା ମିତ୍ର ହୋଇଥାଏ ।

ଆମ ଜୀବନର ଅବଧି କେବଳ କେତୋଟି ବର୍ଷ ମାତ୍ର । ଏହି ଜୀବନ କାଳରେ ଆମେ ମିତ୍ର ଅପେକ୍ଷା ଅଧିକ ଶତ୍ରୁକୁ ପୋଷି କରି ରଖିଥାଉ । କାମ, କ୍ରୋଧ, ଲୋଭ, ମୋହ, ପରଶ୍ରୀକାତରତା, ଈର୍ଷାପରାୟଣତା, ଶଠତା, କପଟତା, ଛଳନା, ପ୍ରତାରଣା ଆଦି ଶତ୍ରୁମାନେ ବାହ୍ୟ ଶତ୍ରୁ ଅପେକ୍ଷା ଅଧିକ ମାରାତ୍ମକ । ଏହି ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କରିବାର ଏକମାତ୍ର ପନ୍ଥା ହେଉଛି ଶରଣାଗତି ବା ପ୍ରପତ୍ତି । ମା' ଭଗବତୀଙ୍କ ଅଭୟ ଚରଣ ତଳେ ନିଜକୁ ପୂର୍ଣ୍ଣଭାବେ ଅର୍ପଣ କରିବା ଦ୍ୱାରା ଜଣେ ସୁରକ୍ଷିତ ରହିଥାଏ । ନିରନ୍ତର ସ୍ମରଣ ଓ ସମର୍ପଣ (Remember and Surrender) ଦ୍ୱାରା ଆମେ ଜୀବନ-ପଥରେ ସକଳ ଭୟ,ସଂକଟ ଓ ସର୍ବନାଶ ବିରୋଧରେ କବଚାବୃତ ହୋଇ ଚାଲିପାରିବା । ସେଥିପାଇଁ ପରା ମା' କହନ୍ତି – ''ତୁମେମାନେ ଯେତେବେଳେ ଖରାପ କଥା ଚିନ୍ତା କରୁଛ, କହୁଛ ଓ କରୁଛ ତାହା ମୋ ହୃଦୟରେ ଦାରୁଣ ଆଘାତ ଦିଏ ।'' ତେଣୁ ଆମେ ଏପରି କିଛି କରିବା ନାହିଁ କି ଆଚରଣରେ ପ୍ରକାଶ କରିବା ନାହିଁ ଯାହା ଆମକୁ ମା'ଙ୍କଠାରୁ ଦୂରେଇ ରଖିବ । ମା'ଙ୍କର କରୁଣା ପ୍ରତି ଆସ୍ଥା ରଖିବା । ସେ ଯେଉଁଥିପାଇଁ ଏଇ ଜୀବନ ଦେଇଛନ୍ତି, ସେହି ମହତ୍ ଉଦ୍ଦେଶ୍ୟର ଏକ ଦିବ୍ୟ ସାଧନ ରୂପେ ନିଜକୁ ପ୍ରସ୍ତୁତ

କରିବାହିଁ ଆମର ଏକମାତ୍ର ଲକ୍ଷ୍ୟ । ଅଥର୍ବ ବେଦରେ କୁହାଯାଇଛି –

''ସହୃଦୟଂ ସାଂମନସ୍ୟମବିଦ୍ୱେଷଂ କୃଣୋମି ବଃ
ଅନ୍ୟୋ ଅନ୍ୟମଭି ହର୍ଯ୍ୟତ ବତ୍ସଂ ଜାତମିବାଘ୍ନ୍ୟା ।''

ଅର୍ଥାତ୍, ''ତୁମେମାନେ ପରସ୍ପର ପ୍ରତି ବ୍ୟବହାର କାଳରେ ହୃଦୟରେ ଶୁଦ୍ଧଭାବ ତଥା ମନରେ ଶୁଭସଂକଳ୍ପ ଧାରଣ କରିବ ଏବଂ କଦାପି ପରସ୍ପର ଦ୍ୱେଷ କରିବ ନାହିଁ । ଜଣେ ମନୁଷ୍ୟ ଅନ୍ୟ ମନୁଷ୍ୟକୁ ଏପରି ସ୍ନେହ କରିବ ଯେପରି ଧେନୁ ନବଜାତ ବତ୍ସା ପ୍ରତି ସ୍ନେହଭାବ ଦେଖାଏ ।''

ସୁତରାଂ ଆମେ ଆତ୍ମଭାବ ନେଇ ଏପରି ଆଚରଣ କରିବା ଯାହା ପରିବେଶରେ ଆଲୋକ ବିକିରଣ କରିବା ସହ ଭବିଷ୍ୟ ଦିଶାଗୁଡ଼ିକୁ ଉଦ୍ଭାସିତ କରିବ । ❑

## ପ୍ରକୃତି ନିର୍ଦୟ ନୁହେଁ, ନିର୍ଲିପ୍ତ

ଜଣେ ରାଜପୁତ୍ର ଏକୁଟିଆ ବୁଲୁ ବୁଲୁ ଅଜାଣତରେ ଅଗନାଅଗନି ଜଙ୍ଗଲ ଭିତରକୁ ପଶିଗଲେ ଓ ଫେରିବାକୁ ବାଟ ପାଇଲେ ନାହିଁ । ଜଙ୍ଗଲ ବା ପାହାଡ଼ ଆଦି ଦୂରରୁ ଭଲ ଦିଶୁଥିଲେ ସୁଦ୍ଧା ପାଖକୁ ଆସିଲେ ସେମାନଙ୍କ ବନ୍ଧୁର ବାସ୍ତବତାର କଥା ଜଣାପଡ଼େ । ଅଗତ୍ୟା ରାଜକୁମାର ଦୁଇ ଦିନ ବଣ ଭିତରେ କୌଣସିମତେ ବିତାଇ ସାରିବା ପରେ ପ୍ରାଣ ରଖି ବଞ୍ଚି ରହିବାର ଆଶା ଛାଡ଼ିଦେଲେ । କିନ୍ତୁ ଭାଗ୍ୟରେ ଥିଲା ବୋଲି ତାଙ୍କୁ ଦେଖିଲେ କିଛି ବନବାସୀ ଯୁବକ । ସେମାନେ ତାଙ୍କୁ ନେଇ ଜଙ୍ଗଲରେ ଆଶ୍ରମ କରି ରହିଥିବା ଜଣେ ସାଧୁଙ୍କ ହେପାଜତରେ ଛାଡ଼ିଲେ । ଭୟ, କ୍ଲାନ୍ତି ଓ କ୍ଷୁଧାରେ ମୃତପ୍ରାୟ ରାଜକୁମାରଙ୍କୁ ସାଧୁଙ୍କ ଶିଷ୍ୟମାନେ ସେବା କରିବା ପରେ ସେ ଭଲ ହେଲେ ।

ପରଦିନ ସାଧୁଙ୍କୁ କୃତଜ୍ଞତା ଜଣାଇବା ସହିତ ରାଜପୁତ୍ର ପଚାରିଲେ – ମହାତ୍ମା, ପ୍ରକୃତି ଏତେ ନିର୍ଦୟ କାହିଁକି ?

ସାଧୁ ହସିଲେ ଓ କହିଲେ – ବାବୁ, ପ୍ରକୃତି ନିର୍ଦୟ ନୁହେଁ । ତାହା କେବଳ ନିର୍ଲିପ୍ତ । ପ୍ରକୃତି ମଧ୍ୟ ନିରପେକ୍ଷ । ସେ କାହାର ପକ୍ଷଭୁକ୍ତ ହୋଇ ନଥାଏ । ସୂର୍ଯ୍ୟଙ୍କ ଆଲୋକ ରାଜା ଓ ରଙ୍କ ସମସ୍ତଙ୍କ ଲାଗି ସମାନ ହୋଇଥାଏ । ନିଆଁ ସମସ୍ତଙ୍କୁ ପୋଡ଼ିଦିଏ । କିନ୍ତୁ ନିଆଁଠାରେ କ୍ରୋଧ ବା ପ୍ରତିଶୋଧର ଭାବ ନଥାଏ । ପୋଡ଼ି ଦେବା କେବଳ ତା'ର ସ୍ୱଭାବ । ନିଆଁ ନିର୍ଦୟ ନୁହେଁ ।

ଦ୍ୱିତୀୟ କଥା ହେଲା, ଯିଏ ସମର୍ଥ ସେ ପ୍ରକୃତିର ବରଦାନ ମଧ୍ୟ ଲାଭ କରିପାରେ; ପ୍ରକୃତି କାହାକୁ ମନା କରେ ନାହିଁ କି କାହା ଲାଗି ଅଧିକ ସୁବିଧାର ବ୍ୟବସ୍ଥା କରେ ନାହିଁ । ଶବର ଯୁବକ ଗଛ ଚଢ଼ିପାରେ ବୋଲି ଫଳ ଖାଇ ବଞ୍ଚି ରହିବ; ତୁମେ ରାଜପୁତ୍ର ହେଲେ ସୁଦ୍ଧା ସେହି ସାମର୍ଥ୍ୟ ନଥିଲେ କ୍ଷୁଧାରେ ରହିବ । ପ୍ରକୃତିର ବ୍ୟବସ୍ଥା ନେଇ ରାଜପୁତ୍ରଙ୍କ ଧାରଣା ବଦଳି ଯାଇଥିଲା ।

(ସଂଗୃହୀତ)

# ଦିବ୍ୟକୃପା
## ପ୍ରସାଦ ତ୍ରିପାଠୀ

ଦିବ୍ୟକୃପାର ଅନୁଭବ ଆମ ସମସ୍ତଙ୍କର ଅଛି । ଅଳ୍ପ ବହୁତେ ସମସ୍ତେ କଥା ପଡ଼ିଲେ ଦିବ୍ୟକୃପା କଥା ନିଜ ଅଭିଜ୍ଞତାରୁ କହି ବସନ୍ତି । ସେ ଅନୁଭବ ପ୍ରଚୁର । ବେଳେବେଳେ ଲାଗେ ଦିବ୍ୟକୃପା ପ୍ରକୃତରେ ଅଦ୍ଭୁତ । କେତେବେଳେ ଯେ ନଥାଏ ତାହା କହିହେବ ନାହିଁ । ଦିବ୍ୟକୃପା ପ୍ରତି ମୁହୂର୍ତ୍ତରେ ଆମକୁ ଘେରି ରହିଥାଏ; ଆମ ଉପରେ ବର୍ଷୁଥାଏ ଏବଂ ଆମକୁ ନିରାପଦରେ ଆମ ମାର୍ଗରେ ଅଗ୍ରଗତି କରାଇ ନେଉଥାଏ । କେହି କେହି ଅନୁଭବ ତ ନିଶ୍ଚୟ କରନ୍ତି ଆଉ କେହି କିଛି ଗୋଟାଏ ଘଟିଲା ପରେ ଅନୁଭବ କରନ୍ତି । ଆଉ କେହି କେହି ଅଭିମାନ କରନ୍ତି ଏବଂ ଅଭିଯୋଗ କରନ୍ତି, ତାଙ୍କୁ କାଳେ ଦିବ୍ୟକୃପା ମିଳିଲା ନାହିଁ ।

ମାତ୍ର ଦିବ୍ୟକୃପା ନମିଳିବାର ପ୍ରଶ୍ନ ନାହିଁ । ଏଥିପାଇଁ ତ ଦରଖାସ୍ତ କରିବାକୁ ପଡ଼େ ନାହିଁ । ଦରଦାମ କିଛି ନାହିଁ । ଜ୍ଞାନ ଗରିମା ଦରକାର ନାହିଁ । ସର୍ବନିମ୍ନ ଯୋଗ୍ୟତା କିଂବା ଚରିତ୍ର ପ୍ରମାଣପତ୍ର କିଛି ଦରକାର ନାହିଁ । ବଡ଼, ଛୋଟ, ଜ୍ଞାନୀ, ମୂର୍ଖ ସମସ୍ତଙ୍କ ପାଇଁ ଦିବ୍ୟକୃପା ଅବାରିତ ଧାରାରେ ବର୍ଷୁଥାଏ । ନିଜର ସାମର୍ଥ୍ୟମତେ ସଂଗ୍ରହ କରିବାକୁ ହେବ । ବଜାରରେ ମିଳୁଛି – ମୁକ୍ତରେ ମିଳୁଛି – ଆମକୁ ଆଣିବାକୁ ହେବ । ଯଦି ସାଙ୍ଗରେ ବ୍ୟାଗ୍‌ଟିଏ ନାହିଁ ଅଥବା ଥଳିଟିଏ ନାହିଁ ତେବେ ଆଣିବା କିପରି ? ଅର୍ଥାତ୍ ଯଦି ଆମର ଗ୍ରହଣଶୀଳତା ନାହିଁ ଏବଂ ଆମେ ଗୋଟିଏ ଉତ୍ତମ ବାହକ ହୋଇ ନାହୁଁ ତେବେ ଆଣିବୁ କିପରି ? ମାତ୍ର ତଥାପି ଖରାରେ ବୁଲିଲେ ସୂର୍ଯ୍ୟଙ୍କ କିରଣ କିଂବା ବର୍ଷାରେ ବୁଲିଲେ, ବର୍ଷାଜଳରେ ଭିଜିବା ଏକଦମ୍ ସ୍ୱାଭାବିକ । ଏ କଥା ଯିଏ ଅନୁଭବ କରିପାରୁ ନଥିବ, ଅର୍ଥାତ୍ ଖରାରେ ବୁଲିଲେ ସୂର୍ଯ୍ୟଙ୍କ କିରଣ କିଂବା ବର୍ଷାରେ ଭିଜିବା ଯଦି ଜଣେ ଜାଣି ପାରୁନି ତେବେ ତାକୁ କ'ଣ କହିହେବ ? ଏସବୁ ଗଲା ଅନୁଭବର କଥା । ମାତ୍ର ଦିବ୍ୟକୃପା ଖାଲି ଅନୁଭବ ନୁହେଁ, ଏହାକୁ ଦେଖିହେବ । କୃପା କାର୍ଯ୍ୟ କରୁଛି ଏକଥା ସ୍ୱଚକ୍ଷୁରେ ଦେଖି ଜାଣି ହେବ ।

୨୦୧୨ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ମାତୃଭବନରେ ଅନୁଷ୍ଠିତ ହେବା ଅବକାଶରେ ପରବର୍ତ୍ତୀ ମହିଳା ସମ୍ମିଳନୀ ମାଲ୍‌କାନ୍‌ଗିରି ଜିଲ୍ଲାରେ ଅନୁଷ୍ଠିତ ହେବା ପାଇଁ ଘୋଷଣା କରାଗଲା । ସେଠାରୁ ଟିକି ଏବଂ ଡଲି ଆସି ସମସ୍ତଙ୍କୁ ନିମନ୍ତ୍ରଣ କଲେ । ସମର୍ପଣ ଜୋନ୍‌ରେ ମହିଳା ପାଠଚକ୍ରର କାର୍ଯ୍ୟକ୍ରମ ସବୁ ଜୋନ୍‌ଠାରୁ ଭିନ୍ନ । ଅବିଭକ୍ତ କୋରାପୁଟ – ଅର୍ଥାତ୍ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲ୍‌କାନ୍‌ଗିରି ସହିତ କଳାହାଣ୍ଡି ମିଶି କରି ସମର୍ପଣ ଜୋନ୍ ଗଠିତ । ଏହି ପାଞ୍ଚଟି ଜିଲ୍ଲାରେ କୌଣସିଠାରେ ମହିଳା ପାଠଚକ୍ରର କିଛି ବି କାର୍ଯ୍ୟକ୍ରମ ହେଲେ ପାଞ୍ଚଟି ଜିଲ୍ଲାର ମହିଳା କର୍ମୀମାନେ ଏବଂ ଅନ୍ୟ ସଙ୍ଗଠକମାନେ ଏକାଠି ହୋଇଯା'ନ୍ତି । ମୁଖ୍ୟ ହେଲେ ରାୟଗଡ଼ାର ସଂଯୁକ୍ତା ଅପା, ନବରଙ୍ଗପୁରର ସଙ୍ଗୀତା ଅପା, କୋରାପୁଟର ସନ୍ତୋଷୀ ଅପା ଓ ମେରୀ ଅପା, କଳାହାଣ୍ଡି ଜିଲ୍ଲାର କଳ୍ପନା ଅପା ଏବଂ ମାଲ୍‌କାନ୍‌ଗିରି ଜିଲ୍ଲାର ଟିକି ଅପା ଓ ଡଲି ଅପା । ସମସ୍ତେ ଅନୁଭବ କରନ୍ତି କାମଟି ତାଙ୍କର । ତେଣୁ ଏକଦମ୍ ପ୍ରାଣ, ମନ ଦେଇ ଲାଗି ପଡ଼ନ୍ତି । ଏପରି ପ୍ରସ୍ତୁତି ଏବଂ ଆୟୋଜନ ଅନ୍ୟ କୌଣସି ଜୋନ୍‌ରେ ପ୍ରାୟତଃ ଦେଖିବାକୁ ମିଳେ ନାହିଁ । ମାଲ୍‌କାନ୍‌ଗିରିରେ ସମ୍ମିଳନୀ କରିବା ପାଇଁ ମୁଖ୍ୟତଃ ଏଇ ଅପାମାନେ ବେଶୀ ଆଗ୍ରହ ପ୍ରକାଶ କଲେ । ସିଦ୍ଧାନ୍ତ ହେଲା ଏବଂ ପ୍ରସ୍ତୁତି ଆରମ୍ଭ ହେଲା ।

ମାଲ୍‌କାନ୍‌ଗିରି ଜିଲ୍ଲାର ଅନ୍ୟସବୁ ସ୍ଥାନ ଅପେକ୍ଷା ବାଲିମେଳାଠାରେ ସ୍ଥାନ ଅଧିକ ପ୍ରକୃଷ୍ଟ । ମାଲ୍‌କାନ୍‌ଗିରିଠାରେ ପାଠଚକ୍ର ଥିଲେ ମଧ୍ୟ ନିଜର ଜାଗା, ଘର ପ୍ରଭୃତି ନାହିଁ; ମାତ୍ର ବାଲିମେଳାଠାରେ ପାଠଚକ୍ରର ନିଜର ଗୃହ, ଏକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ବେଶ୍ କେତୋଟି ପାଠଚକ୍ର ସହିତ କିଛି ସକ୍ରିୟ କର୍ମୀ ଅଛନ୍ତି । ପ୍ରଥମେ ଆଲୋଚନା ହୋଇ ବାଲିମେଳାଠାରେ ସମ୍ମିଳନୀ କରିବା ପାଇଁ ସିଦ୍ଧାନ୍ତ ନିଆଗଲା । ତା'ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଆଉ ଗୋଟିଏ ବୈଠକ ବସିଲା । ମାଲ୍‌କାନ୍‌ଗିରି ଜିଲ୍ଲାର ବାଲିମେଳା – ଜୟପୁରଠାରୁ ମାଲ୍‌କାନ୍‌ଗିରି ଯିବାବେଳେ ବାଟରେ ପଡ଼େ ଗୋବିନ୍ଦପାଲି । ସେଠାରୁ ବାମ ଦିଗରେ ଭାଙ୍ଗିଯିବାକୁ ପଡ଼େ । ଗୋବିନ୍ଦପାଲି ଠାରୁ ମାଲ୍‌କାନ୍‌ଗିରି ଏବଂ ବାଲିମେଳା ସମାନ ବାଟ, ପ୍ରାୟ

୫୦ କି.ମି. । ମାତ୍ର ମାଲ୍‌କାନ୍‌ଗିରି ଏବଂ ବାଲିମେଳା ମଧ୍ୟରେ ଦୂରତ୍ୱ ୩୦ କି.ମି. । ତେବେ ଯାହାହେଉ ଓଡ଼ିଶାରେ ଯେଉଁ ଆଡ଼କୁ ଗଲେ ମଧ୍ୟ ମାଲ୍‌କାନ୍‌ଗିରି ଜିଲ୍ଲା ଶୁଣୁ ଶୁଣୁ ସମସ୍ତେ ଆଖି ବଡ଼ ବଡ଼ କରି ଚାହାନ୍ତି । ସେଠାରେ ମାଓବାଦୀମାନଙ୍କ ଆତଙ୍କ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଭୟର କାରଣ । କେହି କିଛି ବୁଝୁ ବା ନବୁଝୁ ମାଲ୍‌କାନ୍‌ଗିରି ଶୁଣିଲେ ଛାନିଆଁ । ମାତ୍ର ସେଠାରେ ବି ଲୋକ ରହୁଛନ୍ତି, ସବୁ ଅଫିସ କଚେରି ଚାଲିଛି । ତଥାପି ରାଜ୍ୟସ୍ତରୀୟ ସମ୍ମିଳିନୀ ସେଠାରେ ହେବ – ଏ କଥା ଭାବିଲାବେଳକୁ ସମସ୍ତଙ୍କ ଚକ୍ଷୁ ମଥା ଉପରକୁ ଉଠିଯାଏ । ଆମ୍ଭେମାନେ ଯେଉଁମାନେ ଏଥିରେ ସଙ୍ଗଠନ କାର୍ଯ୍ୟ କରୁଥିଲୁ ସେମାନଙ୍କ ମଧ୍ୟରେ ମଧ୍ୟ କିଛି ସୁପ୍ତ ଭୟ ଯେ ନଥିଲା ସେ କଥା କହିହେବ ନାହିଁ । ତଥାପି ବରାବର ସେଠାକୁ ଯାଇ ସେ ଭୟ ଭାଙ୍ଗିଗଲା । ପ୍ରଥମ ଆବଶ୍ୟକତା ଥିଲା ସ୍ଥାନଟି ସ୍ୱାଭାବିକ, ଅର୍ଥାତ୍ କଟକ, ପୁରୀ, ବାରିପଦା ବା ଢେଙ୍କାନାଳ ଭଳି ଲାଗିବ, ସ୍ୱଚ୍ଛନ୍ଦ ଲାଗିବ ଏବଂ ଅଧିକ ସ୍ୱଚ୍ଛନ୍ଦ ଲାଗିବ ସିନା, କୌଣସି ଅସ୍ୱାଭାବିକ ଲାଗିବ ନାହିଁ ।

ତା'ପରେ ଅନ୍ୟାନ୍ୟ କାର୍ଯ୍ୟ । ସ୍ଥାନ ପ୍ରସ୍ତୁତି, ପ୍ରତିନିଧିମାନଙ୍କ ପାଇଁ ବ୍ୟବସ୍ଥା, ଅତିଥିମାନଙ୍କ ପାଇଁ ବ୍ୟବସ୍ଥା, ଭୋଜନ ବ୍ୟବସ୍ଥା, ରୋଷାଇ ବ୍ୟବସ୍ଥା, ସଭାସ୍ଥଳ ପ୍ରଭୃତି ସବୁ ବିଷୟରେ ସିଦ୍ଧାନ୍ତ ହୋଇ ଗଲାପରେ ସବାଶେଷରେ ଅର୍ଥ ସଂଗ୍ରହ । ଯଦି ଦୁଇ ବା ଅଢ଼େଇ ହଜାର ପ୍ରତିନିଧି ଆସନ୍ତି ତେବେ ଯେତିକି ଖର୍ଚ୍ଚ ହେବ, ସେ ଅର୍ଥ କେଉଁଠାରୁ ସଂଗ୍ରହ ହେବ ଏବଂ ରାଜ୍ୟସ୍ତରର ରାଜନୈତିକ ବ୍ୟକ୍ତିମାନଙ୍କୁ କିଂବା ଶାସନରେ ଥିବା ପ୍ରଶାସକମାନଙ୍କୁ ଡକାଯିବ କି ନାହିଁ । ଅନେକ ଆଲୋଚନା ତଥା ପରାମର୍ଶ ପରେ ପ୍ରାୟତଃ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ସହିତ ସମ୍ପୃକ୍ତ ଥିବା କିଂବା ସରକାରୀ ସ୍ତରରେ ଆମ ଅନୁଷ୍ଠାନମାନଙ୍କ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ସ୍ଥିର କରାଗଲା ।

ଜୟପୁର, ରାୟଗଡ଼ା, ଦାମନଯୋଡ଼ି, ମାଲ୍‌କାନ୍‌ଗିରି ଏବଂ ବାଲିମେଳାର ଅପାମାନେ ବୁଲି ବୁଲି ମାଲ୍‌କାନ୍‌ଗିରି ଜିଲ୍ଲାର ସବୁ ବ୍ଲକ୍ ଏବଂ ଗ୍ରାମାଞ୍ଚଳକୁ ଯାଇ ମହିଳା ପାଠଚକ୍ର, ମହିଳା ସମ୍ମିଳନୀ ପ୍ରଭୃତି ସମ୍ପର୍କରେ ସଚେତନତା ସୃଷ୍ଟି କଲେ ।

ପ୍ରବଳରୁ ପ୍ରବଳତର ଆଗ୍ରହ ପ୍ରକାଶ ପାଇଲା । ବାଲିମେଳା ଏବଂ ମାଲ୍‌କାନ୍‌ଗିରିର ଅଧିକାଂଶ ଅପା ଏବଂ ଭାଇମାନେ ଲାଗିପଡ଼ିଲେ ।

କେବଳ ଅର୍ଥର ବ୍ୟବସ୍ଥା ବ୍ୟତୀତ ଅନ୍ୟାନ୍ୟ ସମସ୍ତ କିଛି ଚାଲୁଥାଏ । ଅର୍ଥ ସଂଗ୍ରହ ପାଇଁ ବିଭିନ୍ନ ସ୍ଥାନକୁ ରସିଦ ବହି ପଠା ଯାଇଥାଏ । ମାତ୍ର କେବଳ ବିଶ୍ୱାସ ଥାଏ ମା'ଙ୍କ ଉପରେ । ନିଶ୍ଚୟ ଆବଶ୍ୟକ ଅନୁସାରେ ଅର୍ଥ ମିଳିବ ।

ଏହିପରି ଭାବେ କାର୍ଯ୍ୟ ଚାଲିଲା । ମଝିରେ ମଝିରେ ବାଲିମେଳାରୁ ଚିକି, ଡଲି, ସନ୍ତୋଷୀ ଅପାଙ୍କ ସହିତ ଭାଇମାନେ କଟକରେ ପହଞ୍ଚି ଯାଆନ୍ତି । କେତେବେଳେ କାହାକୁ ସାକ୍ଷାତ୍ କରିବାକୁ ହେବ, କାହାଠାରୁ ବିଜ୍ଞାପନ, କାହାଠାରୁ ବାଣୀ, କାହାକୁ ନିମନ୍ତ୍ରଣ – ଏମିତି କାମରେ ବରାବର ଆସନ୍ତି । ସବୁଥର ଫେରିଲା ବେଳେ କହିଦେଇ ଯିବେ ''ଭାଇ, ସବୁ ହେଉଛି, ହେଲେ ଅର୍ଥ ଏପର୍ଯ୍ୟନ୍ତ ଆସି ନାହିଁ । ଯାହା ଆମେ ପାଉଛୁ ସେସବୁ ପ୍ରାୟ ଆମର ଏମିତି ଯିବା-ଆସିବାରେ ଖର୍ଚ୍ଚ ହୋଇ ଯାଉଛି ।'' ତାଙ୍କୁ ପୂର୍ଣ୍ଣ ଭରସା ଦିଆଯାଏ – ଅପେକ୍ଷା କର, ପ୍ରତ୍ୟେକ ଥର ଏମିତି ଶେଷ ମୁହୂର୍ତ୍ତରେ ଅର୍ଥ ମିଳେ । ତୁମକୁ ବି ମିଳିବ ।

ଅତିଥିମାନେ କିଏ କେଉଁଠାରୁ କେତେବେଳେ ଆସିବେ, କେଉଁଠି ଓହ୍ଲାଇବେ, ସେଠାରୁ ତାଙ୍କୁ କିଏ ସାଙ୍ଗରେ ଆଣିବେ, କେଉଁଠାରେ ଛାଡ଼ିବେ ପ୍ରଭୃତି ସବୁକିଛି ବ୍ୟବସ୍ଥା ହୋଇଥାଏ । ପ୍ରତିନିଧିମାନେ ମଧ୍ୟ ଅଧିକାଂଶ ଟ୍ରେନ୍‌ରେ ଆସିବାର ବ୍ୟବସ୍ଥା ଥାଏ ।

ବାଲିମେଳାଠାରେ ସ୍କୁଲର ଚତୁଃପାର୍ଶ୍ୱ ଏକଦମ୍ ଅରମା ହୋଇ ପଡ଼ିଥାଏ । ସେଠାରେ ଆଗରୁ ଗୋଟିଏ ସ୍ଥାନରେ ଭବିଷ୍ୟତରେ ସମାଧି ମନ୍ଦିର ହେବା ପାଇଁ ଶୁଭ ଦିଆ-ଯାଇଥାଏ । ତା'ର ଚତୁର୍ଦ୍ଦିଗରେ ଯେଉଁ ଜାଗା ତାକୁ ସଫା କରି ସଭା ସ୍ଥାନ, ଭୋଜନ ସ୍ଥାନ, ମାର୍ଚ୍ଚପାଷ୍ଟ ପାଇଁ ସ୍ଥାନ ତଥା ରୋଷାଇ ପ୍ରଭୃତି ସ୍ଥାନ ପାଇଁ ପ୍ରସ୍ତୁତ କରାଯିବା ଦରକାର । ମହିଳା ପ୍ରତିନିଧିମାନେ ପ୍ରାୟତଃ ସମସ୍ତେ ସ୍କୁଲ ଭିତରେ ରହିବାର ବ୍ୟବସ୍ଥା କରାଯାଇଥିଲା ଏବଂ ପୁରୁଷ ପ୍ରତିନିଧିମାନଙ୍କ ପାଇଁ ସ୍ଥାନୀୟ ଦୁଇଟି ସରକାରୀ ସ୍କୁଲ ଏବଂ ଗେଷ୍ଟ ହାଉସ୍ ନିଆଯାଇଥିଲା । ଯିଏ ଯେଉଁ ସ୍ଥାନରେ ଯେଉଁ ଦାୟିତ୍ୱରେ ଥିଲେ ସମସ୍ତେ ସତର୍କ, ଯେପରି କିଛି ଅସୁବିଧା ନହୁଏ ।

ଶେଷରେ ବହୁ ପ୍ରତୀକ୍ଷିତ ଜାନୁଆରୀ ୨୪ ତାରିଖ ପହଞ୍ଚିଗଲା । ଆମ୍ଭେମାନେ ଗୋଟିଏ ଗାଡ଼ିରେ କଟକରୁ ସିଧା ବାଲିମେଳା ଯାଇ ୨୩ ତାରିଖ ପୂର୍ବାହ୍ନ ସୁଦ୍ଧା ପହଞ୍ଚି ଯାଇଥାଉ ।

ଗୋଟିଏ ଦିନ ଆଗରୁ ପହଞ୍ଚିଲେ ସମସ୍ତଙ୍କୁ କିଛି ସାହାଯ୍ୟ କରିହେବ, ଏଇ ଉଦ୍ଦେଶ୍ୟରେ ଆମେ ଯାଇଥାଉ ।

ମାତ୍ର ପହଞ୍ଚି ଯାଇ ଯାହା ଦେଖିଲୁ — ନିଜ ଆଖିକୁ ବିଶ୍ୱାସ କରିପାରିଲୁନି । ଅଳ୍ପଦିନ ତଳେ ଯାହାସବୁ ଚିନ୍ତାର ବିଷୟ ଥିଲା ସେସବୁ ଏବେ କେବଳ ଆନନ୍ଦର ସମ୍ଭାର ହୋଇ ଯାଇଛନ୍ତି । ବାଲିମେଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଞ୍ଚଳଟି ସମ୍ପୂର୍ଣ୍ଣ ଏକ ସ୍ୱର୍ଗ ଭଳି ଲାଗୁଥାଏ । ଅନେକ କର୍ମୀ ଲାଗିଥା'ନ୍ତି । ନିଜ ଆଖିକୁ ବିଶ୍ୱାସ କରି ହେଉ ନଥାଏ । ପୂରା ଗେଟ୍ ପାଖରୁ ସଭାମଣ୍ଡପ ଯାଏ ସବୁ ଅଞ୍ଚଳରେ ଏକ ଗଭୀର ତଥା ଶାନ୍ତ ବାତାବରଣର ଅନୁଭବ ହେଉଥାଏ । ବାତାବରଣରେ ପ୍ରବଳ ଆନନ୍ଦ ଏବଂ ଉଚ୍ଛ୍ୱାସର ଅନୁଭବ । ସମସ୍ତ କର୍ମୀଙ୍କ ମୁଖମଣ୍ଡଳ ଆନନ୍ଦରେ ପରିପୂର୍ଣ୍ଣ । ମାତ୍ର କେତୋଟି ଦିନରେ ଏପରି ସମ୍ଭବ ହୋଇପାରେ ! ଶୁଣିଥିଲି, ବାଲିମେଳାରେ ଟେଣ୍ଟହାଉସ୍ କେହି ନାହାନ୍ତି । ଯଦି ଥିବେ ମାଲ୍‌କାନ୍‌ଗିରିରେ ନଚେତ୍ ଜୟପୁରରୁ ଆସିବାକୁ ହେବ । ମାତ୍ର ଯେଉଁଠାରୁ ଆସନ୍ତୁ ପଛେ ସଜାସଜିରେ କଟକ ଭୁବନେଶ୍ୱରଠାରୁ କୌଣସି ଗୁଣରେ ଊଣା ନୁହେଁ । ସୁନ୍ଦର ଭାବରେ କେତୋଟି ଷ୍ଟଲ୍ ମଧ ଥାଏ । ଭୋଜନଶାଳା, ରୋଷାଇଶାଳ ଏବଂ ପ୍ରତିନିଧିମାନଙ୍କର ରହିବା ସ୍ଥାନ ପ୍ରଭୃତି ସବୁକିଛି ଅପୂର୍ବ । କେତୋଟି ସମ୍ପୂର୍ଣ୍ଣ ନୂଆ ଶୌଚାଳୟ ମଧ ତିଆରି ହୋଇଥାଏ । ପାନୀୟ ଜଳର ପ୍ରଚୁର ବ୍ୟବସ୍ଥା । ବିଦ୍ୟୁତ୍ ତ ସେଠାରେ ପ୍ରଚୁର, ସେଥିପାଇଁ ଚିନ୍ତା ନାହିଁ । ସବୁକିଛି ପ୍ରାଚୁର୍ଯ୍ୟରେ ଭରପୂର । ଏହା ସହିତ କର୍ମୀମାନଙ୍କର ପ୍ରଚେଷ୍ଟା, ସହଯୋଗ, କର୍ମପଟୁତା ପ୍ରଭୃତି ସବୁକିଛି ଏକଦମ୍ ସ୍ୱତନ୍ତ୍ର । ମୋ ଭିତରେ ମା'ଙ୍କ ଦିବ୍ୟ ଉପସ୍ଥିତି ତଥା ତାଙ୍କର କୃପା ପ୍ରତି ଅହରହ କୃତଜ୍ଞତା ପ୍ରକାଶ ପାଉଥାଏ ।

ଆବଶ୍ୟକ ପରିମାଣଠାରୁ ଯଥେଷ୍ଟ ଅଧିକ ଅର୍ଥ ସହିତ ବିଭିନ୍ନ ପ୍ରକାରର ଦ୍ରବ୍ୟ ମଧ ସାହାଯ୍ୟରେ ମିଳିଲା । ବାଲିମେଳା ସହରର ଅଧିକାଂଶ ଘରୁ ପ୍ରତିନିଧିମାନଙ୍କ ସହିତ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମିଶି ସର୍ବମୋଟ ୨୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଲେ । ଅତ୍ୟନ୍ତ ନିର୍ବିଘ୍ନରେ ତିନି ଦିନର ସମସ୍ତ କାର୍ଯ୍ୟ ସମାପ୍ତ ହେଲା । ୨୬ ତାରିଖ ସନ୍ଧ୍ୟାରେ ସର୍ବଶେଷରେ ଆସ୍ପୃହାର ବହ୍ନି ପ୍ରଜ୍ୱଳିତ ହୋଇ ସମ୍ମିଳନୀର ଉଦ୍‌ଯାପନ ଘୋଷଣା କରାଗଲା । ମାତ୍ର ତା'ରି ମଧ୍ୟରେ ଗୋଟିଏ ଘଟଣା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ।

ସମ୍ମିଳନୀର ଦ୍ୱିତୀୟ ଦିନ, ଅର୍ଥାତ୍ ୨୫ ତାରିଖ ସକାଳେ ସ୍କୁଲ ହତା ମଧ୍ୟରେ କୌଣସି ସ୍ଥାନରେ ଗୋଟିଏ ବୋମା ଆବିଷ୍କୃତ ହେଲା । ଖୁବ୍ ଅଳ୍ପ କେତେଜଣ (୪/୫ ଜଣ) ତାକୁ ଦେଖିଲେ ଏବଂ ସମସ୍ତଙ୍କ ଅଗୋଚରରେ ପୋଲିସ ଡକାଇ ତାକୁ ସେଠାରୁ ସ୍ଥାନାନ୍ତର କରିଦେଲେ । ବାଲିମେଳାରେ ଯେଉଁ ଗୋଟିକ ଭୟ ଥିଲା ତା' ହେଲା ମାଓବାଦୀମାନେ କାଳେ କୌଣସି ସମସ୍ୟା ସୃଷ୍ଟି କରିବେ । ସେତିକି ମାତ୍ର ଯଦି ଖବର ମିଳିଲା ତେବେ ସମଗ୍ର ସମ୍ମିଳନୀରେ ଗୋଟିଏ ବଡ଼ ଧରଣର ବିଭ୍ରାଟ ଘଟିବ । ତେଣୁ ବୋମା ଫୁଟୁ କି ନଫୁଟୁ ଖାଲି ମିଳିଛି ବୋଲି ଖବର ପାଇଲେ ମଧ ସମସ୍ତଙ୍କ ଭିତରେ ଗୋଟିଏ ଆତଙ୍କ ଖେଳିଯିବ ଏବଂ କାଳେ ଆଉ କେଉଁଠାରେ ଥିବ ବୋଲି ସମସ୍ତେ ଭୟରେ କାତର ହୋଇ ପଡ଼ିବେ — ପୂରା ସମ୍ମିଳନୀ ବିଭ୍ରାଟ ହୋଇଯିବ । ସେଥିପାଇଁ ଯେଉଁମାନେ ଦେଖିଥିଲେ ସେମାନଙ୍କ ମଧ୍ୟରୁ ଜଣେ ସ୍କୁଲ ବାହାରକୁ ଯାଇ ମୋତେ ଫୋନ୍‌ରେ ଜଣାଇ ଦେଲେ ଏବଂ ଏକଥା ପ୍ରଘଟ ହେଲେ ଅସୁବିଧା ହେବ, ତେଣୁ କାହାରିକୁ ନକହିବାକୁ ଅନୁରୋଧ କଲେ । କହିବା ବାହୁଲ୍ୟ, ମୋତେ ଯଦିଓ ପ୍ରଥମେ ଟିକିଏ ଖଟ୍‌କା ଲାଗିଲା ତେବେ ସାଙ୍ଗେ ସାଙ୍ଗେ ପୁଣି ସ୍ୱାଭାବିକ ଲାଗିଲା । ତଥାପି ଏକଥା ଜାଣିଲା ପରେ କାହାରିକୁ ନକହିବାଟା ମୋ ମଧ୍ୟରେ ଏକ କଷ୍ଟକର ବ୍ୟାପାର ଭଳି ଲାଗିଲା । ତୁରନ୍ତ ଅନ୍ତତଃ ଜଣେ ବା ଦୁଇ ଜଣଙ୍କୁ କହିଦେଲେ ମୁଁ ଟିକେ ଆଶ୍ୱସ୍ତ ହେବି — ଏଇ ଅଭିପ୍ରାୟରେ ଅପେକ୍ଷା କଲି । ପ୍ରାୟ ୪ଟା ବେଳକୁ ପ୍ରଥମେ ଜଣଙ୍କୁ କହିଲି । ସେ ଖବରକାଗଜ ପଢୁଥିଲେ । ମୁଁ ଯେମିତି କହିଲି, ଆଜି ସକାଳେ ସ୍କୁଲ ହତା ଭିତରୁ ଗୋଟିଏ ବୋମା ମିଳିଛି ଜାଣିଛ ? ସେ ସେମିତି ଖବରକାଗଜ ପଢୁ ପଢୁ ଉତ୍ତର ଦେଲେ, ହଁ, ମୁଁ ଶୁଣିଛି । ତାଙ୍କ ନିକଟରୁ ଆସି ଆଉ ଜଣକୁ କହିଲି, ବୋମା କଥା ଶୁଣିଛ ? ସେ କହିଲେ, ହଁ, ସେ କଥା ପୁରୁଣା ହେଲାଣି । ପୁଣି ତୃତୀୟଙ୍କୁ କହିଲି — ସେ ମଧ ଆଦୌ ଗୁରୁତ୍ୱ ପ୍ରକାଶ ନକରି କହିଲେ, ହଁ, ଶୁଣିଛି ଗୋଟିଏ ବୋମା ମିଳିଛି ବୋଲି । ତା'ପରେ ମୁଁ ଅନୁଭବ କଲି ବୋଧହୁଏ ମୁଁ ହିଁ ସବା ଶେଷରେ ଜାଣିଛି । ମୋ ଆଗରୁ ଅନ୍ୟ ସମସ୍ତେ ଜାଣି ସାରିଛନ୍ତି । ମାତ୍ର ସମଗ୍ର ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ତା'ର ବିନ୍ଦୁମାତ୍ର ମଧ ପ୍ରଭାବ ପଡ଼ି ନାହିଁ ।

ମୁଁ ଆଶ୍ଚର୍ଯ୍ୟ ହୋଇ ଜଣ ଜଣ କରି ପଚାରି ଚାଲିଥାଏ ଏବଂ ସମସ୍ତେ କହୁଥା'ନ୍ତି ଯେ ହଁ ଆମେ ଜାଣିଛୁ ।

ଆଶ୍ଚର୍ଯ୍ୟ ହୋଇ ମୁଁ ମା'ଙ୍କ ମୁହଁକୁ ଚାହିଁଲି – ''ବାହାର ପ୍ରସ୍ତୁତି ତ ତୁମ ସାହାଯ୍ୟରେ ସବୁ କରାଯାଇ ପାରିଲା – ପୁଣି ସମସ୍ତଙ୍କ ଭିତର ମଧ୍ୟ ଏତେ ସୁନ୍ଦର ଭାବରେ ପ୍ରସ୍ତୁତ କରିଦେଲ ଯେ କୌଣସି ଘଟଣାରେ କେହି ଜଣେ ମଧ୍ୟ ବ୍ୟସ୍ତ ନୁହେଁ – ବିବ୍ରତ ନୁହେଁ । ଏହା କ'ଣ ସତରେ ସମ୍ଭବ !'' ଦିବ୍ୟକୃପାର ପ୍ରଭାବ କେତେ ନିବିଡ଼ – ସଙ୍ଗେ ସଙ୍ଗେ ମୋ ମଧ୍ୟରେ ଘଟଣାଟି ଗୋଟିଏ କବିତାର ରୂପରେ ଝରି ଆସିଲା –

''ଦିବ୍ୟକୃପା ଖାଲି ଅନୁଭବ ନୁହେଁ
ଦେଖିହେବ ଏଇ ଆଖିରେ,
ବାଧହେବୁ ଆମେ ମାନିବା ପାଇଁକି
ଥାଉ ବା ନଥାଉ ସାକ୍ଷୀରେ ।''

(''ଏବେ ବି ମନେପଡେ'' ପୁସ୍ତକର ତୃତୀୟ ଭାଗରୁ ସଂଗୃହୀତ, ପୃଷ୍ଠା. ୧୩୭ - ୧୪୨)

❑❑❑

# ଲକ୍ଷ୍ୟ

## ଝରଣା ଘୋଷାଲ

ଭାବୋଚ୍ଛ୍ୱାସରେ ଆନ୍ଦୋଳିତ ନିରୁଦ୍‌ବିଗ୍ନ ହୃଦୟର
ଅସରନ୍ତି ସ୍ୱପ୍ନସବୁ ଜୀବନର ଚଲାପଥ ଅତିକ୍ରମ କରି
ଚେତନାର ସୁସ୍ମିତ ବଳୟରେ ଫୁଟିବାର ଅଭୀପ୍ସାରେ
ତୁମ ଚରଣ ସ୍ପର୍ଶ କରି ଆତ୍ମଦାନର ମୁହୂର୍ତ୍ତଟିକୁ
ସାଇତି ରଖିଛି ସଂଗୋପନେ –

ମହିମାନ୍ୱିତ ପ୍ରତିଶ୍ରୁତିକୁ ଅଭିବ୍ୟକ୍ତ କରିବାର
ପ୍ରତୀକ୍ଷାରେ ସୁମଧୁର ଧ୍ୱନିଟିଏ ଛନ୍ଦାୟିତ ନିଜସ୍ୱ ଧାରାରେ,
ସତ୍ତାର ମୋ ପ୍ରତି ଲୋମକୂପେ ଲୁଚେଇ ରଖିଛି
ତୁମ ପାଇଁ ଖିଆଲି ଇଚ୍ଛାର ଗହଳ ମଧୁବନ ।
ପୁନେଇଁ ରାତିରେ ତାରାଭରା ଆକାଶର କାନି ତଳେ
ଫୁଲର ସର୍ବବ୍ୟାପୀ ବାସ୍ନା ପରି ନିରୋଳାରେ ବସି
ଶୁଣିବି ମୋ ଆତ୍ମାର ଖବର –
ଆଉ ଫେରିବିନି –
ଭାସିଯିବି ଚେତନାର ଶୁଭ୍ର ନୀଳ ସ୍ରୋତେ
ସବୁଦିନ ପାଇଁ । ❑



କାହାଣୀ :

# ଆରୋହୀ, ସାଧକ ଏବଂ ଋଷି

## ମନୋଜ ଦାସ

ପର୍ବତର ପାଦଦେଶ ଏବଂ ଶିଖରର ମଝାମଝି ଏକ ଗୁମ୍ଫାରେ ରହୁଥିଲେ ଜଣେ ସାଧକ । ତାଙ୍କୁ ଭେଟିବା ନିମନ୍ତେ ପର୍ବତାରୋହଣ କରୁଥିଲେ ଦୁଇଜଣ ଯୁବକ । ଅବଶ୍ୟ ସେମାନଙ୍କ ଲକ୍ଷ୍ୟସ୍ଥଳ ଥିଲା ଶିଖରରେ ଅବସ୍ଥିତ ଏକ କୁଟୀର । ତହିଁ ଭିତରେ ରହୁଥିଲେ ଜଣେ ଋଷି । ସାଧକଙ୍କ ସୌଜନ୍ୟରୁ ସେହି ଋଷିଙ୍କ ସହ ପରିଚିତ ହେବା ଏବଂ ତାଙ୍କ ଆଶିଷ ପାଇବା ଥିଲା ସେମାନଙ୍କର ଉଦ୍ଦେଶ୍ୟ ।

ସେମାନଙ୍କ ଆଗେ ଆଗେ ପର୍ବତ ଚଢୁଥିଲେ ଜଣେ ମେଷପାଳକ ଓ ଜଣେ ବୃଦ୍ଧ । ମେଷପାଳକ ତା' ପଶୁପଲ ଅଡ଼ାଇ ଚାଲିଥାଏ; କେତୋଟି ମେଷ ଏବଂ କେତୋଟି ଘୁଷୁରି । ଗୋଟିଏ ଘୁଷୁରି ଶାବକ କେମିତି ଛୋଟା ହୋଇ ଯାଇଥାଏ । ଅନ୍ୟ ପଶୁଙ୍କ ସହ ତାଳ ଦେଇ ଚାଲି ପାରୁ ନଥାଏ । ମେଷପାଳକ ତାକୁ ବାଡ଼ିରେ ପିଟି ପିଟି ତା' ଗତି ବଢ଼ାଇବାକୁ ଚେଷ୍ଟା କରୁଥାଏ । କିନ୍ତୁ ସେଥିରେ ଘୁଷୁରି ଛୁଆ ଆହୁରି ହାଲିଆ ହୋଇ ପଡୁଥାଏ । ତା' ଗତି ମନ୍ଥର ହୁଅନ୍ତେ ମେଷପାଳକ ଅନ୍ୟ ପଶୁଙ୍କ କ୍ଷିପ୍ରତାକୁ ମଧ୍ୟ ବାଧ୍ୟ ହୋଇ ରୋକୁ ଥାଏ ।

''ବାବୁ, ଏ ଆହତ ଘୁଷୁରି ଛୁଆଟିକୁ କୋଳ କରି ନେଇଗଲେ ତମର ଆପତ୍ତି ଅଛି ? ତମ ଗନ୍ତବ୍ୟ ତ ଆର ପାଖର ବସତି ? ମୁଁ ସେଠି ପହଞ୍ଚାଇ ଦେବି ।'' ହଠାତ୍ ବୃଦ୍ଧଜଣକ ପ୍ରସ୍ତାବ ଦେଲେ ।

''ମୋର ସେଥିରେ ଆପତ୍ତି କରିବାର କ'ଣ ଥାଇପାରେ ?'' ମେଷପାଳକ ବେପରୁଆ ଭାବରେ କହିଲା ।

ବୃଦ୍ଧ ଘୁଷୁରି ଛୁଆଟିକୁ ବହନ କରି ଚାଲିଲେ । ତାଙ୍କୁ କଷ୍ଟ ହେଉଥିଲା ବୋଲି ଜଣା ଯାଉଥିଲା, କିନ୍ତୁ ତାଙ୍କ ଶାନ୍ତ ସୌମ୍ୟ ଚେହେରାରେ କୌଣସି ବ୍ୟତିକ୍ରମ ଦେଖା ଦେଉ ନଥିଲା ।

ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ମଣିଷର ମନ ପଢ଼ିବାରେ ଓସ୍ତାଦ । ମେଷପାଳକ ତାଙ୍କ ଆଡ଼େ ଅନାଇ ଟିକିଏ ହସିଦେଲା । ସେ ହସର ଅର୍ଥ, ''ଓଲୁ ଅନେକ ରକମର । କିନ୍ତୁ ବୁଢ଼ା ଓଲୁଙ୍କ ଭଳି ପ୍ରଚଣ୍ଡ ଓଲୁ ଆଉ ନାହାନ୍ତି ।'' କହିବା ବାହୁଲ୍ୟ ତା' ଘୁଷୁରି ଛୁଆ ପ୍ରତି ଦୟା ଦେଖାଉଥିବା ବୁଢ଼ାହିଁ ତା' ବିଦ୍ରୁପର ଲକ୍ଷ୍ୟ ।

ଦ୍ୱିତୀୟ ଯୁବକଟି ପଶୁମାନଙ୍କ ଅନୁଭବ ବୁଝି ପାରୁଥିଲେ । ସେ ବୃଦ୍ଧଙ୍କ ଉପରେ ସବାର ହୋଇଥିବା ଅର୍ଦ୍ଧ-ନିମୀଳିତ-ନେତ୍ର ଘୁଷୁରି ଛୁଆ ଆଡ଼େ ଅନାଇ ବୁଝିଲେ, ସେ ଟିକି ପଶୁଟି ତା'ର କ୍ଳେଶ କଥା ପାସୋରି ଦେଲାଣି । ବୃଦ୍ଧଙ୍କ ପ୍ରତି ତା' ଭିତରେ କୌଣସି କୃତଜ୍ଞତାବୋଧ ବି ନାହିଁ । ଅର୍ଥାତ୍, ତା' ଭିତରେ ଭଲମନ୍ଦ କୌଣସି ଅନୁଭୂତିହିଁ ନଥିଲା ।

ଦୁଇ ଯୁବକ ସାଧକଙ୍କ ଗୁମ୍ଫାରେ ପହଞ୍ଚିଲେ । କଥା ପ୍ରସଙ୍ଗରେ ଜଣେ କହିଲେ : ''ବୃଦ୍ଧ ଆହତ ଘୁଷୁରି ଛୁଆକୁ ବହନ କରିବା ଦ୍ୱାରା କାହାର କ'ଣ ଲାଭ ହେଲା ? ଘୁଷୁରି ଛୁଆ ନିଜେ କିଛି ବୁଝୁ ନାହିଁ । ମେଷପାଳକ ବାପୁଡ଼ା ହସୁଛି ।''

ଅନ୍ୟ ଜଣକ କହିଲେ, ''ବୃଦ୍ଧ ହୁଏତ ଘୁଷୁରି ଛୁଆର କଷ୍ଟ ଲାଘବ କଲେ, କିନ୍ତୁ ନିଜେ ତ କଷ୍ଟ ପାଇଲେ ! ଅର୍ଥାତ୍, ଜଣେ ହେଲେ କେହି କଷ୍ଟ ପାଇବାର ଥିଲା ।'' ସାଧକ ସବୁ ଶୁଣି କହିଲେ, ''ବୃଦ୍ଧ ଭବିଷ୍ୟତରେ ଏକ ଯନ୍ତ୍ରଣାକୁ ଏଡ଼ାଇ ଦେବା ନିମନ୍ତେ ସେ କାମଟି କଲେ ।''

''କାହାର ଯନ୍ତ୍ରଣା ?'' ପ୍ରଶ୍ନ କଲେ ଦୁଇ ଯୁବକ ।

''ତାଙ୍କ ନିଜର । ଘୁଷୁରି ଛୁଆଟି ଚାଲି ନପାରିବା ଯୋଗୁଁ ମାଡ଼ ଖାଉଥିଲା, ମେଷପାଳକ ତାକୁ ନେଇ ହଇରାଣ ହେଉଥିଲା, ଅଥଚ ସେ ନିଜେ କିଛି କଲେ ନାହିଁ । ଏକଥା ମନେ ପଡ଼ିଲେ ସେ ପରେ ଯନ୍ତ୍ରଣା ଭୋଗନ୍ତେ । ସେ ନିଶ୍ଚେ ଜଣେ ମହାନ୍ ବ୍ୟକ୍ତି ।'' ସାଧକ ବୁଝାଇ ଦେଲେ ।

ସାଧକଙ୍କ ବ୍ୟାଖ୍ୟା ଦୁଇ ଯୁବକଙ୍କୁ ଯଥାର୍ଥ ମନେ ହେଲା ।

ସାଧକଙ୍କ ଗୁମ୍ଫାରେ କିଛି ସମୟ ବିଶ୍ରାମ କରି ଅପରାହ୍ନ ବେଳକୁ ତାଙ୍କ ସହ ଯୁବକ ଦୁଇଜଣ ଶିଖର ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲେ । ଶିଖରଦେଶର କୁଡ଼ିଆରେ ପହଞ୍ଚି ସେମାନେ ହେଲେ ବିସ୍ମିତ । ଯେଉଁ ବୃଦ୍ଧ ଘୁଷୁରି ଛୁଆ ବହନ କରିଥିଲେ, ସିଏ ଆଉ କେହି ନୁହନ୍ତି, ଶିଖରଦେଶର ବାସିନ୍ଦା ଋଷି !

ରଷିଙ୍କ ସହ ଅନେକ ବିଷୟରେ କଥାବାର୍ତ୍ତା ହେବା ପରେ ବିଦାୟ ବେଳେ ଯୁବକ ଦୁଇଜଣ ପଚାରିଲେ, ''ମହାଭାଗ ! ଆପଣ ସେ ଘୁଷୁରି ଛୁଆକୁ ବହନ କରିବାର ପ୍ରେରଣା କ'ଣ ଥିଲା ? ପଶୁଟିର କଷ୍ଟ ଦେଖି ନା ମେଷପାଳକ ହଇରାଣ ହେଉଥିବା ଯୋଗୁଁ ଆପଣ ସେଇଆ କଲେ ? ନା, ଭବିଷ୍ୟତରେ ନିଜେ ବିବେକର ଦଂଶନରୁ ରକ୍ଷା ପାଇବା ପାଇଁ ତାହା କଲେ ?''

ରଷି ଅନାଇ ରହିଲେ । ମନେ ହେଲା, ଘୁଷୁରି ଛୁଆ ବହନ କରିବା କଥା ସେ ମୋଟେ ମନେ ପକାଇ ପାରୁ ନଥିଲେ ।

ଯୁବକ ଦ୍ୱୟ ଓ ସାଧକ ଅବତରଣ କଲାବେଳେ ସାଧକ କହିଲେ, ''ବାସ୍ତବିକ, କେଡ଼େ ବୋକା ଭଳି ମୁଁ ରଷିଙ୍କ ଆଚରଣର ବ୍ୟାଖ୍ୟା ଦେଉଥିଲି ! ଜଣେ ନିଃଶ୍ୱାସ ନେବା କଥା କ'ଣ ମନେ ରଖେ ? ତାହା ସ୍ୱାଭାବିକ ପ୍ରକ୍ରିୟା । ରଷିଙ୍କ ଆଚରଣ ବି ଥିଲା ସେମିତି; ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ।''

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୯୮-୧୦୦)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ଆରୋହୀ, ସାଧକ ଏବଂ ରଷି !'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଶିଖର-ନିବାସୀ ରଷିଙ୍କ କର୍ମର ସବୁଠୁଁ ଉତ୍ତମ ବ୍ୟାଖ୍ୟା ଦେଇଥିଲେ ସାଧକ । ଦେଖାଗଲା, ସେ ବ୍ୟାଖ୍ୟା ମଧ୍ୟ ତାଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ଅର୍ଥାତ୍, କୌଣସି ନିର୍ଦ୍ଦିଷ୍ଟ ମାପକାଠିରେ ତାଙ୍କ ଆଚରଣର ବ୍ୟାଖ୍ୟା ସମ୍ଭବ ନୁହେଁ । ସେ ଯଦି ସେ ପ୍ରାଣୀଟିକୁ ବହନ କରି ନଥା'ନ୍ତେ, ତହିଁରେ ବି ତାଙ୍କ ମହତ୍ତ୍ୱ ଊଣା ହୋଇ ନଥା'ନ୍ତା ।''

(ତତ୍ରୈବ : ପୃଷ୍ଠା : ୩୨୯)

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଜୋନ୍‌ସଙ୍କ ଫାର୍ମ

## ବନମାଳୀ ଆଚାର୍ଯ୍ୟ

ଅତୀତର କଥା । ଲଣ୍ଡନ ମହାନଗର ଉପକଣ୍ଠରେ ବେଶ୍ ଜଣାଶୁଣା ଗୋଟିଏ ଫାର୍ମ ଥିଲା । ଫାର୍ମଟି ବହୁଦିନର ଓ ବଡ଼ ଆକାରର ଥିଲା । ମି. ଜୋନ୍‌ସ ଏହାର ମାଲିକ ଥିଲେ । ଜଣେ ସାଧାସିଧା ଅମାୟିକ ଭଦ୍ରବ୍ୟକ୍ତି ଭାବରେ ସେହି ଅଞ୍ଚଳରେ ସେ ପରିଚିତ ଥିଲେ । ଫାର୍ମର କର୍ମଚାରୀ ଓ ଶ୍ରମିକଙ୍କ ସହ ସେ ସେଠାରେ ରାତ୍ରିଯାପନ କରୁଥିଲେ । କୃଷିକାର୍ଯ୍ୟ ଦେଖାଶୁଣା କରିବା, ଗଛଲତା ଓ ପଶୁପକ୍ଷୀଙ୍କ ଯତ୍ନ ନେବା ତାଙ୍କର ଅଭ୍ୟାସଗତ କାର୍ଯ୍ୟ ଥିଲା । ଫାର୍ମର ଏକମାତ୍ର ଧଳା ଘୋଡ଼ା, ଗୋଟିଏ ଧୂସର ଜଗୁଆଳି କୁକୁର ଓ ଗୋଟିଏ ଦୁଇ ଚକିଆ ଘୋଡ଼ାଟଣା ଗାଡ଼ି ତାଙ୍କର ଅତି ପ୍ରିୟ ଥିଲା । ଘୋଡ଼ାଗାଡ଼ିକୁ ଧଳା ଘୋଡ଼ାଟି ଟାଣୁଥିଲା । କୁକୁରକୁ ନେଇ ଘୋଡ଼ାଗାଡ଼ିରେ ବାହାରକୁ ଯିବାବେଳେ ସେ ଅମାପ ଖୁସି ଅନୁଭବ କରୁଥିଲେ । ଫାର୍ମର ଉତ୍ତର-ପଶ୍ଚିମ କୋଣକୁ ଲାଗି ଜୋନ୍‌ସଙ୍କର ନିଜର ଜଙ୍ଗଲଟିଏ ଥିଲା । ସେଠାରେ ପାଇନ୍ ଜାତୀୟ ସରଳବର୍ଗୀୟ ବୃକ୍ଷଗୁଡ଼ିଏ ଖୁଣ୍ଟ ଭଳି ଠିଆ ହୋଇଥିଲା । ଜଙ୍ଗଲ ଭୂଇଁକୁ ଘାସ ଓ ବୁଦାରୁ ମୁକ୍ତ ରଖା ଯାଇଥିଲା । ମନେ ହେଉଥିଲା, ଯେପରି ଖୁଣ୍ଟଗୁଡ଼ିକ ମାଟି ଓ ଆକାଶକୁ ଯୋଡ଼ି ଦେବାକୁ ତତ୍ପର ଥିଲେ ।

ଦିନେ ଜୋନ୍‌ସ ତାଙ୍କର ପ୍ରିୟ ଘୋଡ଼ା ଓ କୁକୁର ସହ ଫାର୍ମର ଏହି କୋଣରେ ଉପସ୍ଥିତ ଥିଲେ । କିଛି ଦୂରରେ ଏଣେତେଣେ ବୁଲୁଥିବା ଫାର୍ମର ଅନ୍ୟାନ୍ୟ ଅଶ୍ୱ, ବଳଦ, ଘୁଷୁରୀ, ମେଣ୍ଢା, କୁକୁଡ଼ା ଓ ଅନ୍ୟ ଜୀବଙ୍କୁ ସେ ଲକ୍ଷ୍ୟ କରୁଥିଲେ । ଏତେ ବଡ଼ ଇଲାକାର ପ୍ରତ୍ୟେକଟି ଜୀବ ଓ ଜିନିଷ ଯେପରି ତାଙ୍କ ଚେତନା ସହ ଛନ୍ଦି ହୋଇ ରହିଥିଲା । ଏକ ଆତ୍ମସନ୍ତୋଷର ଭାବ ତାଙ୍କ ମୁଖମଣ୍ଡଳରେ ସ୍ପଷ୍ଟ ହୋଇ ଉଠୁଥିଲା ।

''ହେ, ଜୋନ୍‌ସ ! କିପରି ଅଛ ?'' ଜୋନ୍‌ସ ପଛକୁ ବୁଲି ଚାହିଁଲେ । ତାଙ୍କ ପ୍ରିୟ ବନ୍ଧୁ ପିଟର୍ କିଛି ଦୂରରେ ଠିଆ ହୋଇ ମୃଦୁ ହସୁଥିଲେ ।

''ଆରେ ପିଟର୍, ତୁମେ ସମୟ ପୂର୍ବରୁ ଆସିଥିବାରୁ ମୁଁ ବହୁତ ଖୁସି ।''

''ତୁମ ଫାର୍ମରେ ଥିବା ଅଶ୍ୱଗୁଡ଼ିକର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ହେବ ।''

''ଭଲ କଥା, କିନ୍ତୁ ଆମେ ଦୁଇ ବନ୍ଧୁ ଆଗେ ମନଭରି ଖୁସି ଗପ କରିବା । ତା'ପରେ ତୁମେ ତୁମ କାମ ଆରମ୍ଭ କରିବ । ଏଥିରେ ତୁମର କିଛି ଆପତ୍ତି ଅଛି ?''

''ନା, ବରଂ ତୁମ ସହ ସମୟ ବିତାଇବାରେ ସ୍ୱତନ୍ତ୍ର ମଜା ଅଛି । ମୁଁ ତୁମ କଥାରେ ରାଜି ।'' ଦୁଇ ବନ୍ଧୁ ମନଭରି ହସିଲେ ଏବଂ ଫାର୍ମ ହାଉସ୍ ଆଡ଼କୁ ପାଦ ବଢ଼ାଇଲେ ।

ଫାର୍ମ ବାହାରେ ଜଙ୍ଗଲଟିଏ ଦୂରକୁ ଲମ୍ବି ଯାଇଥିଲା । ବିଭିନ୍ନ ପ୍ରକାରର ସାନ ବଡ଼ ଗଛଲତା ଓ ବୁଦାରେ ଅଞ୍ଚଳଟି ଗହଳିଆ ଥିଲା । ମେ ମାସର ଟାଣ ସୂର୍ଯ୍ୟକିରଣରେ ଶେଷ ବରଫ ଖଣ୍ଡଗୁଡ଼ିକ ତରଳି ଯାଇଥିଲା । ବୃକ୍ଷରାଜି ସବୁଜ ଦିଶୁଥିଲା । ପରଦିନ ସକାଳେ ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସକାଶେ ଦୁଇ ବନ୍ଧୁ ବନ ମଧ୍ୟକୁ ପ୍ରବେଶ କଲେ । ସ୍ୱାଭାବିକ ଢଙ୍ଗରେ ଜୋନ୍‌ସଙ୍କ କୁକୁରଟି ତାଙ୍କୁ ଅନୁସରଣ କରୁଥିଲା; ମାତ୍ର କିଛି ବାଟ ପରେ ଅନ୍ୟତ୍ର କୁଆଡ଼େ ଚାଲିଗଲା । ଜଙ୍ଗଲ ଭିତରେ ଏଣେତେଣେ ବୁଲାବୁଲି କରି ଦୁଇବନ୍ଧୁ କ୍ଳାନ୍ତ ହୋଇ ପଡ଼ିଲେ ଏବଂ ଫେରିବାକୁ ମନସ୍ଥ କଲେ । ଅଣଓସାରିଆ ପାଦଚଲା ରାସ୍ତାଟିଏ ଗହଳ ବୁଦା ଦେଇ ଫାର୍ମ ଆଡ଼କୁ ଲମ୍ବି ଯାଇଥିଲା । ସେମାନେ ତା' ଉପରେ ପାଦ ପକାଇ ଆଗକୁ ବଢ଼ିଲେ । ବନଭୂମିର ସେହି ଭାଗରେ କୌଣସି ବଡ଼ ଗଛ ନଥିଲା । କେବଳ କଣ୍ଟାବୁଦା ଓ ଝାଟି ଜଙ୍ଗଲ ରହିଥିଲା । ଜୋନ୍‌ସ ଓ ପିଟର୍ ଖୁସି ଗପ ଭିତରେ ବୁଡ଼ି ରହିଥିଲେ । ଏସବୁ ପ୍ରତି ସେମାନଙ୍କର ଧ୍ୟାନ ନଥିଲା । ହଠାତ୍ ପିଟର୍ ବଡ଼ ପାଟି କରି କହିଲେ, ''ହେଇ ଦେଖ, ଆମ ଆଗରେ କୌଣସି ବୃକ୍ଷର ଶାଖାଟିଏ ରାସ୍ତାର ଏପାଖରୁ ସେପାଖକୁ ଯାଇଛି । କିଛି ସମୟ ପାଇଁ ଏହା ଉପରେ ବସି କୁକୁରର ଫେରି ଆସିବାକୁ ଅପେକ୍ଷା କରିବା ।'' ଜୋନ୍‌ସ ହସି ହସି କହିଲେ, ''ଠିକ୍ କଥା, ଥକା ମେଣ୍ଟାଇବା ପାଇଁ ଏହାଠାରୁ ବଳି ଆଉ ଭଲ ସୁଯୋଗ କ'ଣ ଥାଇପାରେ ?'' ଉଭୟେ ହସିଲେ ଓ ପାଖାପାଖି ହୋଇ ଶିଅ ଉପରେ ବସିଲେ । ଜୀବନର ଅନୁଭୂତି ଉପରେ ରୋଚକ ଚର୍ଚ୍ଚା

ଚାଲିଲା । ଆରାମଦାୟକ ସୂର୍ଯ୍ୟକିରଣ, ଶୀତଳ ପବନ ଓ ବନ୍ଧୁତ୍ୱପୂର୍ଣ୍ଣ ଆଳାପ ସେମାନଙ୍କୁ ପ୍ରଚୁର ଖୁସି ଯୋଗାଉଥିଲା । କିଛି ସମୟ ପରେ କୁକୁରଟି ସେହି ବାଟ ଦେଇ ତାଙ୍କରି ଆଡ଼କୁ ଆସୁଥିବାର ସେମାନେ ଦେଖିଲେ । ମଝିରେ ମଝିରେ ସେ ଅଟକି ଯାଉଥିଲା । ଏପାଖ ସେପାଖ ହୋଇ ଭୂଇଁକୁ ଶୁଙ୍ଘୁ ଥିଲା । ପୁଣି ଆଗକୁ ବଢୁଥିଲା । ମୁନିବଙ୍କ ନିକଟରେ ପହଞ୍ଚି ବଡ଼ ପାଟି କରି ଭୁକିବାରେ ଲାଗିଲା । ଜୋନ୍ସ ଓ ପିଟର୍‌ଙ୍କ ପୋଷାକକୁ ମୃଦୁ ଝିଙ୍କା ଦେଇ ସେମାନଙ୍କୁ ଠିଆ ହେବାକୁ ବାଧ କରୁଥିଲା । କୁକୁରର ବିଚିତ୍ର ବ୍ୟବହାରକୁ ସେମାନେ ବୁଝି ପାରୁ ନଥିଲେ । ଠିଆ ହୋଇ ସନ୍ଦେହରେ ଚାରି ଦିଗକୁ ଦୃଷ୍ଟି ବୁଲାଇଲେ । କୁକୁରଟି ଶିଅଟିକୁ ରାମ୍ପୁଡ଼ିବାରେ ଲାଗିଲା । ସେମାନଙ୍କୁ ଆଶ୍ଚର୍ଯ୍ୟ କରି ମୂଳଟି ଧୀରେ ଧୀରେ ଗତିଶୀଳ ହେଲା ଏବଂ ବୁଦାଗହଳରେ ଅଦୃଶ୍ୟ ହୋଇଗଲା । ଦୁଇବନ୍ଧୁ ବୁଝି ପାରିଲେ, ସେମାନେ ଅଜାଣତରେ ଗୋଟିଏ ଅଜଗରର ପିଠି ଉପରେ ସେପର୍ଯ୍ୟନ୍ତ ବସି ରହିଥିଲେ । ଭୟମିଶା ଦୃଷ୍ଟିରେ ସେମାନେ ପରସ୍ପରକୁ ଚାହିଁଲେ ।

ପରଦିନ ସକାଳ । ନରମ ସୂର୍ଯ୍ୟାଲୋକ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ଭୋଜନଗୃହର ସମ୍ମୁଖଭାଗରେ ପଡ଼ିଥିବା ଏକ ଡାଇନିଂ ଟେବୁଲରେ ଦୁଇ ବନ୍ଧୁ ପ୍ରାତଃଭୋଜନ ଆରମ୍ଭ କଲେ । ହଠାତ୍ କେତୋଟି ଧଳା ପାରା ଉଡ଼ି ଆସି ଜୋନ୍ସଙ୍କ କାନ୍ଧ ଓ ମୁଣ୍ଡ ଉପରେ ବସିଲେ । ସତେ ଯେପରି ଏହା ସେମାନଙ୍କର ପୂର୍ବ-ପରିଚିତ ନିରାପଦ ସ୍ଥାନ । ଜୋନ୍ସଙ୍କଠାରେ ବି କିଛି ପ୍ରତିକ୍ରିୟା ନଥିଲା । ସ୍ୱାଭାବିକ ଢଙ୍ଗରେ ସେ ଲହୁଣୀମଖା ରୁଟି ଖଣ୍ଡମାନ ସେମାନଙ୍କ ଆଡ଼କୁ ବଢ଼ାଇ ଦେଲେ । ପକ୍ଷୀଗୁଡ଼ିକ ନିର୍ଭୟରେ ସେସବୁକୁ ଥଣ୍ଟରେ ଉଠାଇ ନେଉଥିଲେ । ସେମାନେ ତାଙ୍କ ଉପରେ କୁଦୁଥିଲେ ଓ ଡେଣା ଫଡ଼ଫଡ଼ କରୁଥିଲେ । କେଡ଼େ ବିଚିତ୍ର ସେ ଦୃଶ୍ୟ ! କୌତୂହଳୀ ପିଟର୍ ଏସବୁ ଦେଖି ଅବାକ୍ ହୋଇଗଲେ ଏବଂ ନିଜ ଆହାରରୁ କିଛି ସେମାନଙ୍କ ଆଡ଼କୁ ବଢ଼ାଇଲେ । ମାତ୍ର ପକ୍ଷୀଗୁଡ଼ିକ ପିଟର୍‌ଙ୍କ ହାତରୁ କୌଣସି ଖାଦ୍ୟ ଗ୍ରହଣ କଲେ ନାହିଁ । ସେ ବାରଂବାର ବଢ଼ାଇଲେ । ମାତ୍ର ତାଙ୍କୁ ନିରାଶ କରି ପକ୍ଷୀଗୁଡ଼ିକ ଉଡ଼ି ଚାଲିଗଲେ । ପିଟର୍‌ଙ୍କ ପାଟିରୁ ସ୍ୱତଃ ବାହାରି ଆସିଲା, ''ଧନ୍ୟବାଦ ବନ୍ଧୁ, ତୁମେ କେବେହେଲେ ନିଜକୁ ପକ୍ଷୀମାନଙ୍କଠାରୁ ବଡ଼ ମନେ କରି ନାହଁ । ସେମାନେ ତୁମକୁ ସାଙ୍ଗ ବନାଇ ସାରିଛନ୍ତି ।''

ଫାର୍ମ ଠାରୁ କିଛି ଦୂରରେ ଛୋଟ ନଦୀଟିଏ ଥିଲା । ବରଫ ତରଳିଲେ ବା ଅଧିକ ବୃଷ୍ଟି ହେଲେ ନଦୀଟି ଜଳପୂର୍ଣ୍ଣ ହେଉଥିଲା । ଅସୁବିଧା କାଳରେ ନଦୀ ପାର ହେବା ପାଇଁ କାଠ ପୋଲଟିଏ ନିର୍ମାଣ କରାଯାଇଥିଲା । ଦୁଇ ଚକିଆ ଯାନ ଓ ପଦଯାତ୍ରୀମାନେ ଏହା ଉପର ଦେଇ ନଦୀ ପାର ହେଉଥିଲେ । ଜୋନ୍ସ ଓ ପିଟର୍ ଫାର୍ମର ଦୁଇ ଚକିଆ ଘୋଡ଼ା ଗାଡ଼ିରେ କାଠପୋଲ ଉପରଦେଇ ନଦୀର ଆର ପଟକୁ ଗଲେ । ସେଠାରେ ଜୋନ୍ସଙ୍କ ପରିବାରର ଲୋକମାନେ ବାସ କରୁଥିଲେ । ସେମାନଙ୍କ ଗହଣରେ ଦୁଇ ବନ୍ଧୁ ଖୁସିରେ ସମୟ ବିତାଇଲେ । ଇତ୍ୟବସରେ ଜୋନ୍ସ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟ ମଧ ଶେଷ କଲେ । ଉପରବେଳାକୁ ଝଡ଼ବର୍ଷା ଆରମ୍ଭ ହୋଇଗଲା । ଏହାର ବିରାମ ହେବା ବେଳକୁ ଅନ୍ଧକାର ଜମି ଆସିଥିଲା । ତରବର ହୋଇ ଦୁଇବନ୍ଧୁ ଘୋଡ଼ାଗାଡ଼ିରେ ବସିଲେ ଏବଂ ଅଳ୍ପ ଆଲୋକରେ ଆଗକୁ ବଢ଼ି କାଠପୋଲ ନିକଟରେ ପହଞ୍ଚିଲେ । ନଦୀରେ ବନ୍ୟା ଆସି ଯାଇଥିଲା । ଘୋଡ଼ାଗାଡ଼ିଟି କାଠ ପୋଲ ଉପରକୁ ଉଠିଲା । ମାତ୍ର ତା'ପରେ ଘୋଡ଼ାଟି ଆଗକୁ ପାଦେମାତ୍ର ବି ଆଗେଇଲା ନାହିଁ । ଅଭିଜ୍ଞ ଜୋନ୍ସ ଘୋଡ଼ାକୁ ଆଗକୁ ନେବାର ସମସ୍ତ ଉପାୟ ଅବଲମ୍ବନ କଲେ; ମାତ୍ର ଫଳ କିଛି ହେଲା ନାହିଁ । ନିଜ ଘୋଡ଼ା ଉପରେ ତାଙ୍କର ଯଥେଷ୍ଟ ବିଶ୍ୱାସ ଥିଲା । ସେ ଭାବିଲେ, ବୋଧହୁଏ ପଶୁଟି କାଠପୋଲ ଉପରେ ପାଦ ରଖି କୌଣସି ବିପଦର ସୂଚନା ପାଇ ପାରିଥିଲା । ସେ ଘୋଡ଼ା ଓ ଗାଡ଼ିକୁ ପଛକୁ ହଟାଇ ନେଲେ ଏବଂ ନଦୀବନ୍ଧ ଉପରେ ପହଞ୍ଚିଲେ । କାଠ ପୋଲ ଦାୟିତ୍ୱରେ ଥିବା ଦୁଇଜଣ ଜଗୁଆଳି ତାଙ୍କ ନିକଟକୁ ଦୌଡ଼ି ଆସିଲେ । ସେମାନଙ୍କ ହାତରେ ଶକ୍ତିଶାଳୀ ଟର୍ଚ୍ଚ ଥିଲା । କାଠ ପୋଲ ଉପରକୁ ନଯିବା ପାଇଁ ସେମାନେ ବଡ଼ ପାଟିରେ ତାଗିଦ କରୁଥିଲେ । ବିସ୍ମିତ ଜୋନ୍ସ ଓ ପିଟର୍ କିଛି ବୁଝି ନପାରି ସେମାନଙ୍କ ଆଡ଼କୁ ଚାହିଁ ରହିଲେ ।

''କାଠପୋଲର ମଝି ଅଂଶ ନଦୀ ସ୍ରୋତରେ ଭାସି ଯାଉଛି । ଦୟାକରି ପୋଲ ଉପରେ ପାଦ ରଖନ୍ତୁ ନାହିଁ । ଏହା ବିପଦସଙ୍କୁଳ ହୋଇ ସାରିଛି । ଅତ୍ୟଧିକ ବର୍ଷା କାରଣରୁ ଏପରି ଘଟିଛି ।''

ଜୋନ୍ସ ସବୁକଥା ଠିକ୍ ଭାବରେ ବୁଝି ପାରିଲେ । ଭାବବିହ୍ୱଳ ଅବସ୍ଥାରେ ସେ ନିଜର ଧଳାଘୋଡ଼ାକୁ ନିବିଡ଼ଭାବେ ଆଲିଙ୍ଗନ କଲେ । ବଡ଼ ପାଟିରେ କହି ଉଠିଲେ, ''ମୋ ପ୍ରିୟ

ଘୋଡ଼ା, ତୁମେ ନଥିଲେ ଆଜି ଆମେ ପ୍ରଖର ଜଳ ସ୍ରୋତରେ ଭାସି ଯାଇଥା'ନ୍ତୁ । ତୁମେ ଆମର ଜୀବନ ବଞ୍ଚାଇଲ । ତୁମକୁ ଅଶେଷ କୃତଜ୍ଞତା ।'' ସ୍ତବ୍ଧ ଜଗୁଆଳି ଦୁଇଜଣ ଜୋନ୍‌ସଙ୍କ କଥା ଠିକ୍ ଭାବରେ ବୁଝିପାରୁ ନଥିଲେ । ସମସ୍ତଙ୍କ ମନ ଭିତରେ ନୀରବ ଉତ୍ତେଜନାର ଝଡ଼ ଏବଂ ବାହାରେ ପ୍ରବହମାନ ନଦୀ ସ୍ରୋତର ଗର୍ଜନ ।

ପରବର୍ତ୍ତୀ ଦିବସର ସକାଳ । ପିଟର୍ ପ୍ରାତଃଭୋଜନ ଅବସରରେ ଜୋନ୍‌ସଙ୍କୁ କହିଲେ, ''ମୁଁ ତୁମ ଅଶ୍ୱଗୁଡ଼ିକର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଆସିଥିଲି । ମାତ୍ର ତୁମର କୁକୁର, ପାରା ଓ ଧଳା ଘୋଡ଼ାର ବିଚିତ୍ର ବ୍ୟବହାର ମୋତେ ଚମକୃତ କରିଛି । ଅଶ୍ୱଟି ଜାଣି ପାରିଲା, ଆଗରେ ବିପଦ ଅଛି — ଯାହା ଆମକୁ ଜଣା ନଥିଲା । କୁକୁର ଅଜଗରର ଉପସ୍ଥିତି ବିଷୟରେ ଆମକୁ ଜଣାଇ ଦେଲା । ପାରାଗୁଡ଼ିକ ନିରାପତ୍ତାର ବଳୟ ଡେଇଁ ବାହାରକୁ ଆସିଲେ ନାହିଁ । ଏହିପରି ଗାଈଟିଏ ପଡ଼ିଆରେ ଚରିବା ବେଳେ ବିଷାକ୍ତ ସ୍ଥାନରେ ଭଲ ଘାସ ଥିଲେ ମଧ୍ୟ ତାକୁ ଖାଏ ନାହିଁ । ପଶୁପକ୍ଷୀମାନେ ନିଜର ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ଏପରି କରି ପାରନ୍ତି । ବୁଦ୍ଧି ବା ବିଚାର ଶକ୍ତି ଅପେକ୍ଷା ସହଜାତ ପ୍ରବୃତ୍ତି ଅଧିକ ଠିକ୍ ନିର୍ଣ୍ଣୟ ନେଇପାରେ । ତୁମର ପଶୁପକ୍ଷୀଙ୍କ ପ୍ରତି ଶ୍ରଦ୍ଧା ଏବଂ ସେମାନଙ୍କର ସ୍ୱାଧୀନ ବିଚରଣ ସେମାନଙ୍କୁ ପ୍ରକୃତରେ ଶକ୍ତିଶାଳୀ କରି ପାରିଛି ।''

ଦିବ୍ୟ ଜନନୀ ଶ୍ରୀମା କହିଛନ୍ତି,

"And what is called 'instinct' in animals is simply obedience to the spirit of the species which always knows what ought and ought not to be done."

(CWM, Vol.4, p. 237)

''... ଇତର ପ୍ରାଣୀମାନଙ୍କ କ୍ଷେତ୍ରରେ ଯାହା 'ସହଜାତ ପ୍ରବୃତ୍ତି' ନାମରେ ଅଭିହିତ, ତାହା ବସ୍ତୁତଃ ସେହି ପ୍ରଜାତିର ସାମୂହିକ ଚେତନା ବା ଆତ୍ମିକ ସତ୍ତା ପ୍ରତି ଏକ ନିଛକ ଆନୁଗତ୍ୟ ମାତ୍ର; ଯାହା କ'ଣ କରାଯିବା ଉଚିତ ଓ କ'ଣ କରାଯିବା ଉଚିତ ନୁହେଁ, ସେ ସମ୍ପର୍କରେ ସର୍ବଦା ସଚେତନ ଥାଏ ।''

❑❑❑

## ରୂପ ବଦଳିଲେ କି ହେବ !

ଏକ ପ୍ରାଚୀନ ଭାରତର ଲୋକକଥା : ଥିଲେ ଜଣେ ସାଧୁ । ତାଙ୍କ କୁଡ଼ିଆରେ ଥାଏ ମୂଷାଟିଏ । ସେ ସାଧୁଙ୍କ ଉଚ୍ଛିଷ୍ଟ ଖାଇ ରହେ; ତାଙ୍କର ଲୁଗାପଟା କାଟେ ନାହିଁ । ଦିନେ ସେ ନିରୀହ ମୂଷାଟି ସାଧୁଙ୍କୁ କହିଲା, ''ବିଲେଇ ଦେଖିଲେ ମୋତେ ବଡ଼ ଛାନିଆ ଲାଗେ । ମୋତେ ବିଲେଇଟିଏ କରି ଦିଅନ୍ତୁ ।'' ସାଧୁଙ୍କ ବିଭୂତି ଯୋଗେ ସେ ବିଲେଇଟିଏ ହୋଇଗଲା । କିନ୍ତୁ କିଛି ସମୟ ବ୍ୟବଧାନରେ ସେ କୁକୁର ଦେଖି ଛାନିଆ ହେଲା । ତା'ର ବିନମ୍ର ଅନୁରୋଧରେ ସାଧୁ ତାକୁ କୁକୁର କରିଦେଲେ । ତେଣିକି ସେ ଗଧିଆକୁ ଦେଖି ଡରନ୍ତେ ସାଧୁ ତାକୁ ଗଧିଆ କରିଦେଲେ । ତା'ପରେ ସେ ଶିକାରୀକୁ ଦେଖି ଡରିବାକୁ ଆରମ୍ଭ କରିଦେଲା ।

ସାଧୁ ତାକୁ କହିଲେ, ''ଦେଖ୍ ! ଯେପର୍ଯ୍ୟନ୍ତ ତୋ ଭିତରୁ ଭୟ ଯାଇ ନାହିଁ ସେପର୍ଯ୍ୟନ୍ତ ଖାଲି ରୂପ ବଦଳାଇଲେ ଟିକିଏ ବି ଲାଭ ହେବ ନାହିଁ । ଭୟ ଉପରେ ବିଜୟ ଲାଭ ପାଇଁ ଚେଷ୍ଟା କର ।''

**ପିଲାଙ୍କ ପାଇଁ ଏକ ବିଦେଶୀ କାହାଣୀ :**

# ଅନନ୍ୟ 'ଅର୍ନିକାର'*

ନାନା ଜାତିର ପଶୁମାନଙ୍କ ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟଟିଏ । ଜଣେ ଶିକ୍ଷୟିତ୍ରୀଙ୍କ ପାଖରେ ଅନେକ ଜାତିର ପଶୁଛୁଆ – ସ୍ଥଳଚର, ଉଭୟଚର, ଡେଣା ଥିବା, ଲମ୍ବା ଥଣ୍ଟ ଥିବା, ଶୁଣ୍ଢ ଥିବା, ଲୋମଶ, ଲୋମହୀନ, ଲାଙ୍ଗୁଡ଼ ଥିବା, ଲାଙ୍ଗୁଡ଼ ନଥିବା, ଦୁଇ-ଗୋଡ଼ିଆ, ଚାରିଗୋଡ଼ିଆ, ଶିଙ୍ଗ ଥିବା, ନିଶ ଥିବା, ତା'ଛଡ଼ା ଅଣ୍ଡଜ ଓ ସ୍ତନ୍ୟପାୟୀ – ସବୁପିଲାଏ ପଢ଼ିବାକୁ ଆସନ୍ତି । ସେମାନଙ୍କ ବ୍ୟବହାର ଆଚରଣ ଭିନ୍ନ ହେଲେ ବି ଶିକ୍ଷୟିତ୍ରୀଙ୍କ ପାଖରେ ସମସ୍ତେ ସମାନ, ସେ ସେମାନଙ୍କୁ ପଢ଼ାନ୍ତି, ଖେଳାନ୍ତି, ଚିତ୍ରାଙ୍କନ, ସଙ୍ଗୀତ ଆଦି ଶିଖାନ୍ତି ।

ଦିନେ ସେଇ ଶିକ୍ଷିକାଙ୍କ ମନକୁ ଆସିଲା – ପିଲାମାନେ ସେମାନଙ୍କ ବିଶେଷ ଜାତି ଅନୁଯାୟୀ ଦଳ ବାନ୍ଧନ୍ତୁ, ତା'ହେଲେ ସେମାନେ ଯିଏ ଯେଉଁ ଗୁଣର ବିଶେଷ ଅଧିକାରୀ, ସେକଥା ଜାଣି ପାରିବେ ଓ ନିଜର ଉତ୍ସ ବିଷୟରେ ବି ସଚେତ ହେବେ । ଏପରି ଅନୁଜ୍ଞା ପାଇବା ମାତ୍ରେ ସେମାନେ ନିଜ ଭିତରେ ଦଳ ବାନ୍ଧିବାକୁ ଆରମ୍ଭ କଲେ । ଅଣ୍ଡଜମାନେ ସ୍ୱତନ୍ତ୍ର ଦଳ, ସ୍ତନ୍ୟପାୟୀମାନେ ବି ସେମିତି ପୃଥକ୍ ଦଳ, ଶୁଣ୍ଢ ଥିବା ଦଳଠାରୁ ଶିଙ୍ଗ ଥିବା ଦଳ ହେଲେ ଅଲଗା, ଥଣ୍ଟବାଲା ପକ୍ଷୀଜାତୀୟ ଓ ସ୍ଥଳଚର ବି ଅଲଗା ହେଲେ, ପତଳା ଲୋମ ଥିବା ବିଲେଇ, କୁକୁର ଆଦି ପ୍ରାଣୀ ଅଲଗା ତ ଭାଲୁ, ଠେକୁଆ ଆଦି ବେଶୀ ଲୋମ ଥିବା ପ୍ରାଣୀ ଅଲଗା ହେଲେ , ଲମ୍ବା ଓ ବଡ଼ କାନଥିବା ହାତୀ ଭଳି ପ୍ରାଣୀ ବି ପୃଥକ୍ ହୋଇ ଠିଆ ହେଲେ । ସେମାନଙ୍କ ମଧ୍ୟରେ 'ଅର୍ନିକାର'– ସେ କିନ୍ତୁ ଥିଲା ଅଦ୍ଭୁତ, ଅବଶ୍ୟ ଅଣ୍ଡଜ, କିନ୍ତୁ ସ୍ତନ୍ୟପାୟୀ; ସେ ଉଭୟଚର, ବତକ ପରି ଚଉଡ଼ା ଥଣ୍ଟ ଓ ପାଦ ଦୁଇଟି ମଧ୍ୟ ବତକ ପରି, ଭାଲୁଙ୍କ ପରି ଲୋମ ବହୁତ, ସେଥିରେ ଲାଙ୍ଗୁଡ଼ଟି ବି ବେଶୀ ବଡ଼ ନୁହେଁ, ମାତ୍ର ମୋଟା ଓ ଲୋମଶ । ସେ ନିଜକୁ ଚାହିଁ ଭାବିଲା : 'ମୁଁ ତ ପକ୍ଷୀମାନଙ୍କ ଦଳରେ ଅନ୍ତର୍ଭୁକ୍ତ' । ସେମାନଙ୍କ ଭିତରେ ପଶିବାକୁ ଯାଇ ପ୍ରଥମ ବାଧା ସେଇଠି ପାଇଲା, କାରଣ ଡ଼େଣା ବିଶିଷ୍ଟ ନୁହେଁ, ଖାଲି ଅଣ୍ଡଜ ହେଲେ କ'ଣ ହେବ, ସେ ତ ମା'ର ସ୍ତନ୍ୟପାନରେ ବଡ଼ ହୋଇଛି । ସେଠାରୁ ନିରାଶ ହୋଇ ସେ ଗଲା ବିଲେଇ, କୁକୁରଙ୍କ ଦଳକୁ, ସେମାନଙ୍କ ପରି ଚାରିଗୋଡ଼ ବିଶିଷ୍ଟ ସିଏ । ସେମାନେ ଛିଛାକର କରି ତଡ଼ିଦେଲେ ତାକୁ ଦାନ୍ତ ଦେଖାଇ । ବିଚରା କରେ କ'ଣ, ବତକର ପାଦ ଭଳି ପାଦ, ବତକର ଥଣ୍ଟ ଭଳି ଚଉଡ଼ା ଥଣ୍ଟ, ଏହା କ'ଣ ତା'ର ଦୋଷ, 'ସେଥିପାଇଁ ତ ମୁଁ ପାଣିରେ ଚାଲିପାରେ, ଦୌଡ଼ିପାରେ' । ତା'ପରେ ସେ ଗଲା ବଗ ଓ ହଂସମାନଙ୍କ ଦଳକୁ । ସେମାନେ ତାଙ୍କର ମୁନିଆ ଲମ୍ବା ଥଣ୍ଟ ଓ ମୁନିଆ ନଖରେ ତାକୁ ଆଘାତ କରିବାକୁ ଲାଗିଲେ; ଭୟରେ ଅର୍ନିକାର ସେମାନଙ୍କ ପାଖରୁ ପଳାଇ ଆସିଲା, ସେମାନେ କହିଲେ, 'ତୁ ପାଣିରେ ଚାଲି ପାରିଲେ କ'ଣ ହେବ, ତୋର ତ ଡେଣା ନାହିଁ, ଆମ ଭଳି ତୁ କ'ଣ ଉଡ଼ିପାରିବୁ ?'


ଏମିତି ସବୁଠାରୁ ତଡ଼ାଖାଇ ସେ ଆଉ ବଡ଼ ପଶୁଙ୍କ ପାଖ ପଶିଲା ନାହିଁ, କାଳେ ସେମାନେ କହିବେ ତୋର ତ ଆମ ଭଳି ବଳ ନାହିଁ, ମୁନିଆ ଦାନ୍ତ ବା ନଖ ନାହିଁ ଅନ୍ୟ ଜନ୍ତୁକୁ ବିଦାରିବା ପାଇଁ । ତେଣୁ ଅର୍ନିକାର ଶିକ୍ଷୟିତ୍ରୀଙ୍କ ନିକଟକୁ ଫେରି ତା'ର ଗୁହାରି କହିଲା, କେହି ବି ଜନ୍ତୁ ତାକୁ ଆପଣାର ଗୋଷ୍ଠୀରେ ନେବାକୁ ଚାହୁଁ ନାହାନ୍ତି । ଶିକ୍ଷୟିତ୍ରୀ ବି ଆଶ୍ଚର୍ଯ୍ୟ ହୋଇ ଭାବିଲେ, ଏଇ ପଶୁଛୁଆଟି ତ ବିଚିତ୍ର ! ଅନେକ କିଛି ଏହାର ଅଛି, ଯାହା ଅନ୍ୟମାନଙ୍କର ନାହିଁ; ଅଥଚ ଏହା କୌଣସି ଜାତିର ଅନ୍ତର୍ଭୁକ୍ତ ହୋଇପାରୁ ନାହିଁ । ସେ ତାଙ୍କ ବିଶାଳ ପୋଥି ଖୋଜି ବସିଲେ ପଶୁଜାତିର ବର୍ଣ୍ଣନା ଓ ବୈଚିତ୍ର୍ୟ ମଧ୍ୟରେ ଅର୍ନିକାର କେଉଁଠି ପଶିବ । ତା' ଭିତରେ ସେ ମଜ୍ଜିଗଲେ, ଭୁଲିଗଲେ ବିଚରା ପଶୁଛୁଆଟିର ଅଭିଯୋଗର କଥା । ଇତ୍ୟବସରେ କେହି ଗୋଟିଏ ଛୁଆ ଆସି ଖବର ଦେଲା ଅର୍ନିକାର କେଉଁଠି ଦେଖାଯାଉ ନାହିଁ, କେଉଁଆଡ଼େ ପଳାଇ ଯାଇଛି ।

---

* 'ଅର୍ନିକାର' ଶବ୍ଦଟି ଫରାସୀ ଭାଷାରେ 'ବିଶେଷ ପ୍ରାଣୀ' ଅର୍ଥରେ ବ୍ୟବହୃତ ହୁଏ । ଏଇ ଜନ୍ତୁଟି ଅଷ୍ଟ୍ରେଲିଆରେ ଦେଖିବାକୁ ମିଳେ । ଅଭିଧାନରେ ଏହି ପ୍ରକାର ବିଶେଷ ଜନ୍ତୁକୁ Duck-billed Platypus ବୋଲି ଉଲ୍ଲେଖ କରାଯାଇଛି, ଯିଏ ଅଣ୍ଡଜ ହୋଇ ବି ସ୍ତନ୍ୟପାୟୀ ।

ତରତର ହୋଇ ଶିକ୍ଷୟିତ୍ରୀ ତାଙ୍କ ପୋଥି-ଅଭିଯାନ ଛାଡ଼ି କେତେଜଣଙ୍କୁ ସାଙ୍ଗରେ ନେଇ ଖୋଜିବାକୁ ଗଲେ । ଏଠି ସେଠି ସନ୍ଧାନ କରି ଦେଖିଲା ବେଳକୁ ଏକାନ୍ତ ନିରୋଳା ଜାଗାରେ ମୁହଁମାଡ଼ି କାନ୍ଦୁଛି ଅର୍ନିକାର । ଶିକ୍ଷୟିତ୍ରୀ ତାକୁ ପ୍ରବୋଧନା ଦେଇ କାଖେଇ କରି ନେଇ ଆସିଲେ । ସେ ନିଜର କୋହ ଚାପି କାନ୍ଦମିଶା କଣ୍ଠରେ କହିଲା –''ଆମେ କେତେ ଭଲ ଥିଲୁ ଆଗେ, କିଛି ଭାଗ-ବିଭାଗ ନ ଥିଲା ଆମ ଭିତରେ । ଯାହାର ଯାହା ବିଶେଷ ଗୁଣ, ତାହା ଥାଉ ନା, ସମସ୍ତେ ତ ଆମେ ପଶୁଜାତି – ପରସ୍ପରକୁ ସାହାଯ୍ୟ କରି ଖେଳିବା, କୁଦିବା, ଗୀତ ବୋଲିବା, ଚିତ୍ର ଆଙ୍କିବା କିସମ-କିସମର ।''

ଶିକ୍ଷୟିତ୍ରୀ ଦେଖିଲେ ଅର୍ନିକାରର କଥା ତ ବେଶ୍ ସଙ୍ଗତ ! ସେ ସେଇସବୁ ଜାତି ଓ ଗୁଣର ବିଶେଷତ୍ୱ ଦେଖି ଯେଉଁ ଅଲଗା ଅଲଗା ଗୋଷ୍ଠୀ ଗଢୁଥିଲେ ପିଲାଙ୍କୁ ଶିଖାଇବା ପାଇଁ, ତାହା ଭାଙ୍ଗି ଦେଲେ । ସମସ୍ତେ ଏକାଠି ପଢ଼ିଲେ, କେତେକଥା ନୂଆ କରି ଜାଣିଲେ, ଶିଖିଲେ । ସମସ୍ତେ ଯେତେବେଳେ ଥିବେ ଅର୍ନିକାରର ଆଗ୍ରହ ବେଶୀ ଥିବା ଦେଖାଗଲା, ଯଦି କେହି ପଛରେ ପଡ଼ିଯାଇଥାଏ, ତାକୁ ସିଏ ନିଜ ଭାଷାରେ ଦେଖାଇ ବୁଝାଇ ଦିଏ । ଚିତ୍ରାଙ୍କନ ଶ୍ରେଣୀରେ ତ ସବୁଠାରୁ ମଜା । ସେଠି ନିଜର ମୋଟା ରୁମ୍-ରୁମିଆ ଲାଞ୍ଜରେ ରଙ୍ଗବୋଳି ତୂଳୀ ପରି ବ୍ୟବହାର କରି କାହାର ଚିତ୍ରକୁ ସୁନ୍ଦର କରିଦେଲାଣି ତ ପୁଣି କେହି ଯଦି ସ୍ଥଳଭାଗର ଦୃଶ୍ୟ ଆଙ୍କୁ ଥାଏ, ସେଠି ଯାଇ ହାଜର ହୁଏ, ସବୁଜ ରଙ୍ଗବୋଳି ତା'ର ଲୋମଶ ଦେହରେ ସେଇ ଚିତ୍ରଟି ଉପରେ ଗଡ଼ି ଯିବା ହେତୁ ଯେମିତି ଶାଗୁଆ ରଙ୍ଗର ଗାଲିଚାଟିଏ ବିଛାଇ ଦେଉଛି, ସେଇପରି ମନେହୁଏ । କେହି ଯଦି ନିଜର ଆଙ୍କିଥିବା ଦୃଶ୍ୟପଟକୁ ଲମ୍ବାଗଛ ପତ୍ରରେ ଶୋଭିତ କରିବାକୁ ଚାହୁଁଥାଏ, ସେଠି ସିଏ ଶିଡ଼ିଟିଏ ପକାଇ ଅତିଶୀଘ୍ର ଚଢ଼ିଯାଇ ସେଇ ଚିତ୍ରଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ଲାଗିପଡ଼େ । ସମସ୍ତଙ୍କ କାମକୁ ସେ ନିଜର କାମ ମନେକରେ, ଆପଣାପର ବୋଲି କିଛି ହେଲେ ନାହିଁ ତା'ର । ଏଇମିତି ବର୍ଷେ ବିତିଗଲା । ବିଦ୍ୟାଳୟର ବାର୍ଷିକ ଉତ୍ସବ ହେଲା । ସବୁ ପିଲାଙ୍କୁ ବିଶେଷ କୃତିତ୍ୱ ପାଇଁ ପୁରସ୍କାର ଦିଆଗଲା, ସମସ୍ତଙ୍କୁ ପାରିତୋଷିକ ବି ଦିଆଗଲା । ଅର୍ନିକାରକୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଲା – ନିଜେ ସବୁବେଳେ ଖୁସୀ ରହି ସମସ୍ତଙ୍କ କାମରେ ସହାୟତା କରିଛି ବୋଲି – ତା'ର ବନ୍ଧୁପ୍ରିୟତା ଓ ସାହାଯ୍ୟ କରିବାର ମନୋବୃତ୍ତି ଯୋଗୁଁ । ସେ ନିଜର ବିଶେଷଗୁଣକୁ ଅନ୍ୟମାନଙ୍କର ପ୍ରୟୋଜନରେ ଲଗାଇଛି ବୋଲି ଶିକ୍ଷୟିତ୍ରୀ ତାକୁ ସମସ୍ତଙ୍କ ଉପସ୍ଥିତିରେ ଉଚ୍ଚ ପ୍ରଶଂସା କଲେ । ❑



ଅର୍ନିକାର (Duck-billed Platypus)

ପ୍ରଣାମ ନାରୀଶକ୍ତି (୨୬) :

# ନାଇକି ଦେବୀ

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତର ଗୌରବମୟ ଇତିହାସରେ ଯେଉଁ ଦୁର୍ଜୟ ଓ ତେଜସ୍ୱିନୀ ରାଣୀମାନେ ନିଜକୁ ଅଦମ୍ୟ ସାହସିନୀ ଓ ପ୍ରଚଣ୍ଡ ଯୋଦ୍ଧ୍ରୀ ଭାବରେ ପ୍ରମାଣିତ କରିଛନ୍ତି, ସେମାନଙ୍କ ମଧ୍ୟରେ ଦୁର୍ଦାନ୍ତ ମହମ୍ମଦ ଘୋରୀକୁ ପ୍ରତିହତ କରିଥିବା ଗୁଜରାଟର ରାଣୀ ନାଇକି ଦେବୀ ଅନ୍ୟତମ ।

ମେରୁତୁଙ୍ଗା ରାଜ୍ୟର 'ପ୍ରବନ୍ଧ ଚିନ୍ତାମଣି'ର ଲେଖା ଅନୁଯାୟୀ ଗୋଆର କଦମ୍ବ ରାଜା ଚାନ୍ଦେଲା ବଂଶଜ ମହାମଣ୍ଡଳେଶ୍ୱର ପରମାର୍ଦ୍ଦି ବର୍ମନ୍ ଓ ରାଣୀ ମହ୍ଲାନା ପ୍ରତିହାରୀଙ୍କ କନ୍ୟା ଥିଲେ ନାଇକି ଦେବୀ । ତାଙ୍କର ଶୈଶବ ଜୀବନ ସମ୍ପର୍କରେ ବିଶେଷ ତଥ୍ୟ ଉପଲବ୍ଧ ହୋଇ ନଥିଲେ ମଧ୍ୟ ସେ ଅସି ଚାଳନା, ସେନା ପରିଚାଳନା, ଅଶ୍ୱାରୋହଣ ଓ କୂଟନୀତି ଆଦି କ୍ଷେତ୍ରରେ ଥିଲେ ଉଚ୍ଚ ପ୍ରଶିକ୍ଷିତା । ତାଙ୍କର ବିବାହ ହୋଇଥିଲା ଚାଲୁକ୍ୟ ବଂଶଜ ଅଜୟପାଳଙ୍କ ସହ । ତାଙ୍କର ପୁତ୍ର ମୂଳରାଜ ଦ୍ୱିତୀୟ ନାବାଳକ ଥିବା ବେଳେ ରାଜା ଅଜୟ ପାଳଙ୍କ ମୃତ୍ୟୁ ହୋଇଥିଲା । ଏଣୁ ମୂଳରାଜ ଦ୍ୱିତୀୟ ନାବାଳକ ରାଜା ଭାବରେ ସିଂହାସନ ଆରୋହଣ କରିଥିଲେ ୧୧୭୫ ମସିହାରେ ଏବଂ ରାଣୀ ନାଇକି ଦେବୀ ଶିଶୁପୁତ୍ରର ପ୍ରତିନିଧି ଭାବରେ ରାଜ୍ୟ ଶାସନ ହାତକୁ ନେଇଥିଲେ ।

ଚାଲୁକ୍ୟ (ଶୋଲାଙ୍କି)ମାନଙ୍କର ରାଜଧାନୀ ଥିଲା ଅହ୍ନିଲ୍‌ୱାରା ପଟନ । ଏହା ଥିଲା ଏକ ସମୃଦ୍ଧଶାଳୀ ନଗରୀ । ଏହାକୁ ପ୍ରତିଷ୍ଠା କରିଥିଲେ ଅଷ୍ଟମ ଶତାବ୍ଦୀର ଚପଟ୍‌କାଟା ବଂଶର ରାଜା ବନରାଜ । ୧୦୦୦ ମସିହାରେ ଆମେରିକୀୟ ଐତିହାସିକ ଟେର୍‌ଟିଅସ୍ ଚାନ୍ଦିଏର୍ (Tertius Chandier)ଙ୍କ ମତରେ ଏହି ପ୍ରାଚୀନ ନଗରୀ ତଥା ଦୁର୍ଗ ଥିଲା ବିଶ୍ୱରେ ଦଶମ ବୃହତ୍ତମ ନଗରୀ ଏବଂ ଜନସଂଖ୍ୟା ଥିଲା ପ୍ରାୟ ଏକ ଲକ୍ଷ ।

ଏହାକୁ ଅଧିକାର କରିବା ପାଇଁ କୁଖ୍ୟାତ ମହମ୍ମଦ ଘୋରୀ ତା'ର ବିଶାଳ ସେନା ସହ ବର୍ତ୍ତମାନ ପାକିସ୍ତାନର ପଞ୍ଜାବ ରାଜ୍ୟର ମୁଲତାନ୍ ଓ ଉଚ୍ ଦୁର୍ଗ ଅଧିକାର କରିବା ପରେ ଦକ୍ଷିଣରେ ଥର୍ ମରୁଭୂମି ଅତିକ୍ରମ କରି ରାଜପୁତାନା ଏବଂ ସମୃଦ୍ଧ ଓ ସୁରକ୍ଷିତ ନଗରୀ ଅହ୍ନିଲ୍‌ୱାରା ଅଭିମୁଖେ ଅଗ୍ରସର ହେଲା । ତା'ର ଉଦ୍ଦେଶ୍ୟ ଥିଲା ଏହାକୁ ଅଧିକାର କରି ଇସଲାମ ଧର୍ମର ରାଜ୍ୟରେ ପରିଣତ କରିବା । ଘୋରୀ ଜାଣିଥିଲା ଯେ ଗୁଜରାଟକୁ ଏକ ନାବାଳକ ଶାସନ କରୁଛି ଏବଂ ଜଣେ ମହିଳା ତା'ର ତତ୍ତ୍ୱାବଧାରିକା ରୂପେ ଶାସନ କାର୍ଯ୍ୟ ପରିଚାଳନା କରୁଛନ୍ତି । ଏଣୁ ଏହି ରାଜ୍ୟ ଉପରେ ସହଜରେ ବିଜୟ ପ୍ରାପ୍ତି ହେବା ନିଶ୍ଚିତ ବୋଲି ଘୋରୀର ଧାରଣା ଥିଲା । ମାତ୍ର ତାକୁ ଏକଥା ଜଣା ନଥିଲା ଯେ ଚାଲୁକ୍ୟର ସାମରିକ ବାହିନୀ ସେହି ବାଳକର ମାତା ରାଣୀ ନାଇକି ଦେବୀଙ୍କ ନେତୃତ୍ୱର କଡ଼ା ପ୍ରତିରୋଧ କରିପାରିବ ବୋଲି ।

୧୧୭୮ ମସିହାରେ ନାଇକି ଦେବୀ ଗୁପ୍ତଚରଠାରୁ ଖବର ପାଇଥିଲେ ଯେ ମୁସଲମାନ ସେନା ତାଙ୍କ ରାଜଧାନୀ ଆଡ଼କୁ ମାଡ଼ି ଆସୁଛି । ମାତ୍ର ଆସନ୍ନ ବିପଦରେ ରାଣୀ ଆଦୌ ଭୟଭୀତ ନହୋଇ ଏକ ଉତ୍ତମ ଯୋଜନା ପ୍ରସ୍ତୁତ କଲେ । ଖୁବ୍ ଶୀଘ୍ର ସେ କେତେକ ସାମନ୍ତରାଜାଙ୍କ ଠାରୁ ସହଯୋଗ ଲୋଡ଼ିଲେ । ଏମାନଙ୍କ ମଧ୍ୟରେ ଥିଲେ ଜାଲୋର୍ ଚାହମାନାର ଶାସକ କୀର୍ତ୍ତିପାଲ, ଅର୍ବୁଦ ପାରମାରର ଶାସକ ଧରାବର୍ଷ, ନାଦୁଲା ଚାହମାନାର ଶାସକ କଲ୍ୟାଣ ଦେବ ଏବଂ ଆହୁରି କେତେଜଣ ଶାସକ । ସେମାନେ ସମସ୍ତେ ରାଣୀଙ୍କୁ ସହଯୋଗର ହାତ ବଢ଼ାଇଲେ ।

ଘୋରୀ ମାଉଣ୍ଟ୍ ଆବୁ ନିକଟରେ କୟାଦରାଠାରେ ସେନା ଛାଉଣୀ ପକାଇ ଚାଲୁକ୍ୟ ରାଣୀଙ୍କ ରାଜସଭାକୁ ଦୂତ ମାଧ୍ୟମରେ ଏକ ପତ୍ର ପ୍ରେରଣ କଲା । ଏଥିରେ ଲେଖାଥିଲା ଯେ ସେ ଅହ୍ନିଲ୍‌ୱାରା ରାଜ୍ୟକୁ ଆକ୍ରମଣ କିଂବା ଲୁଣ୍ଠନ କରିବ ନାହିଁ; ଯଦି ରାଣୀ ନିଜର ଶିଶୁପୁତ୍ର ସହ ଘୋରୀ ନିକଟରେ ଆତ୍ମ-ସମର୍ପଣ କରନ୍ତି ଏବଂ ଏଥିସହ ରାଜ୍ୟର ସମସ୍ତ ସ୍ୱର୍ଣ୍ଣ ତଥା ରମଣୀମାନଙ୍କୁ ମଧ୍ୟ ତା' ନିକଟରେ ସମର୍ପଣ କରି ଦିଅନ୍ତି ।

ଘୋରୀର ଏହି ସର୍ତ୍ତସବୁକୁ ମାନି ନେବା ପାଇଁ ରାଣୀ ଚତୁରତାର ସହିତ ରାଜି ହୋଇଗଲେ । ଏହା ମଧ୍ୟରେ ଆକ୍ରମଣକାରୀ ସେନାମାନଙ୍କ ସହିତ ଯୁଦ୍ଧର ମୁକାବିଲା ପାଇଁ ରାଣୀ ସୁସଙ୍ଗଠିତ ଯୋଜନା ପ୍ରସ୍ତୁତ କରି ସତର୍କତାର ସହିତ

*(ଅବଶିଷ୍ଟାଂଶ ପୃଷ୍ଠା ୫୫ରେ ଦେଖନ୍ତୁ)*

# ଗୁଣନର ଚମତ୍କାରିତା
## ଧର୍ମ କୁମାର ଶତପଥି

ପୂର୍ବ ଦିଗର ଆକାଶରେ ଢେର୍ ଉପରକୁ ସୂର୍ଯ୍ୟ ଉଠି ଆସିଲେଣି । ଆଜି ଛୁଟିଦିନ ହେତୁ ଚିରାଚରିତ ରୁଟିନ୍‌ବନ୍ଧା କାର୍ଯ୍ୟଧାରାରୁ ସାମାନ୍ୟ ବିଶ୍ରାମ ମିଳିଛି । ଅଫିସ ଦିନମାନଙ୍କରେ ସକାଳ ସମୟଟା ଭାରି ନିଅଣ୍ଟ ମନେ ହୁଏ । ଏକାଧିକ କାମକୁ ସୀମିତ ସମୟ ମଧ୍ୟରେ ସମାପ୍ତ କରିବାକୁ ହୁଏ । ଆଜି ସେପରି ଟଣାଟଣି ନାହିଁ ।

ମୁଁ ଅଗଣାର ବିଶ୍ରାମ ପିଣ୍ଡିରେ ବସିଛି ମୋର ନିତିଦିନିଆ ପଟାଖଟ ଉପରେ । ଚାରିଆଡ଼େ ଶାନ୍ତ, ନୀରବ ପରିବେଶ । ଅଦୂରର ତାଳ ଗଛରେ କେତୋଟି କପୋତ ପକ୍ଷୀ ତାଙ୍କ ନିଜସ୍ୱ ଶୈଳୀରେ ଘୁଟୁର ଘୁଟୁର କରି ଡିଆଁ ଡେଇଁ କରୁଛନ୍ତି । ସରକାରୀ ବାସଭବନରେ ମୋ ପରିବାରର ସଦସ୍ୟମାନଙ୍କର ସକାଳ ସମୟଟି ଚା' କପ୍ ଓ ଖବର କାଗଜର ଆବୁରୁଜାବୁରୁ ଖବରରେ ଘାଣ୍ଟିଚକଟି ହେବା ବ୍ୟତୀତ ଆଉ କ'ଣ ବା ଅଛି !

ଇତି ମଧ୍ୟରେ ଗଣିତ ବିଷୟରେ ବିଭିନ୍ନ କୌତୁକିଆ କଥା କହି ଝିଅ ସହିତ ଅନେକ ଛୁଟି ଦିନକୁ ସରସ କରି ବିତାଇଛି । ସେଥିରେ ମୋର ପିଲାଦିନ ଓ ଛାତ୍ରାବସ୍ଥାର ଘଟଣାସବୁ ଜଡ଼ିତ ହୋଇ ରହିଛି । ଝିଅ ମଧ୍ୟ ପରମ ଆନନ୍ଦରେ ଓ ଅତ୍ୟନ୍ତ ଆଗ୍ରହରେ ସେସବୁକୁ ଆତ୍ମସ୍ଥ କରିଛି । କେତୋଟି ବିଷୟ ତାକୁ ଏତେ ଆଗ୍ରହୀ କରିଛି ଯେ, ସେ ତା'ର ସହପାଠିନୀମାନଙ୍କୁ ଏବଂ ଏପରିକି ତା' ଗଣିତ ଶିକ୍ଷକଙ୍କୁ ମଧ୍ୟ ମୋ ବିଷୟରେ ଜଣାଇଛି । ସେମାନେ ସୁନ୍ଦର ସୁନ୍ଦର ଟିପ୍ପଣୀ ବାଢ଼ିଛନ୍ତି ଖୋଲା ହୃଦୟରେ । ଏମିତି କେତେ ଛୁଟିଦିନ ଅତିବାହିତ ହୋଇଛି ସମୟର ଚଳମାନ ସ୍ରୋତରେ, ତାହା କେହି କହି ପାରିବେ ନାହିଁ ।

ଝିଅକୁ ସକାଳୁ ଦେଖି ନାହିଁ । କେତେବେଳୁ ଉଠି ତା'ର ନିତ୍ୟକର୍ମ ସାରି କୁଆଡ଼େ ତା' ସାଙ୍ଗ ପାଖକୁ ଯାଇଛି ବୋଧହୁଏ । ମାତ୍ର ସକାଳ ଆଠଟାରୁ ଅଧିକ ସମୟ ହେଲାଣି, ଏଯାଏ ଫେରି ନାହିଁ ! ମନେ ପଡ଼ିଲା ଦୁଇଦିନ ତଳେ ତାଙ୍କ ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ସମସ୍ତେ କୁଆଡ଼େ ବଣଭୋଜି କରିବାକୁ ଯିବେ । ସେଥିପାଇଁ ଚାନ୍ଦା ଦେବାକୁ କହୁଥିଲା । ଆଗାମୀ କାଲି ସିଏ ସ୍କୁଲ ଯିବା ବେଳକୁ ମନେ ପକାଇ ତାକୁ ତା'ର ଚାନ୍ଦା ପଇସା ଦେଇ ଦେବି । ଠିକ୍ ଅଛି । ଛୁଟିଦିନ ହେତୁ କେଉଁ କେଉଁ ସାଙ୍ଗମାନଙ୍କ ସହ ଗପସପ, ପାଠପଢ଼ା ଅଥବା ବଣଭୋଜି କଥା ଆଲୋଚନାରେ ମସଗୁଲ ରହି ସମୟ କଥା ଚିନ୍ତା କରି ନାହିଁ ବୋଧହୁଏ । ଏମିତି କେତେ କଥା ଚିନ୍ତା କରି କରି ମୁଁ ଓହ୍ଲାଇ ଆସିଲି ଗଣିତ ଜଗତର ସଂଖ୍ୟାମାନଙ୍କ ଅଦ୍ଭୁତ ଗୁଣ ଉପରକୁ । ଏ ସଂଖ୍ୟା ବା ଅଙ୍କମାନଙ୍କର ଯାଦୁକରିତାକୁ ବୁଝାଇ ତା' ସହ କେତେ କେତେ ଆଲୋଚନା କଲିଣି । ସେସବୁକୁ ସେ କେତେ ଆଗ୍ରହ ଉତ୍ସାହ ସହ ଗ୍ରହଣ କରିଛି । ପ୍ରଶ୍ନ ପଚାରିଲେ ପ୍ରାସଙ୍ଗିକ ଉତ୍ତର ଦେଇ ମୋତେ ମଧ୍ୟ ଆଶ୍ଚର୍ଯ୍ୟଚକିତ କରିଛି । ତା' ସହ ଭାବ ବିନିମୟ ଓ ଗପସପ କରି କରି ମୁଁ ଯେମିତି ଗୋଟିଏ ଗପୁଡ଼ା ମଣିଷରେ ପରିଣତ ହୋଇ ଗଲିଣି ।

ଛୁଟିଦିନର ଅଧିକାଂଶ ସମୟ ଝିଅ ସହ ବିତାଇବାରେ ମୁଁ ଢେର୍ ଆନନ୍ଦ ପାଉଛି । ଆଜିର ଛୁଟିଦିନରେ ମଧ୍ୟ ଭାବିବା ପାଇଁ ଢେର୍ ସୁଯୋଗ ଓ ଅବସର ରହିଛି । କୁଆଡ଼େ ଯାଇଛି, ଏବେ ଆସିଲେ ତା' ସହ କିଛି ସଂଖ୍ୟାର କୌତୁକ କଥା ଆଲୋଚନା କରିଥା'ନ୍ତି ।

ଏମିତି ଭାବି ହେଉଛି । ମୋ କଥା, ମୋ ଛାତ୍ର ସମୟର କଥା, ପରିବାରର କଥା ଏବଂ ଚାକିରି କ୍ଷେତ୍ରର କଥା ଇତ୍ୟାଦି, ଇତ୍ୟାଦି । ...

ହଠାତ୍ ଲକ୍ଷ୍ୟ କଲି, ଝିଅ ଖାତା କଲମ ଧରି ତା'ର ପଢ଼ାଘରୁ ବାହାରି ଆସୁଛି । ଜାଣିଲି, ସିଏ କେତେବେଳୁ ତା'ର ପଢ଼ାଘରେ ରହି କ'ଣ ପଢ଼ାପଢ଼ି, ପାଠକାମ କରୁଥିଲା – ନୀରବରେ । ଏମିତି ସେ କେବେ କେବେ ସେଇ ପଢ଼ା ଘରେ ଚୁପ୍‌ଚାପ୍ କ'ଣ ସବୁ କାମରେ ଲାଗି ରହେ ଯେ ଘଣ୍ଟା ଘଣ୍ଟା ବିତିଯାଏ ।

ଝିଅ ମୋ ଆଡ଼କୁ ଆସୁଛି ଦେଖି ମୁଁ ଠଉରାଇ ନେଲି ଯେ ଏବେ ମୋତେ ସିଏ ଗୋଟିଏ ଅଙ୍କର କଥା କହିବାକୁ ଅଝଟ କରିବ । ସେଥିପାଇଁ ଆଜିର ପରିବେଶ ବି ସୁହାଉଛି । ମାତ୍ର କ'ଣ କହିବି ? ହଁ କହିବି କି ନା କହି ତା'ର ଅନୁରୋଧ, ଉପରୋଧକୁ ଟାଳି ଯିବି, ଭାବି ହେଲି ।

ପ୍ରସ୍ତୁତ ହେଲି । ପାଖକୁ ଆସୁ । କ'ଣ କହୁଛି କହୁ । ତା'ପରେ ଉତ୍ତର ଦେବି – ତା'ର ପ୍ରଶ୍ନ ଅନୁସାରେ । ଏବେ ନଇ ନଦେଖି ଛାନିଆଁ ହେବାର ନାହିଁ । ତାକୁ ନଜର କରି ରହିଲି । ଅବସ୍ଥା ଦେଖି ବ୍ୟବସ୍ଥା କରିବା ବିଜ୍ଞତାର ପରିଚୟ ।

ଝିଅ ଖାତା କଲମ ସହ ଆସି ମୋ ପାଖରେ ବସିଲା । ତା' ନୋଟ୍ ଖାତାରେ ଟିପି ରଖିଥିବା ଗୋଟିଏ ଗୁଣନ ୪୨x୧୨ = ୫୦୪ ଓ ୨୪x୨୧ = ୫୦୪ କୁ ଦେଖାଇ କହିଲା – ''ବାପା ! ଏଇ ଗୁଣନକୁ ଦେଖ ! ଦୁଇ ପ୍ରକାରର ଗୁଣ୍ୟ ଓ ଗୁଣକକୁ ନେଇ ଗୁଣନ କଲେ ଗୁଣଫଳ ସମାନ ରହୁଛି । ପୁଣି ଉଭୟ ଗୁଣନରେ ଗୁଣ୍ୟ ଓ ଗୁଣକ ଦ୍ୱୟର ଅଙ୍କମାନେ ଉଭୟେ ଓଲଟା ଅଟନ୍ତି । ଏପରି କେମିତି ହେଉଛି ? ଅଙ୍କ ବଦଳୁଛି ପୁଣି ଗୁଣଫଳ ସମାନ ରହୁଛି । ବେଶ୍ ମଜାଦାର କଥା ତ !''

ମୁଁ ଦେଖିଲି ୪୨ର ଓଲଟା ୨୪ ଓ ୧୨ର ଓଲଟା ୨୧ । ପୁଣି ଏମାନଙ୍କୁ ଗୁଣନ କଲେ ଗୁଣଫଳ ୫୦୪ । ଝିଅର କୌତୂହଳ ଯଥାର୍ଥ ଓ ମନ ମତାଣିଆ ।

ମୁଁ ଓଲଟି ତାକୁ ପଚାରିଲି – ''ତୁ ଏଇ ଚମତ୍କାର ଗୁଣଫଳ କଥା ଜାଣିଲୁ କେମିତି ? ପାଇଲୁ କେଉଁଠୁ ?''

ସିଏ ଉତ୍ତର ଦେଲା ଏକ ଚପଳମତି ଶିଶୁଟିଏ ପରି, ''ବାପା ! ମୋର ସାଙ୍ଗ ସୁଚିତ୍ରା ସମନ୍ୱିତା କାଲି ମୋତେ ଏଇ ଗୁଣନ ବିଷୟଟି ଦେଲା । ତା'କୁ କୁଆଡ଼େ ଗତ ଦଶହରା ବେଳେ ତା'ର ମାମୁ ଏଇ ଗୁଣନର ମଜା କଥାଟି କହିଥିଲେ । ମୁଁ ତା'ଠାରୁ ଏହା ଟିପି ଆଣିଛି । ଏଇ ଗୁଣଫଳଟି ମୋତେ ବେଶ୍ ଚମତ୍କାର ଲାଗିଛି । ଏପରି କେମିତି ହୁଏ ବାପା ?''

ମୁଁ ତା'ର ଲେଖା ଗୁଣନକୁ ଦେଖିଲି । ଆଖି ଦୁଇଟି ସେଇ ଗୁଣନ ଉପରେ ଥିଲା ସିନା, ମନଟା କିନ୍ତୁ କେଉଁ ଅତୀତ ଦିନର ଅଜଣା ପୁଲକପୂର୍ଣ୍ଣ ସ୍ମୃତିସବୁକୁ ସାଉଁଟି ବୁଲିଲା । ସେଇ ଛାତ୍ର ସମୟରେ ଏଇ ପ୍ରସଙ୍ଗରେ ମୋର ଗଣିତ ସାର୍ ଶଶଧର ମହାଶୟ କହିଥିବା କଥା !

ପ୍ରଥମେ ଯେତେବେଳେ ଅକ୍ଷର ଓ ଅଙ୍କର ପରିଚୟ ପାଇଥିଲି, ତା'ପରେ ପଣକିଆ ୧୦ ଟେବୁଲ ପର୍ଯ୍ୟନ୍ତ ମନେ ରଖିବାକୁ ହୋଇଥିଲା । ଯେବେ ସାର୍ କୌଣସି ଟେବୁଲର ମଝିର ଏକ ପଣକିଆ ପଚାରି ଦେଉଥିଲେ, ମୁଁ ସେଇ ଟେବୁଲର ମୂଳରୁ ଗାଇ ଗାଇ ପଚାରିଥିବା ଗୁଣନ ବା ପଣକିଆର ଠିକ୍ ଉତ୍ତରଟା ଦେଇ ଅଟକି ଯାଉଥିଲି । ପରେ ପରେ ଅବଶ୍ୟ ଏ ସମସ୍ୟା ଆଉ ନଥିଲା । ଗଣିତର ଉଚ୍ଚତର ସୋପାନର ଅନେକ ଜାଣିବାର ବିଷୟ ପରେ ପରେ ଆସିଥିଲା ।

ଦିନେ ଶଶଧର ସାର୍ ଶ୍ରେଣୀରେ ପାଠ ପଢ଼ାଇଲା ବେଳେ ଏକ ଫୁରୁସତ ମୁହୂର୍ତ୍ତରେ ମୋତେ ପଣକିଆରୁ ପଚାରିଥିଲେ । ମୁଁ ୨ ରୁ ୯ ଟେବୁଲକୁ ଗୀତ ଗାଇବା ଭଙ୍ଗିରେ ନିର୍ଭୁଲ ଗାଇଥିଲି ଓ ଠିକ୍ ମନେ ଅଛି ବୋଲି ସାର୍‌ଙ୍କ ଠାରୁ ସାବାସି ମଧ୍ୟ ପାଇଥିଲି ।

ପରେ ସାର୍ ସମସ୍ତଙ୍କୁ ପଚାରିଥିଲେ, ୬x୨ = ୧୨ ଓ ୪x୩ = ୧୨, ଉଭୟ ଗୁଣନରେ ଗୁଣ୍ୟ ଓ ଗୁଣକ ଅଲଗା; ମାତ୍ର ଗୁଣଫଳ ସେଇ ୧୨ହିଁ ହେଉଛି । ଆମେ ଏଥିରୁ ଏତିକି କେବଳ ଜାଣିଥାଉ ନା ଆଉ କ'ଣ କ'ଣ ଏହା ମଧ୍ୟରେ ସବୁ ଲୁକ୍କାୟିତ ବିଷୟ ରହିଥାଏ ?

ଆମେ ନୀରବ ରହିଥିଲୁ । ଆମର ସେତେବେଳେ ଜ୍ଞାନର ପରିସର ସେତିକି ପ୍ରଶସ୍ତ ହୋଇ ନଥିଲା । ସାର୍ ସମାଧାନ କରି କହିଥିଲେ, ବେଶ୍ କୌତୁକିଆ ଢଙ୍ଗରେ, ଯାହା ଆମକୁ ମନେ ରଖିବାକୁ ଯଥେଷ୍ଟ ଖୋରାକ ଯୋଗାଇ ଥିଲା ।

ଏଇ ୬, ୨ ଓ ୪, ୩ ଅଙ୍କକୁ ନେଇ ଆମେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ତିଆରି କରିବା । ଆମେ ପାଇବା ୬୨, ୬୪, ୬୩, ୨୬, ୨୪, ୨୩, ୪୬, ୪୨, ୪୩, ୩୬, ୩୨, ୩୪ । ଏହିପରି ୧୨ଟି ସଂଖ୍ୟା ପାଇବା । ସବୁଠାରୁ ସାନ ସଂଖ୍ୟା ୨୩ ଓ ସବୁଠାରୁ ବଡ଼ ସଂଖ୍ୟା ୬୪ । ଏଇ ୧୨ଟି ସଂଖ୍ୟା ସବୁକୁ ଗୁଣ୍ୟ ଓ ଗୁଣକ ନେଇ ଗୁଣନ କଲେ ଆମେ ୩୬ଟି ଗୁଣଫଳ ବା ଗୁଣନ ପାଇବା । ମଜାକଥା ହେଉଛି ଏଇ ଗୁଣନରେ ୬୩x୨୪ ଓ ୩୬x୪୨ରେ ଗୁଣଫଳ ସମାନ ହୋଇଥାଏ, ତାହା ହେଉଛି ୧୫୧୨ ।

ଝିଅ ଏତେ ବେଳଯାଏ ଏହି ବିସ୍ତାରିତ କାହାଣୀ ଶୁଣି ଯାଉଥିଲା ଏତେ ନିବିଷ୍ଟ ଭାବରେ ଯେ, ସତେ ଯେପରି ସେ କେଉଁଠି ଅଛି, କିପରି ଅଛି, କ'ଣ ଶୁଣୁଛି ତାହା ବି ଭୁଲି ଯାଇଥିଲା ।

ମୁଁ ତାକୁ ପଚାରିଲି – ''କ'ଣ ବୁଝିଲୁ କିଛି ?''

ଝିଅ ସଂବିତ୍ ପାଇ ଫେରି ଆସିଲା ଯେମିତି କେଉଁ ଅଜଣା ରାଇଜରୁ । ଏକ ପ୍ରକାର ଚମକି ପଡ଼ିଲା ପରି କହିଲା, ''ବାପା ! ବୁଝୁଛି । ତୁମ ଛାତ୍ର ବେଳେ ତୁମ ସାର୍ କହିଥିବା ଗଣିତର ଏ ରହସ୍ୟ କେତେ ପରିଷ୍କାର ମନେ ରଖି ପାରିଛ – ତାହା ମୁଁ ଭାବି ହେଉଥିଲି ।''

ସେ ପୁଣି ଥରେ ସଳଖି ବସିଲା । ମୋ ଆଡ଼କୁ ଦୃଷ୍ଟି

ନିବନ୍ଧ କରି ଆଗକୁ ମୁଁ କ'ଣ କହିବି ତାକୁ ଅପେକ୍ଷା କଲା । ଏକ ଦୀର୍ଘଶ୍ୱାସ ଛାଡ଼ିଲା ମଧ୍ୟ ।

ମୁଁ କହିଲି – ''ମୋର ଏଇ ଉଦାହରଣ ୬୩x୨୪ = ୩୬x୪୨ = ୧୫୧୨ ଆଉ ତୋ'ର ସାଙ୍ଗ ସୁଚିତ୍ରା ସମନ୍ୱିତା ଠାରୁ ଆଣିଥିବା ଉଦାହରଣ ୪୨x୧୨ = ୨୪x୨୧ = ୫୦୪ । ଏଇପରି ଦୁଇଟି ଉଦାହରଣ ତୁ ଜାଣି ପାରିଛୁ । ଏଇ ଦୁଇ ଗୁଣନରେ ଗୁଣ୍ୟ ଓ ଗୁଣକ ସଂଖ୍ୟା ଦୁଇଟିକୁ ଓଲଟାଇ ଗୁଣନ କଲେ ମଧ୍ୟ ଗୁଣଫଳ ସମାନ ରହୁଛି ।''

ଝିଅ ଅତ୍ୟନ୍ତ ଖୁସ୍ ମିଜାଜରେ ମୁଣ୍ଡ ଟୁଙ୍ଗାରି 'ହଁ' ଉଚ୍ଚାରଣ କଲା । ଜାଣିଲି, ତା'ର ଉତ୍ସାହ ଖୁବ୍ ବଢ଼ି ଯାଇଛି – ଯାହା ତା'ର ଏଇ 'ହଁ' ଭରିବାରୁ ସୁସ୍ପଷ୍ଟ ।

''ଗୁଣନ ପ୍ରକ୍ରିୟାରେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ଏ ପ୍ରକାର ଗୁଣଧର୍ମର ଗୁଣଫଳ ଆମେ ୯ ପ୍ରକାରରେ ପାଇପାରିବା'' – ମୁଁ କହିଲି ।

ସିଏ ଜଡ଼ା ମଞ୍ଜି ଫାଟିବା ପରି ଦୁଇ ହାତକୁ ଦୁଇ ପଟକୁ ଛାଟିଦେଇ ବସିବା ସ୍ଥାନରୁ କୁଦି ପଡ଼ିବା ସହ ଚିତ୍କାର କଲା, ''ସତରେ ବାପା ! ୯ଟି ପ୍ରକାରରେ ଏମିତି ଯାଦୁକରୀ ଗୁଣନ ରହିଛି ? ବେଶ୍ ମଜାଦାର ତ !''

ମୁଁ କହିଲି – ''ଏଇ ତଳର ଗୁଣନ ଓ ଗୁଣଫଳକୁ ଦେଖ । ଆମେ ଜାଣୁ :

୪ = ୪x୧ = ୨x୨
୬ = ୬x୧ = ୩x୨
୮ = ୮x୧ = ୪x୨
୯ = ୯x୧ = ୩x୩
୧୨ = ୬x୨ = ୪x୩
୧୬ = ୮x୨ = ୪x୪
୧୮ = ୯x୨ = ୬x୩
୨୪ = ୮x୩ = ୬x୪
୩୬ = ୯x୪ = ୬x୬

ଏଠାରେ ଆମେ ପ୍ରତ୍ୟେକ ଗୁଣ୍ୟ ଓ ଗୁଣକମାନଙ୍କୁ ନେଇ ଅଲଗା ଅଲଗା ଢଙ୍ଗରେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କରିବା ଓ ସେମାନଙ୍କୁ ଗୁଣ୍ୟ ଓ ଗୁଣକ ରୂପେ ଗ୍ରହଣ କଲେ, ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉଭୟ ଗୁଣନର ଗୁଣଫଳ ସମାନ ରହିବ । ଯାହାକି ତୋ' ପରି ଆଉ ସମସ୍ତଙ୍କୁ ଏହା ଆଶ୍ଚର୍ଯ୍ୟ କରିଥାଏ ।

ମୋ ବକ୍ତବ୍ୟ ତାକୁ ଏକ ଅଜଣା ରାଇଜର ଯାଦୁକରୀ କଥାର ଅଗନା-ଅଗନି ସୁଡ଼ଙ୍ଗ ଭିତରକୁ କିଏ ଯେମିତି ତାକୁ ଟାଣି ନେଉଛି । ''୪ = ୪x୧= ୨x୨, ଏଇ ଦୁଇ ଗୁଣଫଳର ଗୁଣ୍ୟ ଓ ଗୁଣକରୁ ଗୋଟିଏ ଗୋଟିଏ ଅଙ୍କ ନେଇ ଆମେ ଦୁଇ ଅଙ୍କ ବିଶିଷ୍ଟ ଦୁଇଟି ସଂଖ୍ୟା ପାଇବା । ଯାହା ତୋ' ସାଙ୍ଗ ତା' ମାମୁଙ୍କ ଠାରୁ ଜାଣିଛି । ଆଉ ତୁ ତାକୁ ଖାତାରେ ଟିପି ଆଣିଛୁ । ସେଇଟା ହେଲା, ୪୨x୧୨ = ୨୪x୨୧ । ପ୍ରଥମ ଗୁଣନରୁ ୪ ଓ ଦ୍ୱିତୀୟ ଗୁଣନରୁ ୨ ଏବଂ ପରବର୍ତ୍ତୀ ଗୁଣନରୁ ଅନୁରୂପ ଭାବେ ୨ ଓ ୨ କୁ ନେଇ ୪୨ ଓ ୧୨ ପାଇବା, ଏହାକୁ ଓଲଟାଇ ଲେଖିବା । ଉଭୟ ଦୁଇ ଅଙ୍କ ସଂଖ୍ୟାର ଗୁଣଫଳ ସମାନ, ଅର୍ଥାତ୍ ୫୦୪ହିଁ ହେବ ।''

ଏଇପରି ଏଇ ଗୁଣନ ଯୋଡ଼ି ୯ ପ୍ରକାର ମଧ୍ୟରୁ ଆମେ ଅଙ୍କ ସଜାଇ ଆଣି ଦୁଇ ଅଙ୍କ ବିଶିଷ୍ଟ ଗୁଣ୍ୟ ଓ ଗୁଣକ ନେବା ଓ ତାକୁ ଗୁଣନ କଲେ ଗୁଣଫଳ ସମାନ ପାଇବା । ବୁଝିଲୁ ?''

ଝିଅ କହିଲା – ''ବୁଝି ହେଲା ନାହିଁ, ବାପା ! ଅଙ୍କ ବା ସଂଖ୍ୟା ମାଧ୍ୟମରେ ଏହାକୁ ବୁଝାଇ ଦିଅ ।'' ମୁଁ ତା' ଟିପା ଖାତାରେ ଲେଖିଲି –

୪ = ୪x୧ = ୨x୨; ଏଥିରୁ ଆମେ ୪ ଓ ୨ ନେଇ ପାଇବା ୪୨, ୧ ଓ ୨କୁ ନେଇ ୧୨ ପାଇବା, ୪୨କୁ ୧୨ରେ ଗୁଣନ କରିବା ଓ ଏମାନଙ୍କ ଅଙ୍କ ବଦଳାଇ ୨୪ ଓ ୨୧କୁ ଗୁଣନ କରିବା, ଅର୍ଥାତ୍ ୪୨x୧୨ = ୨୪x୨୧ = ୫୦୪ ହେବ ।

''ଓହୋ ! ବୁଝିଗଲି ! ବୁଝିଗଲି ବେଶ୍ ମଜାଦାର ଅଛି ।'' ଝିଅ ଯେମିତି ଯାଦୁ ଦେଖାଉଥିବା ଯାଦୁକରର ଯାଦୁର କୌଶଳଟି ଠିକ୍ ଧରି ପକାଇଛି । ଠିକ୍ ସେମିତି ପାଟି କରି କୁରୁଳି ଉଠିଲା !

ମୁଁ କହିଲି – ଏଇ ପ୍ରଣାଳୀ ବା କୌଶଳ ପ୍ରୟୋଗ କରି ଆମେ ନିମ୍ନଲିଖିତ ଗୁଣନରୁ ଗୁଣଫଳ ପାଇ ପାରିବା :

୪୨x୧୨ = ୨୪x୨୧ = ୫୦୪
୬୩x୧୨ = ୩୬x୨୧ = ୭୫୬
୬୨x୧୩ = ୨୬x୩୧ = ୮୦୬
୮୪x୧୨ = ୪୮x୨୧ = ୧୦୦୮
୮୨x୧୪ = ୨୮x୪୧ = ୧୧୪୮
୯୩x୧୩ = ୩୯x୩୧ = ୧୨୦୯
୬୪x୨୩ = ୪୬x୩୨ = ୧୪୭୨

୬୩x୨୪ = ୩୬x୪୨ = ୧୫୧୨

୮୪x୨୪ = ୪୮x୪୨ = ୨୦୧୬

୯୬x୨୩ = ୬୯x୩୨ = ୨୨୦୮

୯୩x୨୬ = ୩୯x୬୨ = ୨୪୧୮

୮୬x୩୪ = ୬୮x୪୩ = ୨୯୨୪

୮୪x୩୬ = ୪୮x୬୩ = ୩୦୨୪

୯୬x୪୬ = ୬୯x୬୪ = ୪୪୦୬

ଏହିପରି ୧୪ଟି ଚମତ୍କାର ଗୁଣନର ଚମତ୍କାର ଗୁଣଫଳ ପାଇ ପାରିବା ।

''ଆରେ ବାପ୍ରେ ! ଏତେ ଗୁଡ଼ିଏ ଚମତ୍କାର ଗୁଣନର ଉଦାହରଣ ରହିଛି ! ଗତକାଲି ଗୋଟିଏ ଗୁଣଫଳ ମୋ ସାଙ୍ଗ ପାଖରୁ ଜାଣି ମୁଁ ଖୁବ୍ ଆନନ୍ଦିତ ହୋଇଥିଲି । ଆଜି ତୁମେ ଅନେକଗୁଡ଼ିଏ ଗୁଣନର ଉଦାହରଣ ଦେଇ ମୋତେ ଚମତ୍କୃତ କରି ଦେଇଛ, ବାପା ! ତୁମକୁ ଅଶେଷ ଧନ୍ୟବାଦ ।'' – ଝିଅ କହି ଉଠିଲା ଆନନ୍ଦାତିଶୟରେ; ଏକ ପ୍ରକାର ଚିତ୍କାର କରି ।

ଏପରି କାହିଁକି ହୁଏ, ତା'ର ରହସ୍ୟ ବୀଜ ଗାଣିତିକ ମାଧ୍ୟମରେ ବୁଝାଇବି କି ନାହିଁ ଚିନ୍ତା କଲି । ଝିଅ ବୁଝିଗଲା – ଆଜିର ଆଲୋଚନାକୁ ଏଇଠି ପୂର୍ଣ୍ଣଚ୍ଛେଦ ଦେବାକୁ ହେବ ।

ଏଣୁ ସେ ଖାତା କଲମ ଧରି ଉଠିଲା ତା' ପଢ଼ାଘର ଆଡ଼କୁ । ମୁଁ ବି ତାକୁ ଆଉ ବାଧ କରି ଅଧିକ କିଛି ଶୁଣିବାକୁ କହିଲି ନାହିଁ ।

❑❑❑

*(ପୃଷ୍ଠା ୫୧ର ଅବଶିଷ୍ଟାଂଶ)*

ଏକ ରଣ-କୌଶଳ ପ୍ରସ୍ତୁତ କଲେ । ରଣ-କୌଶଳ ଅନୁଯାୟୀ ସେନାକୁ ଭେଟିବା ପାଇଁ ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ପସନ୍ଦ କଲେ, ଯାହା ଥିଲା ବନ୍ଧୁର ଓ ଶକ୍ତ ଭୂମିର ପଥୁରିଆ ବନ୍ଧ୍ୟା ଅଞ୍ଚଳ – ନାମ ହେଉଛି ଗଦାରଘାଟା । ଏହା ମାଉଣ୍ଟ୍ ଆବୁର ପାଦଦେଶରେ କସାହ୍ରଦା (ବର୍ତ୍ତମାନର ସିରୋହି) ନିକଟରେ ଅବସ୍ଥିତ ଏକ ବିସ୍ତୀର୍ଣ୍ଣ କ୍ଷେତ୍ର ଏବଂ ଏହା ଥିଲା ଏକ ଅଣଓସାରିଆ ଗିରିପଥ ଯାହା ଘୋରୀ ସେନା ପାଇଁ ଥିଲା ଏକଦମ୍ ଅପରିଚିତ ଓ ଅଜଣା ଅଞ୍ଚଳ । ମାତ୍ର ରାଣୀଙ୍କ ପାଇଁ ଏହା ଥିଲା ବଡ଼ ସୁଯୋଗ ।

ଯେତେବେଳେ ଘୋରୀ କସାହ୍ରଦାରେ ପହଞ୍ଚିଲା, ରାଣୀ ଶିଶୁପୁତ୍ରକୁ ପିଠିରେ ଧାରଣ କରି ଅଶ୍ୱାରୋହଣପୂର୍ବକ ରଣକ୍ଷେତ୍ରରେ ପହଞ୍ଚି ଭୀଷଣଭାବେ ଆକ୍ରମଣାତ୍ମକ ପ୍ରତିରୋଧ କଲେ । ମାତ୍ର ଘୋରୀ ଏହି ଆକ୍ରମଣର ସମ୍ମୁଖୀନ ହୋଇପାରି ନଥିଲା । ତା'ର ସୈନ୍ୟମାନେ ପାଦରୁ ମସ୍ତକ ପର୍ଯ୍ୟନ୍ତ ନିଜକୁ ଆବୃତ କରିଥିଲେ ମଧ୍ୟ ନିଜକୁ ରକ୍ଷା କରିପାରି ନଥିଲେ । ଘୋରୀର ଅହଂକାର ଭାଙ୍ଗି ଚୁରମାର୍ ହୋଇଗଲା । ସେ ଅଳ୍ପ ସଂଖ୍ୟକ ଅଙ୍ଗରକ୍ଷୀଙ୍କ ସହ ସେଠାରୁ ପଳାୟନ କଲା ଏବଂ ଭବିଷ୍ୟତରେ ଆଉ କେବେ ବି ଗୁଜରାଟକୁ ଜୟ କରିବାକୁ ପ୍ରୟାସ କରି ନଥିଲା । ଏହି ଯୁଦ୍ଧରେ ମୋଗଲ ସେନା କୌଣସି ଲକ୍ଷ୍ୟ ହାସଲ କରି ନପାରି ବିଶୃଙ୍ଖଳିତ ଭାବରେ ପଳାୟନ କରିଥିଲେ ।

ପରବର୍ତ୍ତୀ ସମୟରେ ସେ ଉତ୍ତର ଭାରତ ଓ ପଞ୍ଜାବ ଆଡ଼କୁ ମଧ୍ୟ ଖାଇବର ଗିରିପଥ ଦେଇ ପ୍ରବେଶ କରିଥିଲା । ସେହି ପଥକୁ ଆଲେକଜାଣ୍ଡାର ମଧ୍ୟ ପରବର୍ତ୍ତୀ ସମୟରେ ବ୍ୟବହାର କରିଥିଲେ ଏବଂ ୧୫୨୬ ମସିହାରେ ବାବର ସେହି ସମାନ ପଥ ଦେଇ ଗତି କରି ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ।

ରାଣୀଙ୍କର ଏହି ବିଜୟ ବିଷୟରେ ଗୁଜରାଟୀ କବି ସୋମେଶ୍ୱର ବର୍ଣ୍ଣନା କରି କହିଛନ୍ତି ଯେ କିପରି ବାଳକ ରାଜା ମୂଳରାଜଙ୍କ ଶାସନ କାଳରେ ତୁର୍କି ଆକ୍ରମଣକୁ ପରାଜିତ କରାଯାଇଥିଲା । ଅନ୍ୟ ଜଣେ କବି ଉଦୟ ପ୍ରଭାସୁରୀ ତାଙ୍କର ''ସୁକ୍ରିତା-କୀର୍ତ୍ତି-କାଲୋଲିନି'' କବିତା ପୁସ୍ତକରେ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ କିପରି ନାଇକି ଦେବୀ ଆକ୍ରମଣକାରୀ ଘୋରୀର ମ୍ଳେଚ୍ଛ ସେନାକୁ ପରାଭୂତ କରିଥିଲେ । ଜଣେ ପାର୍ସି ଐତିହାସିକ ଫିରିଷ୍ଟା ଗୁଜରାଟୀ ସେନା ଘୋରୀକୁ କିପରି ପରାସ୍ତ କରିଥିଲେ, ତା'ର ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି ।

୨୦୨୨ ମସିହାରେ ଗୁଜରାଟୀ ଭାଷାରେ ଏକ ଐତିହାସିକ ସିନେମା ''ନାଇକି ଦେବୀ – ଯୋଦ୍ଧ୍ରୀ ରାଣୀ'' ପ୍ରସ୍ତୁତ କରାଯାଇଥିଲା । ଏଥିରେ ନାଇକି ଦେବୀ ଭୂମିକାରେ ଖୁସି ଶାହ ଚମତ୍କାର ଅଭିନୟ କରିଛନ୍ତି ।

ଭାରତ ଇତିହାସରେ ଅଦମ୍ୟ ସାହସିକତା ଓ ଦକ୍ଷ ନେତୃତ୍ୱର ପ୍ରତୀକ ଏବଂ ମୋଗଲ ଆକ୍ରମଣକାରୀଙ୍କୁ ପ୍ରତିହତ କରିଥିବା ହେ ଦୁର୍ଜୟ ଯୋଦ୍ଧ୍ରୀ ରାଣୀ ନାଇକି ଦେବୀ, ଆପଣଙ୍କୁ ଭାରତୀୟମାନଙ୍କର ବିନମ୍ର ପ୍ରଣାମ ।

[ଉତ୍ସ : ଇଣ୍ଟରନେଟ୍] ❑

ଚେତନାର ଦିଗ୍‌ବଳୟ :

# ପ୍ରାଚୀନ କାହାଣୀ ଓ ଆଧୁନିକ ଜୀବନ

ପ୍ରାଚୀନ ବିଶ୍ୱସାହିତ୍ୟର ସବୁଠାରୁ ମହନୀୟ ଐଶ୍ୱର୍ଯ୍ୟ ହେଲେ ଚାରିଗୋଟି ମହାକାବ୍ୟ : ଆଦିକବି ବାଲ୍ମିକୀଙ୍କ ରାମାୟଣ, ମହାକବି ବେଦବ୍ୟାସଙ୍କ ମହାଭାରତ ତଥା ଗ୍ରୀସ୍ ଭୂଖଣ୍ଡର ମହାକବି ହୋମରଙ୍କ 'ଇଲିଆଡ୍' ଏବଂ 'ଓଡ଼ିସେ'।

''ଇଲିଆଡ୍'' ପରିବେଷଣ କରେ ମୁଖତଃ ଏକ ଭୟାବହ ଯୁଦ୍ଧର କାବ୍ୟିକ ବିବରଣୀ । ଗ୍ରୀସ୍‌ର ଏକ ରାଜପରିବାରର ହେଲେନ୍ ନାମ୍ନୀ ଜଣେ ମହିଳାଙ୍କୁ ଅପହରଣ କରିଥିଲେ ଟ୍ରୟ ନାମକ ପାର୍ବତ୍ୟ ନଗରୀର ରାଜପୁତ୍ର ପ୍ୟାରିସ୍ । ସେତେବେଳେ ଗ୍ରୀସ୍ ଭୂଖଣ୍ଡରେ ଅନେକଗୁଡ଼ିଏ ରାଜ୍ୟ ଥିଲେ । କିନ୍ତୁ ସବୁ ରାଜ୍ୟର ରାଜାମାନେ ନିଜ ନିଜ ସୈନ୍ୟବାହିନୀ ଧରି ଏକତ୍ର ଟ୍ରୟ ଅବରୋଧ କଲେ । ଦୀର୍ଘକାଳ ଯୁଦ୍ଧ ଅନ୍ତେ ସେମାନେ ଟ୍ରୟ ଭିତରେ ପଶିବାକୁ ସକ୍ଷମ ହେଲେ ଏବଂ ହେଲେନ୍‌ଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ସେ ନଗରୀକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ ।

ଏହି ଯୁଦ୍ଧର ଅନ୍ୟତମ ପ୍ରଧାନ ଗ୍ରୀକ୍ ସେନାପତି ୟୁଲିସେସ୍ ଜଳ ପଥରେ ନିଜ ରାଜ୍ୟକୁ ଫେରିବା ବେଳେ ଗୋଟିଏ ପରେ ଗୋଟିଏ ଯେଉଁସବୁ ଲୋମହର୍ଷଣକାରୀ ଅଭିଜ୍ଞତା ଅର୍ଜନ କରିଥିଲେ, ତାହାରି ବିବରଣୀ ହେଲା ହୋମରଙ୍କ ଦ୍ୱିତୀୟ ମହାକାବ୍ୟ 'ଓଡ଼ିସେ'ର ବିଷୟବସ୍ତୁ ।

ହୋମରଙ୍କ ସମୟ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀ । କିଂବଦନ୍ତି କହେ, ସେ ଥିଲେ ଜଣେ ଅନ୍ଧ ଚାରଣ କବି । ସେ ବୁଲି ବୁଲି ମଧୁର କଣ୍ଠରେ ନିଜ ରଚନା ଆବୃତ୍ତି କରୁଥିଲେ । ଲୋକେ ମୁଗ୍ଧ ହୋଇ ଶୁଣୁଥିଲେ ଏବଂ ତାଙ୍କୁ ଯତ୍‌କିଞ୍ଚିତ୍ ଅର୍ଥ ଦାନ କରୁଥିଲେ । ସମ୍ଭବତଃ ତାଙ୍କର ଜଣେ, ଦୁଇଜଣ ଗୁଣଗ୍ରାହୀ ସହାୟକାରୀ ସହଯାତ୍ରୀ ତାଙ୍କ ଆବୃତ୍ତିକୁ ଲିପିବଦ୍ଧ କରୁଥିଲେ । ସାଧାରଣତଃ ଲୋକେ ଟ୍ରୟ୍ ଯୁଦ୍ଧକୁ ଏକ କାଳ୍ପନିକ କଥା ବୋଲି ମନେ କରୁଥିଲେ ।

କିନ୍ତୁ ଜଣେ ବିଶିଷ୍ଟ ପୁରାତତ୍ତ୍ୱବିଦ୍ ସ୍ଲିମାନ୍‌ଙ୍କର ଦୃଢ଼ ବିଶ୍ୱାସ ଥିଲା, ସେ କଥା ସତ । ହୋମରଙ୍କ ବର୍ଣ୍ଣନା ଟିକିନିଖି ଅନୁଧ୍ୟାନ କରି ସେ ଏସିଆଟିକ୍-ତୁର୍କୀ ଅନ୍ତର୍ଭୁକ୍ତ ଟ୍ରୟରେ ସଦଳବଳ ପହଞ୍ଚିଲେ ଏବଂ ସେ ପରିତ୍ୟକ୍ତ ପାର୍ବତ୍ୟ ବସତିରେ ଖନନ କାର୍ଯ୍ୟ ଆରମ୍ଭ କଲେ । ଏହା ୧୮୭୦ ମସିହାର ଘଟଣା । ଚାହୁଁ ଚାହୁଁ ଆବିଷ୍କୃତ ହେଲା ଏକଦା ସମୃଦ୍ଧ ଟ୍ରୟ ନଗରୀ । 'ଇଲିଆଡ୍'ର ବର୍ଣ୍ଣନା ସହ ତା'ର ଧ୍ୱଂସାବଶେଷ ପୂରାପୂରି ମିଶୁଥିଲା । ଖ୍ରୀଷ୍ଟପୂର୍ବ ତ୍ରୟୋଦଶ ଶତାବ୍ଦୀରେ ଗୋଟାଏ ଘମାଘୋଟ ଯୁଦ୍ଧ ଯୋଗୁଁ ସେ ନଗରୀ ନଷ୍ଟଭ୍ରଷ୍ଟ ହୋଇଯାଇ ଥିବାର ବିଜ୍ଞାନ-ସମ୍ମତ ପ୍ରମାଣ ମଧ୍ୟ ମିଳିଲା ଏବଂ ତାହା ସୁଧୀ ସମାଜକୁ ବିସ୍ମିତ କଲା ।

ଗୋଟାଏ କିଂବଦନ୍ତି ପଛରେ କିପରି ତଥ୍ୟଗତ ସତ୍ୟ ରହିଥାଏ, ସେହି କଥା ଦର୍ଶାଇବା ନିମନ୍ତେ ଏ ପ୍ରସଙ୍ଗର ଉଲ୍ଲେଖ । ଅବଶ୍ୟ ସବୁ କିଂବଦନ୍ତି ପଛରେ ତଥ୍ୟଗତ ସତ୍ୟ ଥିବ ବୋଲି କୁହାଯାଉ ନାହିଁ । ଅନେକ କାହାଣୀ ମଧ୍ୟ କିଂବଦନ୍ତି ଭାବରେ ଚାଲୁ ରହିଛନ୍ତି । କାହାଣୀଟିଏ ମନଗଢ଼ା ହୋଇପାରେ; କିଂବଦନ୍ତିଟିଏ ଅବଶ୍ୟ କୌଣସି ଐତିହାସିକ ଘଟଣା ଉପରେ ଆଶ୍ରା କରିଥାଏ । କିନ୍ତୁ ଉଭୟ କିଂବଦନ୍ତି ଏବଂ ଭଲ କାହାଣୀଟିଏ ଭିତରେ ତଥ୍ୟଗତ ନହେଲେ ବି ସୂକ୍ଷ୍ମ ସ୍ତରର ସତ୍ୟ ଲୁଚି ରହିଥାଇପାରେ । ଏକ ଉଦାହରଣ ନିଆଯାଉ : ଜଣେ ଭଦ୍ରଲୋକ ଗୋଟାଏ ଗୋରୁ ହାଟକୁ ଯାଇ ଦୁଧିଆଳୀ ଗାଈଟିଏ କିଣିଛନ୍ତି । ଗାଈ ସାଥିରେ ରହିଛି ବାଛୁରି । ଦରଦାମ ଛିଡ଼ି ଗାଈର ପଘା ଭଦ୍ରଲୋକଙ୍କ ହାତକୁ ଆସିବା ବେଳକୁ ସଞ୍ଜ ହୋଇଗଲାଣି । ହାଟ ଶୂନ୍‌ଶାନ୍ । କିନ୍ତୁ ସମସ୍ୟା ହେଲା, ଭଦ୍ରଲୋକ ଗାଈକୁ ଯେତେ ଟଣାଓଟରା ବା ଯେତେ ଠେଲାଠେଲି କଲେ ମଧ୍ୟ ଗାଈ ତାଙ୍କ ସହ ଯିବାକୁ ପ୍ରସ୍ତୁତ ନୁହେଁ । ଭଦ୍ରଲୋକ ହାଲିଆ ହୋଇ ଗଲେଣି । ସେତିକିବେଳେ ଜଣେ ସାଧୁ ତାଙ୍କ ଅବସ୍ଥା ଦେଖି କହିଲେ, ''ମୁଁ କିଛି ସାହାଯ୍ୟ କରିପାରେ ?'' ଭଦ୍ରଲୋକ ଉତ୍ତର ଦେଲେ, ''ମୁଁ ତ ପାରୁ ନାହିଁ । ତୁମେ ମୋ ତୁଳନାରେ ବହୁତ ଦୁର୍ବଳ ଦିଶୁଛ; ତୁମେ କ'ଣ କରିପାରିବ ? ହଉ ଚେଷ୍ଟାକର !''

ସାଧୁ ତତ୍‌କ୍ଷଣାତ୍ ବାଛୁରୀଟିକୁ କୋଳେଇ ନେଇ ବାଟ ଚାଲିବାକୁ ଆରମ୍ଭ କଲେ । ସଙ୍ଗେ ସଙ୍ଗେ ହମ୍ବାରଡ଼ି ଛାଡ଼ି ଗାଈ ତାଙ୍କୁ ଅନୁସରଣ କଲା । କୃତଜ୍ଞ ଭଦ୍ରଲୋକଙ୍କ ବାହୁଯୁଗଳ ଉପରେ ବାଛୁରୀଟିକୁ ଥୋଇ ସାଧୁ ନିଜ ବାଟରେ ଚାଲିଗଲେ ।

କ'ଣ ଏ କାହାଣୀଟିର ମହତ୍ତ୍ୱ ? ଅନେକ ସମସ୍ୟା ବହୁତ ଜଟିଳ ମନେ ହେଲେ ବି ସେସବୁର କିଛି ସରଳ ସମାଧାନ ଥାଇପାରେ । ଗଳ୍ପଟିରେ ଭଦ୍ରଲୋକ ଜଣକ ତାଙ୍କ ସାଂସାରିକ ବୁଦ୍ଧି ଓ ବଳ ଯୋଗେ ସମସ୍ୟାଟିର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି । ସାଧୁଟି ଏଠାରେ ଏକ ମହତ୍ତର ବୋଧଶକ୍ତିର ପ୍ରତୀକ । ବୁଦ୍ଧି ଓ ଯୁକ୍ତିର କୋଳାହଳ ଶାନ୍ତ ନହେଲେ ଆମ ଚେତନା-ଗହନରୁ ସେ ମହତ୍ତର ବୋଧଶକ୍ତିର ମୃଦୁଧ୍ୱନି ଶୁଭେ ନାହିଁ ।

ଜର୍ମାନୀରେ ଥିବା ଜଣେ ମନୋବୈଜ୍ଞାନିକ ଡ. ପାସେଚ୍‌କିଆନ୍ ପ୍ରାଚ୍ୟ ଭୂମିର ଏହିଭଳି ସୁପ୍ରାଚୀନ କାହାଣୀସବୁକୁ ତାଙ୍କ ଚିକିତ୍ସା ପଦ୍ଧତିର ଅନ୍ତର୍ଭୁକ୍ତ କରିଛନ୍ତି । ତାଙ୍କର ଅଭିଜ୍ଞତା ହେଲା, ମାନସିକ ବିକଳତା-ପୀଡ଼ିତ ବ୍ୟକ୍ତିମାନଙ୍କ ମନରେ ଏଭଳି କାହାଣୀସବୁର ପ୍ରଭାବ ଅତ୍ୟନ୍ତ ଶୁଭଙ୍କର ।

ପ୍ରଜ୍ଞା କେବେ ପୁରୁଣା ହୁଏନା । ଆମ ଆଧୁନିକ ଜୀବନରେ ଏସବୁ ପ୍ରାଚୀନ କାହାଣୀର ହିତକାରୀ ଭୂମିକା ତାହାହିଁ ଦର୍ଶାଉଛି ।

**— ମନୋଜ ଦାସ** ❑

## ଈଶ୍ୱରଙ୍କ ବିଚାର

ଜଣେ ଉଚ୍ଚକୋଟୀର ଅଧ୍ୟାତ୍ମମାର୍ଗୀ ବ୍ୟକ୍ତିଙ୍କୁ ତାଙ୍କ ବନ୍ଧୁ ପଚାରିଲେ — ତୁମେ ଗଭୀର ଭାବେ ଈଶ୍ୱର ବିଶ୍ୱାସୀ । ଏଣେ ତୁମ ଜୀବନରେ କେତେ ଦୁଃଖକଷ୍ଟ ଆସୁଛି, ଯାଉଛି — ଏଥିରେ ତୁମ ଈଶ୍ୱର ବିଶ୍ୱାସ ଦୋହଲି ଯାଉ ନାହିଁ ?

ଭଦ୍ରଲୋକ କହିଲେ — ପଚାରିଲଣି ଯେତେବେଳେ ମୋଠାରୁ କଥାଟିଏ ଶୁଣ । ଥରେ ଶ୍ରେଣୀର ପିଲାମାନଙ୍କୁ ଗଣିତ ଶିକ୍ଷକ ଅଙ୍କଟିଏ ଦେଲେ । ଗୋଟିଏ ଖୁଆଡ଼ରେ ଦଶଟି ମେଣ୍ଢା ଥିଲେ । ତା' ଭିତରୁ ଚାରିଟି ମେଣ୍ଢା ଖୁଆଡ଼ର ବାଡ଼ ଡେଇଁ ବାହାରି ଗଲେ । ଆଉ କେତେଗୋଟି ମେଣ୍ଢା ରହିଲେ ? ପିଲାମାନେ ଅଙ୍କ କଷି ଉତ୍ତର ଦେଲେ । ସରଳ ଉତ୍ତର ଥିଲା ଛଅ । ସମସ୍ତଙ୍କ ଉତ୍ତର ଠିକ୍ ହେଲା । କେବଳ ଗୋଟିଏ ଗାଉଁଲି ପିଲା ଉତ୍ତର ଭୁଲ୍ ଲେଖିଥିଲା ।

ଶିକ୍ଷକ ତାକୁ ପାଖକୁ ଡାକି ପଚାରିଲେ — ଦଶଟି ମେଣ୍ଢାରୁ ଚାରିଟି ବାହାରି ଗଲା ପରେ ରହିଲେ ଶୂନ ? ଏଇ ଗଣିତ ମୁଁ ତୋତେ ପଢ଼ାଇଛି ?

ପିଲାଟି କହିଲା — ଆପଣ ଗଣିତ ଜାଣିଛନ୍ତି ସତ, କିନ୍ତୁ ମେଣ୍ଢାଙ୍କୁ ଜାଣି ନାହାନ୍ତି । ମୁଁ ମେଣ୍ଢାମାନଙ୍କୁ ଭଲ ଭାବେ ଜାଣେ । ଦଶଟା ମେଣ୍ଢାରୁ ଚାରିଟି ଖୁଆଡ଼ ବାଡ଼ ଡେଇଁ ବାହାରିଯିବା ଅର୍ଥ ସମସ୍ତେ ସେଇ ବାଟେ ବାହାରି ଯିବେ ।

କଥାଟି କହିସାରି ଭଦ୍ରଲୋକ କହିଲେ — ଭଲ କାମ କଲେ ଭଲ ଫଳ ମିଳିବ — ଏ ବିଚାର ହେଉଛି ଗୋଟିଏ ଗଣିତସୁଲଭ ବିଚାର । ମୁଁ ସେ ଗଣିତ ଜାଣେ ନାହିଁ । କିନ୍ତୁ ମୁଁ ଈଶ୍ୱରଙ୍କୁ ଜାଣେ ଯେ ଗଣିତସୁଲଭ ବିଚାରରେ ସେ କିଛି ଦିଅନ୍ତି ନାହିଁ । ମୋ ଉପରେ କଷ୍ଟ ପଡ଼ିଲା ବୋଲି ମୁଁ ଦୃଢ଼ ହେଲି । ମୋ ବିଚାରରେ ମୋତେ କଷ୍ଟ ଦେଇ ଈଶ୍ୱର ମୋତେ ଦୃଢ଼ତା ଦେଇଛନ୍ତି । ଏହା କ'ଣ କମ୍ କଥା ?

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com


**Vol. LVII, No. 5** **R.N.I. No. 18163/70.**
Navaprakash (Monthly), May, 2026 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26


## ବିଶେଷ ସୂଚନା :

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୬୪୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**